

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର, ୧୭ ସେପ୍ଟେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 17 SEPTEMBER 2022
Vol.No. 35 ■ No. 245 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022





ପ୍ରକାଶକ :
ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ବାଲେଶ୍ୱର-୧



ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ
ପ୍ରାପ୍ତିସ୍ଥାନ
ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର
ନଲେଜ୍ କର୍ଣ୍ଣର୍, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା
ବାଲେଶ୍ୱର-୧


# ଗୋଟିଏ ମଞ୍ଚରେ ଜିନପିଙ୍ଗ ଓ ମୋଦୀ



ନୂଆଦିଲ୍ଲୀ, ୧୬/୦୯ : ଏସସିଓ ମଞ୍ଚରେ ଆଜି ଦେଖିବାକୁ ମିଳିଛି କିଛି ଅଲାଗ ଚିତ୍ର । ଗୋଟିଏ ମଞ୍ଚରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗ ଠିଆ ହୋଇଥିଲେ ବି କେହି କାହାରିକୁ ଅନାଇ ନାହାଁନ୍ତି କି ହାତ ମିଳାଇ ନାହାଁନ୍ତି । ଆଉ ଏଥିରୁ ଅନୁମାନ କରିପାରୁଥିବେ ଭାରତ-ଚୀନ ସମ୍ପର୍କ କିପରି ରହିଛି । ଆଉ ଆଗକୁ ଏହା କଣ ହେବାକୁ ଯାଉଛି । ନିକଟରେ ଲଦାଖର ଗୋଗ୍ରା ଓ ହଟ ସ୍ପ୍ରିଙ୍ଗ ଅଂଚଳରୁ ଉଭୟ ଚୀନ ଓ ଭାରତର ସେନା ସମ୍ପୂର୍ଣ୍ଣ ଭାବେ ପଛକୁ ହଟିଛନ୍ତି । ଏହାପରେ ଏହି ବୈଠକ ବସିଛି । ତେଣୁ ଭାରତ ଏବଂ ଚୀନର ଆଭିମୁଖ୍ୟ କିପରି ରହିବ ତାହା ନଜର ରହିଥିଲା । ତେବେ ବୈଠକ ପୂର୍ବରୁ ଜିଏସଆଇରେ ସାମିଲ ହେବାକୁ ଚୀନ୍ ପ୍ରସ୍ତାବ ଦେଇଛି । ଆଉ ଭାରତ ଏହାକୁ ପ୍ରତ୍ୟାଖାନ କରିଥିବା ସୂଚନା ରହିଛି । ଚୀନ୍ ବିସ୍ତାରବାଦି ନୀତିକୁ ଆଗକୁ ନେବାକୁ ଚାହୁଁଛି । କିନ୍ତୁ ପଡୋଶୀ ଦେଶର ସହଯୋଗ ବିନା ଆଗକୁ ଯିବା ମଧ୍ୟ ସହଜ ନୁହେଁ ତେଣୁ ଉଜବେକିସ୍ତାନରେ ଚାଲିଥିବା ସାଂଘାଇ କର୍ପୋସନ ଅର୍ଗାନାଇଜେସନ ବା ଏସସିଓ ବୈଠକ ପୂର୍ବରୁ ଜିଆସଆଇ ଗଠନ ପାଇଁ ପ୍ରସ୍ତାବ ଦେଇଥିଲା। ଯାହାକୁ ଭାରତ ସମେତ ଅନେକ ଦେଶ ସହମତି ପ୍ରକାଶ କରି ନାହାନ୍ତି । ତେବେ ଜିଏସଆଇ କ'ଣ ? ଚୀନ୍ କାହିଁକି ଚାହୁଁଛି ଜିଏସଆଇ ? ଜିଏସଆଇ: ଗ୍ଲୋବାଲ ସିକ୍ୟୁରିଟି ଇନିସିଏଟିଭ୍, ଏପ୍ରିଲ ୨୦୨୨ରେ ଜିଏସାଇ ପ୍ରସ୍ତାବ ଦେଇଥିଲେ ଜିନ୍ ପିଙ୍ଗ୍, ସୀମା ସୁରକ୍ଷା ଏବଂ ବ୍ୟବସାୟ ବୃଦ୍ଧି, ବିବାଦର ସମାଧାନ ରହିଛି ଉଦ୍ଦେଶ୍ୟ, ପାଶ୍ଚାତ୍ୟ ଦେଶର ପ୍ରଭାବକୁ ରୋକିବାକୁ ଜିଏସଆଇ କାମ କରିବ, 'କ୍ୱାର୍ଡ' ବିରୋଧରେ ଏହି ସଂଗଠନ ତିଆରି କରିବାକୁ ଚାହୁଁଛି ବେଜିଂ, ଭାରତ, ଅଷ୍ଟ୍ରେଲିଆ, ଜାପାନ ଏବଂ ଆମେରିକା 'କ୍ୱାର୍ଡ' ସଦସ୍ୟ, ଚୀନକୁ ଚେକ୍ ଦେବାକୁ ତିଆରି ହୋଇଛି 'କ୍ୱାର୍ଡ', ଚୀନ୍ ଏବେ 'ଜିଏସଆଇ' ଜରିଆରେ 'କ୍ୱାର୍ଡ'କୁ ଘେରିବାକୁ ଚାହୁଁଛି, ଏଥିପାଇଁ ଭାରତର ସହଯୋଗ ଆବଶ୍ୟକ କରୁଛି ବେଜିଂ, ଚୀନ ପ୍ରଶାନ୍ତ ମହାସାଗରରେ ନିଜର ସାମରିକ ଶକ୍ତି ବୃଦ୍ଧି କରିବାକୁ ଯୋଜନା କରୁଛି । କିନ୍ତୁ କ୍ୱାର୍ଡ ଦେଶର ସାମିରକ ଶକ୍ତି ସକ୍ରିୟ ଥିବାରୁ ଚୀନ୍ ଆଗକୁ ବଢିବା ସମ୍ଭବ ହୋଇପାରୁନି । ଯାହା ଚୀନର ବିସ୍ତାରବାଦୀ ନୀତିକୁ ସଫଳ କରାଇ ଦେଉନି ।

# ସ୍କଟଲ୍ୟାଣ୍ଡ ଯୁବକଙ୍କ ପ୍ରେମରେ ଫସି ହରାଇଲେ ୭.୯୫ ଲକ୍ଷ




କଟକ, ୧୬/୦୯ (ନି.ପ୍ର): ଇନ୍‌ଷ୍ଟଗ୍ରାମରେ ମନ ଦିଆନିଆ। ସ୍କଟଲ୍ୟାଣ୍ଡ ଯୁବକଙ୍କ ପ୍ରେମରେ ଫସିଗଲେ କଟକ ଯୁବତୀ । ଯୁବକ ଜଣକ ପଠାଇଥିବା ଗିଫ୍ଟ ପାଇବାକୁ ଯୁବତୀ ପ୍ରାୟ ୮ ଲକ୍ଷ ଟଙ୍କା ହରାଇବା ପରେ ଜେତେବେଳେ ଜାଣିଲେ ସେ ସାଇବର ଲୁଟ୍‌ର ଶିକାର ହୋଇଛନ୍ତି, ସେତେବେଳକୁ ତାଙ୍କ ହୋସ୍ ଉଡ଼ି ଯାଇଥିଲା । ଏନେଇ ଆଜି ସମ୍ପୃକ୍ତ ଯୁବତୀ କଟକ ସାଇବର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ହନିଟ୍ରାପରେ ଫଶିଥିବା ଯୁବତୀ ଜଣକ କଟକ ବିଡାନାସୀ ଅଞ୍ଚଳର। ଏନେଇ କଟକ ସାଇବର ଥାନା ଇନିସପେକ୍ଟର ଚନ୍ଦ୍ରିକା ସ୍ୱାଇଁ କହିଛନ୍ତି, ଅଭିଯୁକ୍ତ ଜଣକ ପ୍ରଥମେ ନିଜକୁ ସ୍କଟଲାଣ୍ଡର ମହମ୍ମଦ ଡାନିଏଲ ବୋଲି ନିଜ ପରିଚୟ ଦେଇ ଯୁବତୀଙ୍କ ପାଖକୁ ଇନଷ୍ଟାଗ୍ରାମରେ ଫ୍ରେଣ୍ଡ ରିକ୍ୟୁଏଷ୍ଟ ପଠାଇଥିଲେ। ଯୁବତୀ ଜଣଙ୍କ ଫ୍ରେଣ୍ଡ ରିକ୍ୟୁଏଷ୍ଟ ଗ୍ରହଣ କରିବା ପରେ ଉଭୟଙ୍କ ମଧ୍ୟରେ ଚାଟିଂ ଓ ଚାଟିଂରୁ ବନ୍ଧୁତା ହୋଇଥିଲା। ଅଭିଯୁକ୍ତ ଲଣ୍ଡନରେ ଜଣେ ସିପ୍ ମ୍ୟାନେଜର ଭାବେ କାମ କରୁଥିବା ଉଲ୍ଲେଖ କରିଥିଲାବନ୍ଧୁତା ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଏହାପରେ ଯୁବକ ଜଣଙ୍କ ଯୁବତୀଙ୍କୁ ବିବାହ କରିବାର ପ୍ରସ୍ତାବ ଦେଇଥିଲେ। ପ୍ରସ୍ତାବରେ ଯୁବତୀ ରାଜି ହେବା ପରେ, ତାଙ୍କ ଠିକଣା ନେଇଥିଲା। ଏହି ଠିକଣାରେ ଅଭିଯୁକ୍ତ କିଛି ଗିଫ୍ଟ ଡେଲିଭରି କମ୍ପାନୀ ଜରିଆରେ ପଠାଇଥିବା ଯୁବତୀଙ୍କୁ କହିଥିଲା। ଗିଫ୍ଟ ଭିତରେ କିଛି ▶▶ପୃଷ୍ଠା ୭

# ଓଡ଼ିଶାର ବିଶିଷ୍ଟ ଚିତ୍ରଶିଳ୍ପୀ ଓ କବି ଅଶୋକ ମହାନ୍ତିଙ୍କ ପରଲୋକ



ଭଦ୍ରକ, ୧୬/୦୯ (ନି.ପ୍ର): ଓଡ଼ିଶାର ବିଶିଷ୍ଟ ଚିତ୍ରଶିଳ୍ପୀ ଓ କବି ଅଶୋକ ମହାନ୍ତିଙ୍କ ଆଜି ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ ଏବଂ ନିଜ ଜଗନ୍ନାଥପୁରସ୍ଥିତ ବାସଭବନରେ ରହି ଚିକିତ୍ସିତ ହେଉଥିଲେ। ଆଜି ସକାଳ ୬.୩୦ ମିନିଟ୍ ସମୟରେ ତାଙ୍କର ଦେହାନ୍ତ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୬୭ ବର୍ଷ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ପତ୍ନୀ ଓ ପରିବାର ବର୍ଗ ଉପସ୍ଥିତ ଥିଲେ। ସ୍ୱର୍ଗତଃ ମହାନ୍ତିଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଭଦ୍ରକ ସହରରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ଜଗନ୍ନାଥପୁର ବାସଭବନକୁ ବହୁ ସାହିତ୍ୟିକ, ବୁଦ୍ଧିଜୀବୀ ଓ ଚିତ୍ରଶିଳ୍ପୀ ତାଙ୍କର ଶେଷ ଦର୍ଶନ ପାଇଁ ଆସିଥିଲେ। ବାଲେଶ୍ୱର, ସୋର, ବାସୁଦେବପୁର ଭଳି ଅଂଚଳରୁ ମଧ ବହୁ ସାହିତ୍ୟିକ ତାଙ୍କର ଶେଷ ଦର୍ଶନ କରିଥିଲେ। ସ୍ୱର୍ଗତଃ ମହାନ୍ତି ଚିତ୍ରକଳା ଶିକ୍ଷା ସମାପ୍ତି ପରେ ଜଣେ କଳା ଶିକ୍ଷକ ଭାବେ ପ୍ରଥମେ ତିହିଡି ବାଳିକା ବିଦ୍ୟାଳୟରେ କାର୍ଯ୍ୟ କରି ପରବର୍ତ୍ତୀ ସମୟରେ ଭଦ୍ରକ ବାଳିକା ବିଦ୍ୟାଳୟରେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିଲେ। ତାଙ୍କର ଦୁଇପୁଅ ଓ ଝିଅ ଅଛନ୍ତି। ତାଙ୍କର ଜନ୍ମସ୍ଥାନ ତିହିଡି ଥାନା ଅନ୍ତର୍ଗତ ପାଳିଆବିନ୍ଧା ଗ୍ରାମରେ। ସେ ଚିତ୍ରକଳାରେ ଉତ୍କର୍ଷତା ପାଇଁ ଓଡ଼ିଶା ଲଳିତ କଳା ଏକାଡେମୀ ଠାରୁ ଆରମ୍ଭ କରି ବହୁ ଆଂଚଳିକ ଓ ଜାତୀୟ ସଂସ୍ଥା ଦ୍ୱାରା ପୁରସ୍କୃତ ହୋଇଥିଲେ। ଚିତ୍ରକଳା ଛଡା ସେ ଜଣେ କବି ଭାବରେ ବେଶ୍ ପରିଚିତ। 'ପ୍ରିୟତମା'ର କବି ଭାବରେ ତାଙ୍କୁ ପାଠକମାନେ ଚିହ୍ନିଥିଲେ। ସେ ଅନେକ ଅନୁଷ୍ଠାନ ଦ୍ୱାରା ସମ୍ମାନିତ ଓ ସମ୍ବର୍ଦ୍ଧିତ ହୋଇଥିଲେ। ଭଦ୍ରକର ବହୁ ସାହିତ୍ୟ ଅନୁଷ୍ଠାନ ସହିତ ସେ ସଂପୃକ୍ତ ଥିଲେ। ଜଣେ ମେଳାପି, ବନ୍ଧୁବତ୍ସଳ ଓ ଅମାୟିକ ମଣିଷ ଭାବରେ ସମସ୍ତଙ୍କୁ ଭଲ ପାଉଥିଲେ। ତାଙ୍କ ଶେଷଦର୍ଶନ ପାଇଁ ଭଦ୍ରକ ଅଂଚଳର ବହୁ ବିଶିଷ୍ଟ ବ୍ୟକ୍ତି ଜଗନ୍ନାଥପୁର ବାସଭବନରେ ପହଞ୍ଚି ତାଙ୍କ ମରଶରୀରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ଯୁଗଳ କିଶୋର ପଟ୍ଟନାୟକ ଟେଲିଫୋନ୍ ଯୋଗେ ନିଜର ଶୋକ ବ୍ୟକ୍ତ କରିଥିଲେ। ଡାକ୍ତର ପୂର୍ଣ୍ଣଚନ୍ଦ୍ର ଦାସ, ଡାକ୍ତର ଦୁର୍ଯ୍ୟୋଧନ ଦାସ, ଡାକ୍ତର ସତ୍ୟଭାମା ଦାସ, ପ୍ରଫେସର ଡ. ଶଶଧର ଦାସ, ଡ. ଶରତ ଚନ୍ଦ୍ର ଦାସ, ଅଭୟ ଦ୍ୱିବେଦୀ, ରତିକାନ୍ତ ବେହେରା, ରତିକାନ୍ତ ଦାସ, ଧାମନଗରର ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ଅଜୟ ନାୟକ, ବାଲେଶ୍ୱରରୁ କବି ଶ୍ରୀଦେବ, ଝରଣା ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ପ୍ରମୋଦ ରାୟ ପ୍ରମୁଖ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ମର ଶରୀରକୁ ନିଜ ଜନ୍ମସ୍ଥାନ ପାଳିଆବିନ୍ଧାକୁ ନିଆଯାଇ ଶେଷକୃତ୍ୟ ସଂପନ୍ନ କରାଯାଇଛି।

# ଅନ୍ଧାର ଭିତରକୁ ଚାଲିଗଲା ୟୁକ୍ରେନ ଫେରନ୍ତା ମେଡିକାଲ୍ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ

ନୂଆଦିଲ୍ଲୀ, ୧୬/୦୯ : ୟୁକ୍ରେନରୁ ଫେରିଥିବା ଡାକ୍ତରୀ ଛାତ୍ରଛାତ୍ରୀଙ୍କ ସମସ୍ୟା ବଢ଼ିଛି । ସେମାନଙ୍କୁ ଭାରତରେ ପଢ଼ିବାକୁ ମିଳିବନି ସୁଯୋଗ । ଏକଥା କେନ୍ଦ୍ର ସରକାର ସ୍ପଷ୍ଟ କରିଛନ୍ତି । ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କରି କେନ୍ଦ୍ର ସରକାର କହିଛନ୍ତି, ୟୁକ୍ରେନ ଫେରନ୍ତା ମେଡିକାଲ ଛାତ୍ରଙ୍କୁ ଭାରତୀୟ ଶିକ୍ଷାନୁଷ୍ଠାନରେ ନାମଲେଖା ନେଇ ଜାତୀୟ ମେଡିକାଲ କମିସନରେ ସେଭଳି କୌଣସି ବ୍ୟବସ୍ଥା ନାହିଁ । ୟୁକ୍ରେନରୁ ଭାରତକୁ ଫେରିବା ସମୟରେ ୟୁକ୍ରେନ୍ ଫେରନ୍ତା ମେଡିକାଲ ଛାତ୍ରଙ୍କୁ ସ୍ୱାଗତ କରିଥିଲେ ମନ୍ତ୍ରୀ ସ୍ମୃତି ଇରାନୀ । କେବଳ ଏତିକି ନୁହଁ ପ୍ରଧାନମନ୍ତ୍ରୀ ବି ଏହି ଛାତ୍ରଛାତ୍ରୀଙ୍କୁ ଭେଟିଥିଲେ । ଆଗାମୀ ଦିନରେ ଭାରତର ପ୍ରତ୍ୟେକ ଜିଲ୍ଲାରେ ମେଡିକାଲ କଲେଜ କରାଯିବ ବୋଲି କହିଥିଲେ ମୋଦୀ । ପ୍ରଧାନମନ୍ତ୍ରୀଙ୍କ ଠାରୁ ଏପରି କଥା ଶୁଣି ଭବିଷ୍ୟତ ନେଇ ଆଶ୍ୱସ୍ତ ହୋଇଥିଲେ ୟୁକ୍ରେନ୍ ଫେରନ୍ତା ମେଡିକାଲ ଛାତ୍ରଛାତ୍ରୀ । କିନ୍ତୁ ୭ ମାସ ଭିତରେ ସବୁକିଛି ବଦଳିଯାଇଛି । ଅବଶିଷ୍ଟ ପାଠପଢା ଭାରତର ମେଡିକାଲ କଲେଜରେ ପଢିବା ପାଇଁ ଛାତ୍ରଛାତ୍ରୀ ଗୁହାରି କରୁଥିବାବେଳେ ଏହାକୁ ଅଗ୍ରାହ୍ୟ କରି ଦେଇଛନ୍ତି କେନ୍ଦ୍ର ସରକାର । ଏ ପ୍ରସଙ୍ଗରେ ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କରିଛନ୍ତି କେନ୍ଦ୍ର ସରକାର । ସତ୍ୟପାଠରେ ଉଲ୍ଲେଖ କରିଛନ୍ତି ଯେ ୟୁକ୍ରେନ ଫେରନ୍ତା ମେଡିକାଲ ଛାତ୍ରଙ୍କୁ ଭାରତୀୟ ଶିକ୍ଷାନୁଷ୍ଠାନରେ ନାମଲେଖା ନେଇ ଜାତୀୟ ମେଡିକାଲ କମିସନରେ ସେଭଳି କୌଣସି ବ୍ୟବସ୍ଥା ନାହିଁ । ଯଦି ସେମାନଙ୍କୁ ନାମଲେଖା ପାଇଁ ଅନୁମତି ମିଳିବ, ତାହେଲେ ଭାରତୀୟ ଶିକ୍ଷା ସ୍ତର ବିଗିଡ଼ିଯିବ । କେନ୍ଦ୍ର ସରକାରଙ୍କ ଏବଳି ନିଷ୍ପତି ଜାଣିବା ପରେ ଚିନ୍ତାରେ ପଡିଯାଇଛନ୍ତି ଛାତ୍ରଛାତ୍ରୀ ।

# ମାଟିରେ ମିଶିଲା କିଶୋର ଭାଇନା ହୋଟେଲ



ଭୁବନେଶ୍ୱର,୧୬/୦୯ (ନି.ପ୍ର): ମାଟିରେ ମିଶିଛି ଆଚାର୍ଯ୍ୟ ବିହାରସ୍ଥିତ ଦୂରଦର୍ଶନ କେନ୍ଦ୍ର ନିକଟରେ ଥିବା କିଶୋର ଭାଇନାଙ୍କ ମଟନ ହୋଟେଲ । ବିଏମସିର କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ ଏହାକୁ ବେଖାତିର କରି ହୋଟେଲ ଖୋଲିବା ମହଙ୍ଗା ପଡିଛି କିଶୋରଙ୍କୁ। ଶୁକ୍ରବାର ଦିନ ଉଭୟ ବିଏମସି ଓ ବିଡିଏ ମିଳିତ ଭାବେ ଚଢ଼ାଉ କରି କିଶୋର ଭାଇନାଙ୍କ ହୋଟେଲ ଉପରେ ବୁଲଡୋଜର ଚଲାଇ ଦେଇଛନ୍ତି। ଅପରପକ୍ଷରେ ବିଏମ୍‌ସି କମିଶନର ବିଜୟ ଅମୃତ କୁଲାଙ୍ଗେ କହିଛନ୍ତି ଯେ ନିର୍ଦ୍ଦିଷ୍ଟ କୌଣସି ବ୍ୟବସାୟିକ ପ୍ରତିଷ୍ଠାନକୁ ଟାର୍ଗେଟ କରାଯାଉନି। ସ୍ୱଚ୍ଛତା, ପରିମଳ, ଟ୍ରାଫିକ ସମସ୍ୟା, ଜବରଦଖଲ, ଫୁଡ୍ ଲାଇସେନ୍ସ କିମ୍ବା ଟ୍ରେଡ୍ ଲାଇସେନ୍ସ ନଥିବା ସଂସ୍ଥା ଉପରେ ଗୁରୁତ୍ୱ ▶▶ପୃଷ୍ଠା ୭

## କୋଣାର୍କ ସୂର୍ଯ୍ୟମନ୍ଦିର ସ୍ଥିତି ପରଖିଲେ ଆମିକସ୍ କ୍ୟୁରି

ପୁରୀ, ୧୬/୦୯ (ନି.ପ୍ର): ହାଇକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆମିକସ୍ କ୍ୟୁରି ଏନ.କେ. ମହାନ୍ତି ଆଜି କୋଣାର୍କ ଗସ୍ତରେ ଯାଇ ସୂର୍ଯ୍ୟମନ୍ଦିରର ସ୍ଥିତି ପରଖିଛନ୍ତି । ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସଆଇ) ଦ୍ୱାରା ହେଉଥିବା ସଂରକ୍ଷଣ କାର୍ଯ୍ୟକୁ ବୁଲି ଦେଖିଛନ୍ତି । ଗର୍ଭଗୃହରୁ ବାଲି କାଢିବା ପାଇଁ ନିର୍ମିତ ମେକାନିକାଲ ୱାର୍କିଂ ପ୍ଲାଟଫର୍ମ ମଧ୍ୟ ବୁଲି ଦେଖିଛନ୍ତି ଶ୍ରୀ ମହାନ୍ତି ।

## ସ୍କୁଲରେ କମନ୍ ଡ୍ରେନ୍‌କୋଡ଼ ଲାଗୁ କରିବାର ଦାବି ଉପରେ ସୁପ୍ରିମ କୋର୍ଟର ଶୁଣାଣୀକୁ ନା

ନୂଆଦିଲ୍ଲୀ, ୧୬/୦୯ (ନି.ପ୍ର): ସୁପ୍ରିମ କୋର୍ଟ ସ୍କୁଲରେ କମନ୍ ଡ୍ରେସ୍ କୋଡ଼ ଲାଗୁ କରିବାର ଦାବି କରିଥିବା ଆବେଦନ ଉପରେ ଶୁଣାଣୀ କରିବାକୁ ନା କରିଛନ୍ତି । ଜଷ୍ଟିସ୍ ହେମନ୍ତ ଗୁପ୍ତାଙ୍କ ଅଧ୍ୟକ୍ଷତା ବାଲା ବେଂଚ କହିଛି ଯେ ଏପରି ସମସ୍ୟା ନାହିଁ ଯାହା ଉପରେ କୋର୍ଟ ଫୈସଲା କରନ୍ତୁ।

# ଝାରସୁଗୁଡ଼ାରେ ମର୍ମନ୍ତୁଦ ଦୁର୍ଘଟଣା : ୪ ଜଣ ମୃତ, ୨୦ରୁ ଅଧିକ ଯାତ୍ରୀ ଆହତ



ଭୁବନେଶ୍ୱର,୧୬/୦୯ (ନି.ପ୍ର): ଝାରସୁଗୁଡ଼ା ବାଇପାସ୍ ନିକଟରେ ମର୍ମନ୍ତୁଦ ଦୁର୍ଘଟଣା । ଦୁର୍ଘଟଣାରେ ୪ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦ରୁ ଅଧିକ ଯାତ୍ରୀ ଆହତ ହୋଇଥିବା ସୂଚନା ମିଳିଛି । ୬ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ବିଜୁ ଏକ୍ସପ୍ରେସ୍ ୱେରେ ଏହି ଦୁର୍ଘଟଣା ଘଟିଛି । ଆଜି ସଂଧ୍ୟା ୭ଟା ସମୟରେ ଠେଲକୋଲୋଇ ସ୍ଥିତ ଜେଏସଡବ୍ଲୁ ଭୂଷଣ ପ୍ଲାଣ୍ଟରୁ ୬୦ରୁ ଅଧିକ କର୍ମଚାରୀଙ୍କୁ ନେଇ ଏକ ବସ ଆସୁଥିଲା । କୋଇଲା ବୋଝେଇ ହୋଇଥିବା ଏକ ହାଇୱା ସରବାହଲ ନିକଟରେ ଦୁଇଟି ଗାଇକୁ ଧକ୍କା ଦେଇ ଡିଭାଇଡର ଭାଙ୍ଗି ରାସ୍ତାର ଅପରପାର୍ଶ୍ୱରେ ଯାଉଥିବା ବସକୁ ଧକ୍କା ଦେଇଥିଲା । ତେବେ ଯନ୍ତ୍ରଣାରେ ଛଟପଟ ହେଉଥିବା ଲୋକଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରାଯାଇଥିଲା । ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ବାଇପାସ୍ ରାସ୍ତାରେ ଥିବା ଏକ ଘରୋଇ ହସ୍ପିଟାଲରେ ଆହତଙ୍କୁ ଭର୍ତି କରାଯାଇଥିଲା । ଝାରସୁଗୁଡ଼ା ଜିଲ୍ଲାପାଳ ଡାକ୍ତରଖାନାରେ ପହଁଚି ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ସଂପର୍କରେ ପଚାରି ବୁଝିଛନ୍ତି ।

## ୨୦ରେ ଲଘୁଚାପ

ଭୁବନେଶ୍ୱର, ୧୬/୦୯ (ନି.ପ୍ର): ଆସନ୍ତା ୨୦ ତାରିଖ ବେଳକୁ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ୧୮ ତାରିଖ ବେଳକୁ ଉତର-ପଶ୍ଚିମ ପାର୍ଶ୍ୱବର୍ତୀ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ପରବର୍ତୀ ୪୮ ଘଂଟା ମଧ୍ୟରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ। ଫଳରେ ୧୮ରେ ଦକ୍ଷିଣ ଓଡ଼ିଶାରେ ଓ ୧୯ରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ନେଇ ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଂଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ସୁନ୍ଦରଗଡ, ଦେବଗଡ, କେନ୍ଦୁଝର, ମୟୁରଭଂଜ, ଖୋର୍ଦ୍ଧା ଓ ପୁରୀ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୧୭ରୁ ୧୮ ତାରିଖ ମଧ୍ୟରେ ସୁନ୍ଦରଗଡ, କେନ୍ଦୁଝର, ମୟୁରଭଂଜ, ଏହିସବୁ ଜିଲ୍ଲାଗୁଡିକୁ ମଧ୍ୟ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

# ଭୁବନେଶ୍ୱର ବାଲିଯାତ୍ରା ପଡିଆରେ ଚିତାକର୍ଷକ ଏୟାର ଶୋ

ଭୁବନେଶ୍ୱର,୧୬/୦୯ (ନି.ପ୍ର): ସ୍ୱାଧୀନତାର ୭୫ବର୍ଷ ପୂର୍ତି 'ଆଜାଦୀ କା ଅମୃତ ମହୋତ୍ସବ' ପାଳନ ଅବସରରେ ଶୁକ୍ରବାର ଭୁବନେଶ୍ୱର ଉପକଣ୍ଠଜରିପାଟଣା ନିକଟସ୍ଥ ବାଲିଯାତ୍ରା ପଡିଆ ଠାରେ ବାୟୁସେନାର ସୂର୍ଯ୍ୟକିରଣ ଏରୋବେଟିକ୍ ଟିମ୍ ଆକାଶମାର୍ଗରେ ଦୁଃସାହସିକ ତଥା ଚିତାକର୍ଷକ ସମରକଳା ପ୍ରଦର୍ଶନ କରିଛନ୍ତି । ସକାଳ୧୦ ଟା ୧୮ ମିନିଟ୍ ସମୟରେ ପ୍ରଦର୍ଶନୀ ସ୍ଥଳରେ ସୂର୍ଯ୍ୟକିରଣ ଟିମର ୯ଟି ହକ୍ ଏୟାର ଉଡାଜାହାଜ କୁଆଖାଇ ନଦୀ ଉପରେ ବିଭିନ୍ନ ପ୍ରକାର ସାହସିକତା ପ୍ରଦର୍ଶନର ସହ ବିମାନ ଉଡାଣ କରିଥିଲେ, ଯାହାକୁ ନଦୀର ଉଭୟ ପାର୍ଶ୍ୱରେ ଥିବା ଲକ୍ଷାଧିକ ଜନସାଧାରଣ ଉପସ୍ଥିତ ରହି ମନଭରି ଉପଭୋଗ କରିଥିଲେ । ଭାରତୀୟ ବାୟୁସେନାର ପରିଚାଳନାରେ ଓଡିଶା ରାଜ୍ୟ ପ୍ରଶାସନର ବିଭିନ୍ନ ବିଭାଗର ସହଯୋଗରେ ଏହି ଏୟାର ଶୋ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଓଡିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ସମେତ ରାଜ୍ୟ ମନ୍ତ୍ରୀମଣ୍ଡଳର ସଦସ୍ୟ, ବିଭିନ୍ନ ବରିଷ୍ଠ ପ୍ରଶାସନିକ ଅଧିକାରୀ, ଛାତ୍ରଛାତ୍ରୀ, ସ୍ଥାନୀୟ ଜନସାଧାରଣ ବହୁସଂଖ୍ୟାରେ ଯୋଗଦେଇଥିଲେ । ବିଭିନ୍ନ ବିଦ୍ୟାଳୟରୁ ଛାତ୍ରଛାତ୍ରୀମାନେ ଜାତୀୟ ପତାକା ଧରି 'ମା ତୁଝେ ସଲାମ' ଦେଶାତ୍ମବୋଧ ସଂଗୀତର ଧୂନ ତାଳେ ତାଳେ ସୂର୍ଯ୍ୟକିରଣ ଟିମ୍‌କୁ ସ୍ୱାଗତ କରିଥିଲେ । ସ୍କ୍ୱାଡର୍ଣ୍ଣ ଲିଡର ▶▶ପୃଷ୍ଠା ୭

## ଆଜି ବ୍ଲୁ ଫ୍ଲାଗ୍ ବିଚ୍‌ରେ ଏୟାର ସୋ ରିହଲସେଲ

ପୁରୀ, ୧୬/୦୯ (ନି.ପ୍ର): ଆସନ୍ତା ୧୮ ତାରିଖରେ ପୁରୀରେ ଅନୁଷ୍ଠିତ ହେବାକୁ ଥିବା ସୂର୍ଯ୍ୟକିରଣ ଏୟାର ସୋ ପାଗ ଖରାପକୁ ଦେଖି ବାତିଲ୍ ହୋଇପାରେ ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ଆଜି ଅପରାହ୍ନରେ ଏଡିଏମଙ୍କ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ତେବେ ଆସନ୍ତାକାଲି ଅର୍ଥାତ୍ ୧୭ ତାରିଖରେ ଏହି ଏୟାର ସୋ ର ରିହଲସେଲ ହେବ । ଦର୍ଶକ ମାନେ ବ୍ଲୁ ଫ୍ଲାଗ୍ ବିଚ୍ ରେ ମୁକ୍ତ ଦେୟରେ ଏହି ଏୟାର ସୋ ରିହଲସେଲ ଦେଖିପାରିବେ । ଏହା ପୂର୍ବାହ୍ନ ୧୦ଟା ୨୦ ରୁ ୧୧ଟା ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଛନ୍ତି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାହୁ ।

## ଉତର ପ୍ରଦେଶରେ ବର୍ଷାର ପ୍ରଭାବ, ଏବେ ପର୍ଯ୍ୟନ୍ତ ୧୫ ଲୋକଙ୍କ ମୃତ୍ୟୁ



ଲକ୍ଷ୍ନୌ, ୧୬/୦୯ (ନି.ପ୍ର): ଉତର ପ୍ରଦେଶରେ ପ୍ରବଳ ବର୍ଷାରେ କେତେକ ଜିଲ୍ଲାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇଯାଇଛି। ତିନିଦିନହେଲା ହେଉଥିବା ବର୍ଷାର ପ୍ରଭାବରେ ରାଜଧାନୀ ଲକ୍ଷ୍ନୌ ସମେତ କେତେକ ଜିଲ୍ଲାରେ ଏବେ ପର୍ଯ୍ୟନ୍ତ ୧୫ଜଣଙ୍କ ଜୀବନ ଗଲାଣି। ଅନେକ ଲୋକ ଆହତ ହୋଇଛି। ରାଜ୍ୟପାଳ ଦୁର୍ଘଟଣାରେ ହୋଇଥିବା ଜୀବନହାନି ଉପରେ ନିଜ ଦୁଃଖ ପ୍ରକଟ କରିଛନ୍ତି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଅଧିକାରୀଙ୍କୁ ପୀଡ଼ିତଙ୍କୁ ଯଥାସମ୍ଭବ ସାହାଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସର୍ବାଧିକ ମୃତ୍ୟୁ ଲକ୍ଷ୍ନୌରେ ହୋଇଥିବାବେଳେ ଉନ୍ନାବରେ ତିନି, କାନପୁର, ଝାନ୍ସି ଏବଂ ରାୟବରେଲୀରେ ଜଣେ ଜଣେ ଲୋକଙ୍କ ମୃତ୍ୟୁ ହୋଇଛି। ଯେତେବେଳେ କେତେକ ଲୋକ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଗୋଟିଏ ପରିବାରର ପାଂଚଜଣ ସାମିଲ ଅଛନ୍ତି। ସମସ୍ତ ଆହତଙ୍କ ଚିକିତ୍ସା ଆଖପାଖର ହସ୍ପିଟାଲରେ ଚାଲିଛି।

# ଦଶମନ୍ତପୁର କମ୍ୟୁନିଷ୍ଟ ପାର୍ଟି ଜୋନ୍ ବୈଠକ

ଜୟପୁର,୧୬/୦୯ (ନି.ପ୍ର): ଆଜି ଦଶମନ୍ତପୁର ବ୍ଲକ ଠାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ର ଜୋନ୍ ବୈଠକ ଶ୍ରୀ ପଞ୍ଚୁ କମାର ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ସମସ୍ୟା ଗୁଡ଼ିକ ଉପରେ ବାରମ୍ବାର ସମାଧାନ ପାଇଁ ଦାବି ଦିଆଯାଉଥିଲେ ମଧ ତାହା ସମାଧାନ ହେଉ ନଥିବାରୁ ସଭାରେ ଉପସ୍ଥିତ ଅଞ୍ଚଳର ଲୋକମାନେ କ୍ଷୋଭ ପ୍ରକାଶ କରିଥିଲେ । ଦୀର୍ଘ ଦିନ ଧରି ବାସହୀନ ପରିବାରକୁ ବିଜୁ ପକ୍କା ଘର ଯୋଜନା ରେ ହେଉ ବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ଯୋଗାଇ ଦେବା ପାଇଁ ଦାବି ହେଉଥିଲେ ମଧ ପ୍ରକୃତ ଗରୀବ ହିତାଧିକାରୀ ଚୟନ କରାଯାଉନାହିଁ । ବୃଦ୍ଧ ପୁରୁଷ ଓ ମହିଳା ମାନଙ୍କୁ ଭତ୍ତା ଦିଆଯାଉନାହିଁ । ଚଳିତ ବର୍ଷାରେ କ୍ଷତିଗ୍ରସ୍ତ ପରିବାର କୁ ଯାଞ୍ଚ କରି କ୍ଷତିପୂରଣ ଦେବା ପାଇଁ ବାରମ୍ବାର ଦାବି ସତ୍ତ୍ୱେ କିଛି ହେଉନାହିଁ । ଦଶମନ୍ତପୁର ଅଞ୍ଚଳରେ ଶୁଦ୍ଧ ପିଇବା ପାଣି ଅଭାବରୁ ଲୋକେ ହଇଜାରେ ମୃତ୍ୟୁବରଣ କରୁଛନ୍ତି । ଡାକ୍ତରଖାନା ରେ ସବୁ ପ୍ରକାର ଡାକ୍ତର ରହିବା ଏବଂ ଗ୍ରାମ ପଞ୍ଚାୟତ ଅଧୀନ ରେ ପ୍ରାଥମିକ ଡାକ୍ତରଖାନା ଖୋଲିବା କୁ ଦାବି ହୋଇଛି । କୋଡିଙ୍ଗା ମାଳୀ ପର୍ବତ ଖୋଳି ଖଣିଜ ପଦାର୍ଥ ନେଉଥିଲେ ମଧ ସ୍ଥାନୀୟ ଯୁବକମାନଙ୍କୁ ନିଯୁକ୍ତି ମିଳୁନାହିଁ । ମହାତ୍ମା ଗାନ୍ଧୀ ଯୋଜନା ରେ କାମ ଯୋଗାଇ ଦିଆ ଯାଉନି ଏବଂ ସେଥିରେ କାମ କରୁଥିବା ଲୋକମାନଙ୍କୁ ଦରମାଠିକ୍ରେ ଦିଆଯାଉନାହିଁ । ଆଗାମୀ ଦିନରେ ସମସ୍ତ ଗ୍ରାମ ପଞ୍ଚାୟତ ରେ ସଭା ସମିତି ଜନଜାଗରଣ ସୃଷ୍ଟି ସହିତ ପଞ୍ଚାୟତ ସ୍ତରରୁ ଆନ୍ଦୋଳନ ଆରମ୍ଭ କରି ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ଲୋଡିବା ପାଇଁ ଆହ୍ୱାନ ଦେଇଛନ୍ତି । ବ୍ଲକ୍ ଏଲ୍ ଆଇ।।ଆଜିର ସଭା ରେ ସର୍ବଶ୍ରୀ କୁମାର ଜାନୀ,ଧନ କମାର,ସିଲ୍ଲୁ ଖରୀ ,, କଣ୍ଟ ହରିଜନ , ଘନ ଗୈଡ ପ୍ରମୁଖ ,କଣ୍ଟ କମାର ଏବଂ କଣ୍ଟ କମାର ପ୍ରମୁଖ ଆଲୋଚନାରେ ଆଲୋଚନା ରେ ଭାଗ ନେଇଥିଲେ । ସମସ୍ତଙ୍କୁ କାମ , ସମସ୍ତଙ୍କୁ ମାଗଣା ଶିକ୍ଷା ଓ ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦେବା ପାଇଁ ଆଗାମୀ ଦିନରେ ଗଣ ଆନ୍ଦୋଳନ ପାଇଁ ଆହ୍ୱାନ ଦେଇଛନ୍ତି ।

# ଫୁଲବାଣୀରେ ନୂତନ ଆମିଷ ବଜାର ପାଇଁ ବିକ୍ରେତାଙ୍କ ବିରୋଧ

କନ୍ଧମାଳ,୧୬/୦୯ (ନି.ପ୍ର): ଫୁଲବାଣୀରେ ନୂତନ ଆମିଷ ବଜାର ନିର୍ମାଣ କରିଛି ପୌରପରିଷଦ । ସେଠାରେ ଫୁଲବାଣୀର ସମସ୍ତ ମାଛ,ମାଂସ ଏବଂ କୁକୁଡା ମାଂସ ବିକ୍ରେତାଙ୍କୁ,ଫୁଲବାଣୀରେ ପୁର୍ବଭଳି ସହରରର ଏଣେତେଣେ ବସି ବିକ୍ରି ନ କରି ପୌରପରିଷଦ ଦ୍ୱାରା ନିର୍ମିତ ଆମିଷ ବଜାରରେ ବସି ବିକ୍ରି କରିବାକୁ ନିର୍ଦ୍ଦେଶ ଦେଇଛି । ଫଳରେ ସହରରେ ବିଭିନ୍ନ ସ୍ଥାନରେ ବସି ଖୋଲାରେ ମାଛମାଂସ ଓ କୁକୁଡା କାଟିବାବେଳେ ଛୋଟ ପିଲାମାନଙ୍କର ସମେତ ଆମିଷ ଖାଉନଥିବା ଲୋକମାନଙ୍କ ମାନସିକ ସ୍ଥିତି ଖରାପ ହେବା ସହିତ ପରିବେଶ ମଧ୍ୟ ଆବର୍ଜନାମୟ ହେବା ଏବଂ ଦୁର୍ଗନ୍ଧରେ ଲୋକଙ୍କୁ ଯାତାୟାତରେ ବିଭିନ୍ନ ଅସୁବିଧାର ସମ୍ମୁଖିନ ହେବା ଭଳି ପରିସ୍ଥିତି ଉପୁଜୁଛି । ତେଣୁ ଏହି ଆମିଷ ବଜାରରେ ଏକାଠି ସମସ୍ତ ପ୍ରକାରର ଆମିଷ ଜିନିଷ ବିକ୍ରି କରିବାକୁ ନିର୍ଦ୍ଦେଶ ଦେଇଛି । ଏହାକୁ ବିରୋଧ କରି ଫୁଲବାଣୀର ସମସ୍ତ ଆମିଷ ବିକ୍ରେତା ମାନେ ଏକାଠି ହୋଇ ଗତ ପ୍ରାୟ ୭ ଦିନ ହେଲା ସେମାନଙ୍କର ଦୋକାନ ବନ୍ଦ କରି,ପୌରପରିଷଦ ପକ୍ଷରୁ ନିର୍ମାଣ କରାଯାଇଥିବା ନୂତନ ଆମିଷ ବଜାରରେ, ରହିଥିବା ବିଭିନ୍ନ ଅସୁବିଧା ସମ୍ପର୍କରେ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସେମାନେ ପ୍ରକାଶ କରିଥିଲେ କି ସେଠାରେ ନିର୍ମାଣ ହୋଇଥିବା ଆମିଷ ବଜାରରେ ସ୍ୱତନ୍ତ୍ର କୋଠରୀ ନଥିବା,ନିକଟରେ ଏକ ମଶାଣୀ ରହିଥିବା, ସେମାନଙ୍କର ଜିନିଷ ପତ୍ର ସେଠାରେ ସୁରକ୍ଷିତ ନରହିବା ଏବଂ ଏହା ସହିତ ଅନ୍ୟାନ୍ୟ ଅସୁବିଧା ବାବଦରେ ସୁଚନା ଦେଇଥିଲେ ।

# ମାଲକାନଗିରି ଓଟିଇଏଲ୍‌ପି ପ୍ଲସ୍ ପକ୍ଷରୁ ମେଗା ପ୍ରାଣୀ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ

ମାଲକାନଗିରି,୧୬/୦୯ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ଆଇଟିଡ଼ିଏ ସଂସ୍ଥା ପକ୍ଷରୁ ଓଟିଇଏଲପି ପ୍ଲସ୍ ପ୍ରକଳ୍ପ ଜରିଆରେ କାଲିମେଳା ବ୍ଲକର ଜାକାଲକୁଣ୍ଡି ଗ୍ରାମ ଓ ଖଇରପୁଟ ବ୍ଲକର ମାଡ଼କାପଦର ଗ୍ରାମରେ ମେଗା ପ୍ରାଣୀ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶତାଧିକ ଊର୍ଦ୍ଧ୍ୱ ଗାଈ, ଛେଳି, ମେଣ୍ଢା, କୁକୁଡ଼ା ଓ ବତକଙ୍କୁ ଟିକାକରଣ ଓ ଭିଟାମିନ୍ ଔଷଧ ବଣ୍ଟନ କରିବା ସହିତ ବହୁ ଲୋକଙ୍କୁ ରୋଗ ଏବଂ ନିରାକରଣ ବିଷୟରେ ବୁଝାଯାଇଥିଲା । ଏହି ପ୍ରାଣୀ ସ୍ୱାସ୍ଥ୍ୟ ଶିବିରରେ କାଲିମେଳା ପ୍ରାଣୀଚିକିତ୍ସା କାର୍ଯ୍ୟାଳୟ ପକ୍ଷରୁ ବି.ଭି.ଓ ଡ଼କ୍ଟର ଜିତେନ୍ଦ୍ର କୁମାର ମହାନ୍ତି, ଭି.ଏ.ଏସ୍ ଡ଼କ୍ଟର ଜଶୋବନ୍ତ କୁମୁଟି, ଏଲ.ଆଇ କେତକି ନାୟକ, ଏଲ.ଆଇ ଶଙ୍କର ପରିଜା, ଏଲ.ଆଇ ବିଶ୍ୱଜିତ୍ ମଣ୍ଡଳ, ଏସ୍‌ଏଲଏନ୍ ଡ଼ିଏସ୍ ସଂସ୍ଥା କାଲିମେଳା ଓ ପଡ଼ିଆ କ୍ଲଷ୍ଟରରୁ ଜୀବନଜୀବିକା ଅଧିକାରୀ କାଞ୍ଚନ ଦାସ ଯୋଗଦାନ କରିଥିଲେ । ସେହିପରି ଖଇରପୁଟ ବ୍ଲକ ପ୍ରାଣୀଚିକିତ୍ସା କାର୍ଯ୍ୟାଳୟ ପକ୍ଷରୁ ବି.ଭି.ଓ ଡ଼କ୍ଟର ତୁଷାର ମିଶ୍ର, ଡ଼କ୍ଟର ସୁଭମ୍ କୁମାର ପରିଡ଼ା ଓ ଖଇରପୁଟ କ୍ଲଷ୍ଟର ବିକାଶ ସଂସ୍ଥାର ପ୍ରମୁଖ ଅଧିକାରୀମାନେ ଯୋଗ ଦେଇ ସ୍ୱାସ୍ଥ୍ୟ ଶିବିରକୁ ସୂଚାରୁରୂପେ ଚଳାଇଥିଲେ । ଏହି ଦୁଇଟି ମେଗା ପ୍ରାଣୀ ସ୍ୱାସ୍ଥ୍ୟ ଶିବିରକୁ ଓଟିଇଏଲପି ପ୍ଲସ୍ ର ପିଓସିବି ପ୍ରିୟବ୍ରତ ଖମାରି ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଆନ୍ଧ୍ର ବିଇଡି ପାଇଁ ଛାତ୍ରଛାତ୍ରୀମାନଙ୍କଠାରୁ ଲକ୍ଷାଧିକ ଟଙ୍କା ହଡପ କରି ଫେରାର ଥିବା ଅଭିଯୁକ୍ତ ଗିରଫ

ଧର୍ମଶାଳା,୧୬/୦୯ (ନି.ପ୍ର): ଆନ୍ଧ୍ର ବିଇଡି କରେଇ ଦେବା ପାଇଁ ବହୁ ଛାତ୍ରଛାତ୍ରୀ ମାନଙ୍କ ଠାରୁ ଲକ୍ଷାଧିକ ଟଙ୍କା ଲୁଟ କରି ଫେରାରା ଥିବା ଅଭିଯୁକ୍ତକୁ ଧର୍ମଶାଳା ପୁଲିସ ଆଜି ଗିରଫ କରିଛି । ସୂଚନା ମୁତାବକ ଯାଜପୁର ଜିଲ୍ଲା ଧର୍ମଶାଳା ଥାନା କଣିପାଟିଆ ଗ୍ରାମର ଏଜେଂଟ ଅଭିଜିତ ଦାସ ନାମକ ଜଣେ ଯୁବକ ଆନ୍ଧ୍ର ପ୍ରଦେଶର ବିଭିନ୍ନ ଘରୋଇ ଅନୁଷ୍ଠାନରୁ ବିଇଡି ପରୀକ୍ଷା କରାଇ ସାର୍ଟିଫିକେଟ କରାଇଦେବା ପାଇଁ ଏଜେଂଟ ସାଜି ଯାଜପୁର ଓ ଭଦ୍ରକ ଆଦି ଜିଲ୍ଲାର ବହୁ ଛାତ୍ରଛାତ୍ରୀଙ୍କ ଠାରୁ ଟଙ୍କା ଠକି ନେଇଥିଲା । ଏନେଇ ଠକାମୀର ଶିକାର ହୋଇଥିବା ୪୦ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଗତ ଜୁଲାଇ ୨୧ ତାରିଖରେ ଧର୍ମଶାଳା ଥାନାରେ ଅଭିଯୋଗ କରିଥିଲେ । ଛାତ୍ରଛାତ୍ରୀମାନେ ଅଭିଯୋଗ କରିଥିଲେ ଯେ ଆନ୍ଧ୍ରରେ ବିଇଡି କରାଇ ଦେବା କହି ଧର୍ମଶାଳା ଥାନା କଣିପାଟିଆ ଗ୍ରାମର ସୁରଜିତ ଜଣେ ଜଣକା ପିଛା ୨୦ ହଜାର ଟଙ୍କା ଓ ସ୍କୁଲ କଲଜେର ସାର୍ଟିଫିକେଟ ନେଇଥିଲା । ଗତ ଜୁଲାଇ ମାସ ୨୧ ତାରିଖରେ ଆନ୍ଧ୍ରର ଏକ ଘରୋଇ ଅନୁଷ୍ଠାନରେ ପରୀକ୍ଷା ହେବା କହି ୧୯ ତାରିଖରେ ସମସ୍ତ ଛାତ୍ରଛାତ୍ରୀମାନେ ଜାରକା ଠାରେ ସକାଳୁ ଉପସ୍ଥିତ ରହି ବସରେ ଯିବା ପାଇଁ କହିଥିଲା । ଏହିଅନୁସାରେ ଗତ ଜୁଲାଇ ୧୯ ତାରିଖରେ ୪୦ ରୁଉର୍ଦ୍ଧ ଛାତ୍ରଛାତ୍ରୀ ଜାରକା ଠାରେ ପହଁଚି ବସକୁ ଅପେକ୍ଷା କରିଥିଲେ । ହେଲେ ବସ ନଆସିବାରୁ ଛାତ୍ରଛାତ୍ରୀମାନେ ନିରାଶ ହୋଇ ସୁରଜିତକୁ ଫୋନ କରିବାରୁ ତାର ସୁଇଚ ଅଫ ଆସିଥିଲା । ପରେ ଛାତ୍ରଛାତ୍ରୀମାନେ ୨୧ ତାରିଖରେ ଏସମ୍ପର୍କରେ ଥାନାରେ ଅଭିଯୋଗ କରିଥିଲେ । ଏନେଇ ପୋଲିସ ଏକ ଠକେଇ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ତେବେ ଟଙ୍କା ହଡପ କରି ଅଭିଜିତ ଆନ୍ଧ୍ର ପ୍ରଦେଶରେ ଯାଇଁ ରହୁଥିବା ବେଳେ ପୁଲିସ ତାକୁ ସେଠାରେ ଠାବ କରିଥିଲା । ପୋଲିସ ଆଜି ତାକୁ ଧର୍ମଶାଳା ଥାନାକୁ ଆଣି ଗିରଫ କରିବା ସହ କୋର୍ଟ ଚାଲାଣ କରିଛି ।

# ପୂର୍ବତନ ସରପଞ୍ଚ ସତ୍ୟଭାମାଙ୍କୁ ଶ୍ରଦ୍ଧାଞ୍ଜଳି



ବାସୁଦେବପୁର,୧୬/୦୯ (ନି.ପ୍ର): ବାସୁଦେବପୁର ବ୍ଲକ ନରସିଂହପୁର ଫଂଚାୟତର ପୂର୍ବତନ ସରପଞ୍ଚ ସତ୍ୟଭାମା ବେହେରା ଙ୍କ ର ଇତି ମଧ୍ୟରେ ପରଲୋକ ଘଟିଛି । ଏହି ଅବସରରେ ତାଙ୍କର ସ୍ୱାମୀ ସମାଜସେବୀ କମଳାକାନ୍ତ ବେହେରା,ପୁତ୍ର ସୁଜିତ ବେହେରା,ଡାକ୍ତର ଓ କବି ନରେନ୍ଦ୍ର ପ୍ରସାଦ ସାହୁ, ବ୍ଲକ ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ,ଶିକ୍ଷାବିତ ଶୈଳେନ୍ଦ୍ର ନାରାୟଣ ପାଢ଼ୀ, ଦିବାକର ନାୟକ,ଇଂ ଭାଗିରଥି ମହାପାତ୍ର, ଗଜେନ୍ଦ୍ର ପାତ୍ର, ବସନ୍ତ ପଣ୍ଡା, କବି ରତ୍ନାକର ପଣ୍ଡା, ସରପଞ୍ଚ ଗୌରାଙ୍ଗ ଚନ୍ଦ୍ର ପଣ୍ଡା, ରଙ୍ଗରାଗ ର ସମ୍ପାଦକ କବି ପ୍ରଦୀପ୍ତ ମହାନ୍ତି ,ରତିକାନ୍ତ ପଣ୍ଡା, ରମାକାନ୍ତ ଦାସ ଓ ଆତ୍ମୀୟ ସ୍ୱଜନ ଶ୍ରୀମତୀ ବେହେରା ଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ସତ୍ୟଭାମା ଜଣେ ମିଷ୍ଟଭାଷୀ ଓ ପରୋପକାରୀ ମଣିଷ ଥିଲେ ।

# ଫୁଲବାଣୀରେ ଯନ୍ତ୍ରୀଙ୍କୁ ଆକ୍ରମଣ ଘଟଣାରେ ଜଣେ ଗିରଫ

କନ୍ଧମାଳ,୧୬/୦୯ (ନି.ପ୍ର): କନ୍ଧମାଳ ଫୁଲବାଣୀ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ଙ୍କୁ ଗାଳିଗୁଲଜ, ଅସଦାଚରଣ ମାମଲାରେ ପୋଲିସ ଘଟଣା ର ମାଷ୍ଟର ମାଇଣ୍ଡ କୁହାଯାଉଥିବା ଠିକାଦାର ସୂର୍ଯ୍ୟ କାନ୍ତ ପଟନାୟକ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗତ ୬ ତାରିଖ ଦିନ ସୂର୍ଯ୍ୟ କାନ୍ତ ଓ ତାଙ୍କର କିଛି ସମର୍ଥକ ମିଶି ବିଳମ୍ବିତ ରାତିରେ ବାସଭବନ ରେ ପଶି ଗାଳିଗୁଲଜ କରିବାସହ ଭଙ୍ଗାରୁଜା ଓ ଆକ୍ରମଣ ମଧ କରିଥିଲେ । ସେହିପରି ଅଗଷ୍ଟ ୧୬ ରେ ପୂର୍ତ୍ତବିଭାଗ ର ଅନ୍ୟଜଣେ ଯନ୍ତ୍ରୀ ଙ୍କୁ ଜଣେ ଠିକାଦାର ଛୁରୀ ଭୁସି ଆକ୍ରମଣ କରିଥଲା ହେଲେ ସେହିମାମଲାରେ ପଲିସି କାହାରିକୁ ଗିରଫ କରିନାହିଁ ।

ସେହିପରି ମୁନିସିପାଲିଟି ଯନ୍ତ୍ରୀ ଇଂ. ନୀଳକଣ୍ଠ ନାୟକ ଙ୍କୁ ବାସଭବନ ସମ୍ମୁଖରେ କିଛି ଦୁର୍ବୃତ୍ତ ମାଡ଼ମାରିବା ସହ ଗାଳିଗୁଲଜ କରିଥିଲେ । ଏହି ମାମଲାରେ ମଧ ପୋଲିସ ଗିରଫ କରିନି ଏଯାଏଁ । ଅଭିଯୁକ୍ତମାନଙ୍କୁ ଗିରଫ ଦାବୀ କରି ମୁନିସିପାଲିଟି ଅଧକ୍ଷକ୍ଷ ଶ୍ରୀମତୀ ସ୍ମିତା ରାଣୀ ମହାନ୍ତି ଓ କାଉନ୍ସିଲର ମାନେ ପୋଲିସ ର ବରିଷ୍ଠ ଅଧିକାରୀଙ୍କୁ ଭେଟିଦ୍ରୁଷ୍ଟି ଆକର୍ଷଣକାରୀ ଥିଲେ । ଅପର ପକ୍ଷେ ମୁନିସିପାଲିଟି ଯନ୍ତ୍ରୀ ଜୀବନ ପ୍ରତି ବିପଦ ଦର୍ଶାଇ ଲମ୍ବା ଛୁଟିରେ ଚାଲିଯାଇଛନ୍ତି । ଫଳରେ ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ ନେଇ ସମସ୍ୟା ସୃଷ୍ଟି ହୋଇଛି ।

ଏ ନେଇ ପୋଲିସକୁ ପଚାରିବାରେ ସେ ଅତିଶୀଘ୍ର ଅଭିଯୁକ୍ତ ମାନଙ୍କୁ ଗିରଫ କରାଯିବା ନେଇ ପୋଲିସ ଯଥାସାଧ ଉଦ୍ୟମ କରୁଥିବା ନେଇ ଫୁଲବାଣୀ ଟାଉନ୍ ଥାନା ଅଧିକାରୀ ସୁଶାନ୍ତକୁମାର ସେଠୀ ସୁଚନା ଦେଇଛନ୍ତି ।

# ପୋଖରୀ ନିଲାମ କାର୍ଯ୍ୟକାରୀ ପାଇଁ ଦାବି

କେନ୍ଦ୍ରାପଡ଼ା,୧୬/୦୯ (ନି.ପ୍ର): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବିଳିକଣା ପଂଚାୟତରେ ଥିବା ଗ୍ରାମର ୨ଟି ପୋଖରୀକୁ ନିୟମ ମୁତାବକ ନିଲାମ କରାଯାଇ ଥିଲା । ପ୍ରାୟ ୨ ମାସ ପରେ ଏହି ନିଲାମକୁ ବାତିଲ କରିବାରୁ ଗ୍ରାମର ଶତାଧିକ ମହିଳା ଜିଲ୍ଲାପାଳଙ୍କୁ ଭେଟି ବାତିଲ ସଂପର୍କରେ ଅଭିଯୋଗ କରିଛନ୍ତି । ମା ହରପ୍ରିୟା ମହିଳା ସଂଘର ସଦସ୍ୟ ମାନେ ଗୋଟିଏ ପୋଖରୀକୁ ୪୨ ହଜାର ୨୦୦ ଟଙ୍କା ଓ ଦ୍ୱିତୀୟଟିକୁ ୨୮ ହଜାର ୯୦୦ ଟଙ୍କାରେ ନିଲାମ ଧରିଥିଲେ । ନିଲାମ ଧରିବା ପରେ ସମସ୍ତ ଟଙ୍କା ପରିଶୋଧ କରି ରସିଦ ହାସଲ କରିଥିଲେ । ପରେ ଅନେକ ଗୁଡିଏ ଟଙ୍କା ଖର୍ଚ୍ଚ କରି ପୋଖରୀ ଭିତରେ ଥିବା ଦଳ ଗୁଡିକୁ ସଫା କରିଥିଲେ । କୌଣସି କାରଣ ନଥାଇ ବ୍ଲକ ପ୍ରଶାସନ ଏହି ପୋଖରୀର ନିଲାମକୁ ବାତିଲ କରଥିବାରୁ ଏହା ବିରୋଧରେ ହରପ୍ରିୟା ମହିଳା ସଂଘର ଅଞ୍ଜନା ମଲିକ, ଝିଲ୍ଲୀ ମଲିକ, ଉଦଳା ମଲିକ, ସୌଦାମିନୀ ମଲିକ, ନିରୁପମା ମଲିକ ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳ ଦୁର୍ଗା ପ୍ରସାଦ ମହାରଣାଙ୍କୁ ଭେଟି ଆପତି କରିବା ସହ ବାତିଲ ଆଦେଶକୁ ରଦ୍ଦ କରି ପୂର୍ବ ଆଦେଶ କାଏମ ରଖିବା ପାଇଁ ଦାବି କରିଛନ୍ତି ।

# ୨୮ରେ ରାଜଭବନ ଆଗରେ ଧାରଣା

କେନ୍ଦ୍ରାପଡ଼ା,୧୬/୦୯ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ ମେଡିକାଲ କଲେଜ ଓ ହସପିଟାଲ ସ୍ଥାପନା କରିବା ପାଇଁ ଦାବି ଜୋରଦାର କରାଯାଇଛି । ଏନେଇ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଚଳିତ ମାସ ୨୮ ତାରିଖରେ ଭୁବନେଶ୍ୱର ସ୍ଥିତ ରାଜଭବନ ସମ୍ମୁଖରେ ଗଣଧାରଣା ଦିଆଯିବ । ଏ ଜିଲ୍ଲାର ଦାୟିତ୍ୱ ନିଜେ ମୁଖ୍ୟମନ୍ତ୍ରୀ ନେଇଥିବା ଘୋଷଣା କରିଥିବା ବେଳେ ରାଜ୍ୟରେ ୧୦ଟି ନୂଆ ସରକାରୀ ମେଡିକାଲ ହୋଇଥିବା ବେଳେ ଘରୋଇ ମେଡିକାଲ କଲେଜ ୨୦ଟି ହୋଇଅଛି । ମାତ୍ର କେନ୍ଦ୍ରାପଡାରେ ଉନ୍ନତ ସ୍ୱାସ୍ଥ୍ୟସେବା ପାଇଁ କଟକ ଭୁବନେଶ୍ୱର ଗଲାବେଳେ ଅନେକ ମୂଲ୍ୟବାନ ଜୀବନ ବାଟରେ ଯାଉଛି । କେନ୍ଦ୍ରାପଡାର ହକ ପାଇଁ ଦଳମତ ନିର୍ବିଶେଷରେ ସମସ୍ତ ସାମାଜିକ ସଂଗଠନ ମିଶି ଗଠନ କରିଥିବା କେନ୍ଦ୍ରାପଡା ମେଡିକାଲ କଲେଜ ଏବଂ ହସପିଟାଲ ପ୍ରତିଷ୍ଠା ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସେମିନାର ଜିଲ୍ଲାପାଳଙ୍କ ଅଫିସ ଆଗରେ ସମାବେଶ ଓ ପଦଯାତ୍ରା ପରେ ସେପ୍ଟେମ୍ବର ୨୮ ତାରିଖ ଦିନ ରାଜଭବନ ସମ୍ମୁଖରେ କେନ୍ଦ୍ରାପଡା ବାସୀଙ୍କ ପକ୍ଷରୁ ଏକ ଗଣ ଧାରଣା ଦିଆଯିବାର ନିଷ୍ପତି ନିଆଯାଇଛି । ଏନେଇ ଏକ ପ୍ରସ୍ତୁତି ବୈଠକ ଗୁରୁବାର ପବ୍ଲିକ ରିଡିଂ ରୁମ ଠାରେ ଅନୁଷ୍ଠିତ ହୋଇଯାଇଛି ।

# ବାସୁଦେବପୁର ଫଂଚାୟତ ସମିତିର ସାଧାରଣ ବୈଠକ



ବାସୁଦେବପୁର,୧୬/୦୯ (ନି.ପ୍ର): ବାସୁଦେବପୁର ଫଂଚାୟତ ସମିତିର ସାଧାରଣ ବୈଠକ ଟାଉନ ହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବାସୁଦେବପୁର ବ୍ଲକ ଚେୟାରମ୍ୟାନ ନଗେନ୍ଦ୍ର ବିଶ୍ୱାଳ ଏଥିରେ ସଭାପତିତ୍ୱ କରିଥିଲେ । ଭଦ୍ରକ ସାଂସଦ ମଂଜୁଲତା ମଣ୍ଡଳ,ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ବିଡ଼ିଓ ସତ୍ୟଜିତ ରାଉତ,ବିଧାୟକ ପ୍ରତିନିଧି ଅସିତ ଦାଶ, ଅତିରିକ୍ତ ତହସିଲଦାର ତାପସ ସାମଲ,ବ୍ଲକ ଉପାଧକ୍ଷା ମାଧୁରୀ ବାରିକ ପ୍ରମୁଖ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ବିଭିନ୍ନ ବିଭାଗର ଅଧିକାରୀ ମାନେ ଏହି ବୈଠକରେ ଯୋଗ ଦେଇଥିଲେ ଓ ସରକାର ଙ୍କ ବିଭିନ୍ନ କାର୍ଯ୍ୟ ଯଥା ରାସ୍ତା ଘାଟ, ପୋଲ ନିର୍ମାଣ, ଯୋଗାଣ ବିଭାଗର ସମସ୍ୟା ଓ ନୂତନ କାର୍ଯ୍ୟ ପ୍ରଣାଳୀ ସମ୍ପର୍କରେ ଆଲୋଚନା କରିଥିଲେ । ବିଭିନ୍ନ ଫଂଚାୟତ ର ସରପଞ୍ଚ ଓ ସମିତି ସଭ୍ୟ ବିଭିନ୍ନ ସମସ୍ୟା ନେଇ ପ୍ରଶ୍ନ ପଚାରିଲେ । ବାଲିଆପାଳ ଘାଟର ପୋଲ ଓ ଚାରିବାଟିଆ ପୋଲ ଖୁବ ଶୀଘ୍ର ଟେଣ୍ଡର ହେବ ବୋଲି ବିଧାୟକ ଶ୍ରୀ ରାଉତରାୟ କହିଥିଲେ । ଶେଷରେ ସହକାରୀ ଯନ୍ତ୍ରୀ ଅନିମେଶ ରାୟ ଧନ୍ୟବାଦ ଦେଇଥିଲେ ।

# ଜୁଆ ଆଡ୍ଡାରେ ଚଢ଼ଉ: ୩ ଗିରଫ

ଗଞ୍ଜାମ,୧୬/୦୯ (ନି.ପ୍ର): ଗଞ୍ଜାମ ଜିଲ୍ଲା ପାଟପୁର ଅଂଚଳରେ ଚାଲିଥିବା ଜୁଆ ଆଡ୍ଡା ଉପରେ ପୋଲିସ ଅତର୍କିତ ଚଢ଼ଉ କରି ୩ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ନଗଦ ୧୫ ହଜାର ୨୦୦ ଟଙ୍କା ଜବତ କରିଛି । ପାଟପୁର ଥାନାରେ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ ହୋଇଛି । ଗିରଫ ଅଭିଯୁକ୍ତ ମାନଙ୍କୁ ଆଜି କୋର୍ଟଚାଲାଣ କରାଯାଇଛି ।

# କବି ବନମାଳୀଙ୍କ ବିୟୋଗରେ ସ୍ମୃତିଚାରଣ ସଭା



ବାସୁଦେବପୁର,୧୬/୦୯ (ନି.ପ୍ର): ବାସୁଦେବପୁର ସହରର ମିରାକିଲ ପବ୍ଲିକ ସ୍କୁଲ ପରିସରରେ ଅବସର ର ସମ୍ପାଦକ କବି ବନମାଳୀ ବାରିକ ଙ୍କ ବିୟୋଗରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଶିକ୍ଷାବିତ ଦୁଃଶାସନ ରାଉତ ସଭାପତିତ୍ୱ କରିଥିଲେ । ଓଡ଼ିଶା ସାହିତ୍ୟ ଏକାଡେମୀ ର ସଦସ୍ୟ କବି ଭରତ ଚନ୍ଦ୍ର ଦାଶ, ସହିଦ ତୀର୍ଥଯାତ୍ରୀ ର ପ୍ରତିଷ୍ଠାତା ବୈଲୋଚନ ଜେନା,ଗୀତିକାର ପିତାମ୍ବର ମିଶ୍ର, କବି ସୁଧାଂଶୁ ଶେଖର ମିଶ୍ର, ନିତ୍ୟାନନ୍ଦ କର ପ୍ରମୁଖ ଅତିଥି ଭାବେ ଯୋଗଦେଇ କବି ସାମ୍ବାଦିକ ସ୍ୱର୍ଗତ ବାରିକ ଙ୍କ ସାହିତ୍ୟ ଓ ସାମ୍ବାଦିକ ଜୀବନ ସଂପର୍କରେ ଆଲୋଚନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ କବି ଅଭିମନ୍ୟୁ ବେହେରା, କବି ସୁଦର୍ଶନ ଅଗସ୍ତି, ସାମ୍ବାଦିକ କିଶୋର କୁମାର ମହାପାତ୍ର, କବି ପ୍ରହ୍ଲାଦ ବାରିକ,କବି ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, କବି କମଳାକାନ୍ତ କର, କବି ନିରଂଜନ ବିଶ୍ୱାଳ,କବି ଭାଗିରଥି ପଲେଇ,କବି ଶାନ୍ତିଲତା ପଣ୍ଡା,କବି ରତ୍ନାକର ପଣ୍ଡା, ଧନେଶ୍ୱର ରାଉତ,ଆଡଭୋକେଟ ସ୍ମୃତି ରଞ୍ଜନ ପଲିତା,କବି ନିରଞ୍ଜନ ସେଠୀ, ଶଶାଙ୍କ ସାହୁ,ସଦାନନ୍ଦ ପାଣିଗ୍ରାହୀ,ସାମ୍ବାଦିକ ନାରାୟଣ ପ୍ରସାଦ ବାରିକ,କବି କୈଳାସ ପାଢ଼ୀ,ସାମ୍ବାଦିକ ବୈଲୋଚନ ସାହୁ,ଗୌତମ ଦେ,କବି ସଞ୍ଜୟ ଜେନା,ସରସ୍ୱତୀ ବାରିକ, ରଙ୍ଗରାଗ ର ସମ୍ପାଦକ କବି ପ୍ରଦୀପ୍ତ ମହାନ୍ତି ପ୍ରମୁଖ ସଂକ୍ଷେପରେ ସ୍ମୃତି ଚାରଣ କରିଥିଲେ । ବାଇ ଚଢେଇ ର ସମ୍ପାଦକ କବି ବିକାଶ ଶତପଥୀ ଧନ୍ୟବାଦ ଦେଇଥିଲେ । ସ୍ୱର୍ଗତ ବାରିକ ଙ୍କ ଏକା ଦଶାହ ରେ ଏକ ସ୍ମରଣିକା ପ୍ରକାଶିତ ହେବ ବୋଲି ସ୍ଥିର ହୋଇଥିଲା ।

# ସୁବର୍ଣ୍ଣପୁର ଜ଼ିଲ୍ଲା ଟ୍ରାକ୍ଟର ମାଲିକ ସଂଘର ଆନ୍ଦୋଳନ ତୃତୀୟ ଦିନରେ

ସୁବର୍ଣ୍ଣପୁର,୧୬/୦୯ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ଟ୍ରାକ୍ଟର ମାଲିକ ସଂଘ ପକ୍ଷରୁ ଗାଡି ମାଲିକ ମାନଙ୍କ ଆନ୍ଦୋଳନ ଆଜି ତୃତୀୟ ଦିନରେ ପହଁଚିଛି । ଗତକାଲି ସହରର ରୟାଲ ପଡିଆରୁ ଏକ ବାଇକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଂଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହା ସହିତ ଗତକାଲି ଠାରୁ ସହରରେ ଚାଲୁଥିବା ଟ୍ରାକ୍ଟରଗୁଡିକ ବନ୍ଦ କରି ଦିଆଯାଇଛି । ସହରରେ ଘରୋଇ ଓ ସରକାରୀ ନିର୍ମାଣ ପାଇଁ ଟ୍ରାକ୍ଟର ଗୁଡିକ ବାଲି, ମେଟାଲ, ମୋରମ ଆଦି ଘର ତିଆରି ସାମଗ୍ରୀ ନେବା ଆଣିବା କରୁଛନ୍ତି । ହେଲେ ରାଜସ୍ୱ ଅଧିକାରୀମାନେ ଟ୍ରାକ୍ଟରଗୁଡିକୁ ଜବତ କରି ମାତ୍ରାଧିକ ସରକାରୀ ଫାଇନ ଆଦାୟ କରୁଥିବା ଅଭିଯୋଗ ହେଉଛି । ସରକାରୀ ବାଲି ଘାଟରୁ ବାଲି ଆଣିଲେ ବି ଘାଟ ଠିକାଦାର ରୟାଲଟି ଟଙ୍କା ଆଦାୟ କରି ଆବଶ୍ୟକ ପରିବହନ ଅନୁମତି ଫର୍ମ ଓ ରୟାଲଟି ରସିଦ ଦେଉନାହିଁ । ସେପଟେ ବେଆଇନ ଓ ଚୋରି ବାଲି ନାଁରେ ରାଜସ୍ୱ ଅଧିକାରୀମାନେ ଟ୍ରାକ୍ଟରଗୁଡିକୁ ଜବତ କରି ମନଇଛା ଫାଇନ ଆଦାୟ କରୁଛନ୍ତି । ଘାଟ ଠିକାଦାର ରସିଦ ଦେବା ପାଇଁ ପ୍ରଶାସନ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରାଯାଇଥିଲେ ବି କେହି ଶୁଣୁ ନ ଥିବା ଅଭିଯୋଗ ହେଉଛି । ଗୋଟିଏ ପଟେ କୋଟି କୋଟି ଟଙ୍କା ବ୍ୟାଙ୍କ ଋଣ କରି ବେକାରୀ ଯୁବକ ବା ନିରୀହ ଟ୍ରାକ୍ଟର ମାଲିକ( ବ୍ୟବସାୟୀ ) ମାନଙ୍କ ଉପରେ ପ୍ରଶାସନ ଜୁଲମ କରିଆସୁଥିବା ବେଳେ ଅନ୍ୟପଟେ କିନ୍ତୁ ପାଖ ଆଖ ଜ଼ିଲ୍ଲାର ବଡ଼ ବଡ଼ ପ୍ରଭାବଶାଳୀ ବ୍ୟକ୍ତି ନେତା ମନ୍ତ୍ରୀଙ୍କ ଚୋରା ବାଲି ଲୋଡିଙ୍ଗ ଶହ ଶହ ହାଓ୍ୱାଇ ଗାଡିକୁ ପ୍ରତିଦିନ ରାତିରେ ଛାଡି ଦେଇ ଏମାନଙ୍କ ସହିତ ପ୍ରଶାସନ ସଲା ସୁତୁରା କରିଥିବା ଅଭିଯୋଗ ହେଉଛି । ଯାହାର ପ୍ରମାଣ ହେଲା କାଲି ରାତିରେ ପାଖ ଜ଼ିଲ୍ଲାର କୌଣସି ଏକ ମନ୍ତ୍ରୀଙ୍କ ଯେଉଁ ତିନୋଟି ହାଇଓ୍ୱା ଗାଡିକୁ ପବ୍ଲିକ ସହିତ ଟ୍ରାକ୍ଟର ସଂଘ ବୁଢା ରାଜା ଛକରେ ଧରି ଜ଼ିଲ୍ଲା ପ୍ରଶାସନକୁ ହସ୍ତାନ୍ତର କରିଛି ବୋଲି ଆଲୋଚନା ହେଉଛି । ଏ ହାଇଓ୍ୱା ଗାଡି ମାଲିକଙ୍କ ବିରୁଦ୍ଧରେ କେତେ ଫାଇନ ଓ କଣ କାର୍ଯ୍ୟାନୁଷ୍ଠାନ ନିଆଯିବ ତାହା ଏବେ ରୋଚକ ଖବର ହେଇଛି ଏବଂ ବାହାର ବାଲି ଚୋରା ଗାଡିକୁ କଡାକଡ଼ି ଭାବେ ଧରପଗଡ଼ କରି ତୁରନ୍ତ ସ୍ଥାନୀୟ ଟ୍ରାକ୍ଟର ମାଲିକ ସଂଘର ଦାବୀ ସମାଧାନ ନ କଲେ ଓ ପେଟ ପାଟଣା ଉପରେ ହକ ଉପରେ ବାଧା ଦେଲେ ଟ୍ରାକ୍ଟର ବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି । ଆମେ ଗାଡି କାଗଜପତ୍ର ଯାଂଚ୍ କରି ଡିଆଇ ପିଆରଓଙ୍କ ଜରିଆରେ ସାମ୍ବାଦିକଙ୍କୁ ସୂଚନା ଦେବୁ ବୋଲି ପୂର୍ବାହ୍ନ ୧୧ଟା ରେ କିଛି ଗଣମାଧମକୁ ତହସିଲଦାର ନବୀନ ପାଢ଼ୀ କହିଛନ୍ତି । ରାତାରାତି ବଡ଼ ବଡ଼ିଆ ଲୋକଙ୍କ ଚୋରା ଚାଲାଣ ବାଲି ଗାଡି ଜାଣି ଶୁଣି ଛାଡୁ ଥିବାର ବିଷୟ ଅଭିଯୋଗ ହେଉଥିବା ମିଡ଼ିଆଙ୍କ ପ୍ରଶ୍ନରେ ଉତର ରଖି 'ମୋତେ ଯଦି ପୋଲିସ ଫୋର୍ସ ର ସୁରକ୍ଷା ଦିଆଯିବ ତାହେଲେ ୨୪ ଘଂଟା ଗାଡି ଯାଂଚ୍ କରିବି ଆଉ ସହର ବାହାର କୌଣସି ଗାଡିକୁ ଛାଡ଼ିବିନି, ଆଉ ଯାହା ସ୍ୱାର୍ଥରେ ଆଂଚ୍ ଆସିବ ସେମାନେ ଆନ୍ଦୋଳନ କରିବା ସ୍ୱାଭାବିକ ବୋଲି କହିଥିଲେ । ଏବଂ ଟ୍ରାକ୍ଟର ସଂଘର ଦାବୀ ସମାଧାନ ଦିଗରେ ଏ ଯାଏ ପ୍ରଶାସନ ଗୁରୁତର ସହିତ ବିଚାର ବିମର୍ଶ କରିନି ବୋଲି କହିଥିଲେ । ଯାହାକି ତାଙ୍କ ହାବଭାବରୁ ପ୍ରଶାସନର କିଛି ଦୁର୍ବଳତା ଓ ଅଡୁଆରେ ଥିବା ବିଷୟ ବାରି ହୋଇ ପଡୁଥିଲା ।

# ୬୧୫ କେଜି ଗଞ୍ଜେଇ ଜବତ: ୨ ଗିରଫ

ଜୟପୁର, ୧୫ ସେପଟ୍ମେର (ହି.ସ.)- ଗଞ୍ଜେଇ ଚାଲାଣ ବେଳେ ଜୟପୁର ସଦର ପୋଲିସ ଚଢଉ କରିଛି । ୬୧୫ କେଜି ଗଞ୍ଜେଇ ଜବତ କରିବା ସହ ଏହି ମାମଲାରେ ୨ ଜଣଙ୍କୁ ଗିରଫ କରିଛି । ଗିରଫ ୨ ଅଭିଯୁକ୍ତ ହେଲେ ବିହାରର ରାମ ଏକବାଲ ରାୟ (୩୫) ଓ ମୁକେଶ କୁମାର (୩୨) ଓ ପପୁ କୁମାର (୨୭) । ପୋଲିସ ସୂତ୍ରରୁ ପ୍ରାପ୍ତ ସୂଚନା ଅନୁଯାୟୀ, ବାହାର ରାଜ୍ୟକୁ ଗଞ୍ଜେଇ ଚାଲାଣ ହେଉଥିବା ଜୟପୁର ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୂଚନା ପାଇଥିଲେ । ସୂଚନା ଆଧାରରରେ କୋଟା ଛକ ନିକଟରେ ଅପେକ୍ଷା କରି ଚଢଉ କରିଥିଲେ । ବୋଲେରୋ ଓ ଇନୋଭା ଗାଡିକୁ ଯାଂଚ୍ କରିଥିଲେ । ସେଥିରୁ ୬୧୫ କେଜି ଗଞ୍ଜେଇ ଜବତ କରିଥିବା ବେଳେ ପୋଲିସ ଏହି ମାମଲାରେ ୨ ଜଣଙ୍କୁ ଗିରଫ କରିଛି । ବୋଲେରୋ ଗାଡିରେ ଥିବା ଅନ୍ୟ ୨ ଜଣ ଅଭିଯୁକ୍ତ ଚମ୍ପଟ ମାରିଥିଲେ । ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୬୧ ଲକ୍ଷ ୫୦ ହଜାର ଟଙ୍କା ହେବ । ଏନେଇ ପୋଲିସ ଏକ ମାମଲା ରୁଜୁ କରି ବୋଲେରୋ ଓ ଇନୋଭା ଗାଡିକୁ ଜବତ କରିଛି ।

ବିଶ୍ୱରଞ୍ଜନ ଦାସ

## କବି ଓ ଚିତ୍ରଶିଳ୍ପୀ ଅଶୋକ କୁମାର ମହାନ୍ତିଙ୍କ ପ୍ରତି ସମର୍ପିତ

# ଚିତ୍ରକଳା ଓ କବିତା



ଉଦ୍ଦାମ ଆବେଗ ଓ ରୂପସୃଷ୍ଟିର ବ୍ୟାକୁଳତା ଉଭୟ କବି ଓ ଚିତ୍ରକରକୁ ସର୍ଜନମନସ୍କ କରାଏ । ମନେକରନ୍ତୁ, ଜଣେ ଚିତ୍ରକର ଗଛର ଚିତ୍ର ଅଙ୍କନ କରିବାକୁ ବ୍ୟଗ୍ର । ଗଛର ରୂପଛବି ଓ ମନର ଆବେଗ ଏକ ନିର୍ଦ୍ଦିଷ୍ଟ ବିନ୍ଦୁରେ ଉପନୀତ ନହେବା ଯାଏ, ତାହା ଚିତ୍ରମୟତା ଲାଭ କରିପାରିବ ନାହିଁ । ଏଠି ଗଛ ଓ ଚିତ୍ରକର ମଧ୍ୟରେ ଥିବା ଆନ୍ତରିକ ବ୍ୟବଧାନ ଦୂରେଇଯାଏ । ଚିତ୍ରକର ଭିତରେ ପ୍ରେମ ଓ ସଦିଚ୍ଛାପଣ ନେଇ ଗଛଟି ବଢୁଥାଏ । ପକ୍ଷୀ ମଧ୍ୟ ବସା ବାନ୍ଧୁଥାଏ । ଠିକ୍ ସେମିତି କବିର ଭାବାବେଗ ଅର୍ଥପ୍ରତିପାଦିତ ଶବ୍ଦରୂପ ନନେବା ଯାଏ, କବିତାର ଫୁଲ ଫୁଟେନାହିଁ । ଭ୍ରମରର ଗୁଂଜନ ତା' କାବ୍ୟକାନନରେ ଶୁଭେନାହିଁ । ଏଣୁ ଚିତ୍ରକଳା ଓ ସଂଗୀତର ବାଙ୍ମୟ ରୂପ ହେଉଛି କବିତା । ସତ୍ୟ ଓ କଳ୍ପନାର ସମ୍ମିଶ୍ରଣରେ ଘଟେ କବିତାର କାରିଗରୀ । ନବଜୀବନର ବିସ୍ମୟ ସହିତ ବିଶ୍ୱାସନୀୟ ଉପଲବ୍ଧି କବିତାକୁ ସାର୍ବଜନୀନ କରାଏ । ମଣିଷର ଜୈବିକ ଲାଳସା ଯେତେବେଳେ ପରିମାର୍ଜିତ ହୁଏ, ସେତେବେଳେ ପ୍ରେମର କଳାତ୍ମକ ଅଭିବ୍ୟକ୍ତି ଫୁଟିଉଠେ । ଦେଶ ଓ କାଳର କ୍ଷୁଦ୍ର ପରିସୀମା ଅତିକ୍ରମ କରି ଏହା ହୁଏ ବ୍ୟାପକ । ବିଶ୍ୱପ୍ରାଣର ସୂକ୍ଷ୍ମତନ୍ତ୍ରୀକୁ ଏହା ଅପୂର୍ବ ଭାବାଲୋକରେ ସନ୍ଦୀପ୍ତ କରାଏ । ବେଦନାକ୍ତ ପ୍ରାଣରେ ଭରିଦିଏ ଗଭୀର ପ୍ରାଣପ୍ରାଚୁର୍ଯ୍ୟ । ଜୀଇଁବାର ଦୁର୍ବାର ଆକାଂକ୍ଷା ଜାତହୁଏ । ସ୍ୱପ୍ନବିଧୁର ପ୍ରେମିକର ହୃଦୟରେ ଭରିଦିଏ ଅପାର୍ଥିବ ଶକ୍ତିର ଅନୁଭୂତି । ପ୍ରାଚ୍ୟ ଦେଶରୁ ଆରମ୍ଭକରି ପାଶ୍ଚାତ୍ୟ ଦେଶ ଯାଏ, ରୋମାଣ୍ଟିକ୍ ଯୁଗରୁ ଆରମ୍ଭକରି ଅତ୍ୟାଧୁନିକ ଯୁଗ ଯାଏ, ବହୁ କବି, ଭାବୁକ, ଦାର୍ଶନିକ ଓ ଚିତ୍ରଶିଳ୍ପୀ ଓ ମନୀଷୀଙ୍କ ଚି ରାଜ୍ୟରେ ତୁମୁଳ ଆଲୋଡ଼ନ ସୃଷ୍ଟିକରି ଓ ଯୁଗୀୟ ସାହିତ୍ୟ ରସରେ ରସାଣିତ ହୋଇ ପ୍ରେମ ଭିନ୍ନଭିନ୍ନ ରୂପସ । ପରିଗ୍ରହ କରିଛି । ଦେହରୁ ବିଦେହ, ରୂପରୁ ରୂପାତୀତ ଆଡ଼କୁ ପ୍ରେମ ହୋଇଛି ସଞ୍ଚରଣଶୀଳ । ଭବବନ୍ଧନର ମାୟାକାଟି ଅନେକତ୍ର ଏହି ପ୍ରେମ ପରମଭୂମାର ସନ୍ଧାନ ମଧ୍ୟ ଦେଇଛି । ମନରେ ପ୍ରେମର ଅଖଣ୍ଡ ଐକ୍ୟବୋଧ କବି ଓ କଳାକାରକୁ ପ୍ରେମିକ ରୂପରେ ଦଣ୍ଡାୟମାନ କରାଏ । ସେ ପ୍ରେମକରେ ଉଭୟ ନାରୀ ଓ ପ୍ରକୃତିକୁ । ପ୍ରକୃତିର ରୂପଶୋଭା ସାଉଁଟିବାକୁ ତା' ମନରେ ପ୍ରଜାପତିର ଡ଼େଣାଲାଗେ । ନାରୀ ତା' କମନୀୟ ଭାବନାରେ ନାୟିକା ହୋଇ ଆସେ । ଭାବାବେଗର କୋମଳ ଉଚ୍ଛ୍ୱାସ ମନରେ ଗୀତିମୟ ଝଙ୍କାର ତୋଳେ । ଚିତ୍ରକରର ରଂଗତୂଳୀରେ କଳା ଜୀବନ୍ୟାସ ପାଇଲା ପରି ଗୀତ ଓ ଶବ୍ଦର ସମ୍ଭାରରେ କବିତା ଚିତ୍ରପ୍ରତିମା ହେଇ ଫୁଟିଉଠେ । ଓଡ଼ିଆ ରୋମାଣ୍ଟିକ୍ କବିତାର ଧାରାରେ କବି ଓ ଚିତ୍ରଶିଳ୍ପୀ ଅଶୋକ କୁମାର ମହାନ୍ତି ଏକ ପରିଚିତ ନାମ । 'ପ୍ରୟତମା'ର କବି ଭାବେ ତାଙ୍କର ପ୍ରତିଷ୍ଠା । ଜଣେ ସୁଦକ୍ଷ ଚିତ୍ରଶିଳ୍ପୀ ଭାବେ ସାରା ଓଡ଼ିଶାରେ ତାଙ୍କର ମଧ୍ୟ ସୁନାମ ରହିଛି । ଚିତ୍ର ଆଙ୍କିବା ଓ କବିତା ଲେଖିବା କିଛି ଭିନ୍ନକଥା ନୁହେଁ । ଯାହା କବିତାରେ କହିହୁଏନି, ତାହା ଚିତ୍ରରେ କହିହୁଏ ଓ ଯାହା ଚିତ୍ରରେ କହିହୁଏନି ତାହା କବିତାରେ କହିହୁଏ । ବେଳେବେଳେ କବିତା ହୁଏ ଶବ୍ଦଚିତ୍ରମୟ । ଏହି ଦୃଷ୍ଟିରୁ ତାଙ୍କର ପ୍ରୋକ୍ତ କବିତା ସଂକଳନଟି ବିଚାର୍ଯ୍ୟ । ଏହା ଏକ ମିନି କବିତା ସଂକଳନ । ପ୍ରେମିକପଣର ଉଚ୍ଛ୍ୱାସ କବିତାଗୁଡ଼ିକର ଚିତ୍ରମୟ ଭାଷ୍ୟ ଲଭିଛି । ଗୀତିମୟ କାବ୍ୟିକତା, ଚିତ୍ରମୟ ପ୍ରକାଶଭଙ୍ଗୀ, ପ୍ରେମ-ବିରହ-ଯନ୍ତ୍ରଣା, ବାସ୍ତବତା, ମୃତ୍ୟୁ ଚେତନାର ମିଶ୍ରିତ ଭାବବୋଧ ନେଇ କବିତାଗୁଡ଼ିକର ଆତ୍ମିକ ଦିଗ ଗତିଶୀଳ ହୋଇଛି । ପ୍ରିୟତମା ମୁଖମଣ୍ଡଳର କୌଣସି କୌଣସି ଉପମା ନାହିଁ । ଲୁହ ଆଇନାରେ ସେ ମୁହଁଟି ଉଜ୍ଜ୍ୱଳ ଦିଶୁଛି । ପୁରଣା ଚିଠିର ପେଟରା ଖୋଲିଲେ ମନରେ ଛନକା ପଶୁଛି । ଅମାନିଆ ପ୍ରେମିକର ମନରେ ଅୟୁତ ବିରହର ଆତୁରତା । ନିଃସଙ୍ଗ ବିହଗ ପରି ଭଙ୍ଗାନୀଡ଼ରେ ଦୁଃଖକୁ ଚଲୁକରି ଦିନ ବିତେଇବାକୁ ପଡୁଛି । ପାଇବାର ଆଶାରେ ଜୀବନସାରା ହରେଇବାର ଅନୁଭବ । କେବଳ ପୁରୁଣା ସ୍ମୃତିଗୁଡ଼ିକ ଉବୁଟୁବୁ ହେଉଛି । କବିଙ୍କ ପ୍ରେମର ଏ ଚିତ୍ରମୟ ବର୍ଣ୍ଣନା ଲକ୍ଷ୍ୟକରନ୍ତୁ- *"ଫୁଲ ଫୁଟିଗଲେ ଭଅଁର / ମନ ଫାଟିଗଲେ ଜହର / ଦିନ ଲାଗୁଥାଏ ପହର / ପାଖେ ଯଦିଥାଏ ମନର ମଣିଷ / ଯିଏ ଖୋଜୁଥାଏ ଯାହାର ।"* କିମ୍ବା *"ନଦୀଦେହେ ସିନା ଆକାଶର ଛବି ଦିଶେ / ଆକାଶରେ କାହିଁ ଦିଶେନି ନଈର ଛବି / ତମେ ଲାଗିଅଛ ମୋ ହୃଦୟେ ଛବିପରି / ହେଲେ ତମମନେ ମୁଁ ଅଛିକିନଅଛି / ପାରୁନି ଆଜି ମୁଁ ଭାବି ।"*

କବିତାର ଚିତ୍ରଚେତନା ଅଧିକ ସନ୍ନିବଦ୍ଧ ହୁଏ ଦୁଃଖର ଦୟିନୀରେ- *"ଲୁହର ପଖଳା ମୁହଁନେଇ ଶରତ ଆସେ / ବିବର୍ଣ୍ଣ ପାଣ୍ଡୁର ବିଧବାର ମୁହଁପରି /ଜହ୍ନଦେଇ ନିଜମୁହଁ / ନଈପାଣି କାଚ ଆଇନାରେ ।"* ଗୀତିକବି ଭାବନାରେ ଯେପରି ସ୍ୱଚ୍ଛ କବିତାର ପ୍ରକାଶଭଙ୍ଗୀରେ ସେହିପରି ସରଳତାକୁ ପାଥେୟ କରିଥାଏ । ଜୀବନର ଚିରନ୍ତନ ପ୍ରବାହ ଖୁବ୍ ସାବଲୀଳ ଢଙ୍ଗରେ ପ୍ରକାଶ ପାଏ । ଯେପରି- *"ଜୀବନଟା ମାନେ ବୋଧେ / ଏଇମିତି କିଛିକିଛି ଘଟଣାର ସମାହାର / କିଛିକଥା କିଛିବ୍ୟଥା / ହସ ଆଉ ଲୁହର ମିଶ୍ରଣ / ଜୀବନଟା ଋତୁମୟ / ଦୁଃଖର ବରଷା କେବେ ଯନ୍ତ୍ରଣାର ବୈଶାଖ / ଧୂ ଧୂ ଖରା ଭୟଙ୍କର ଶୀତଋତୁ / ପୁଣିକେବେ ବସନ୍ତର ପ୍ରୀତିମୟ ଫୁଲ ଓ ଫଗୁଣ ।"* ପ୍ରେମ ଓ ଯନ୍ତ୍ରଣାର ଯୁଗପତ୍ ଅନୁଭବ କବିତାକୁ ସଙ୍ଗୀତ ଆକାର ଦିଏ । ଗଭୀର ଦୁଃଖରେ ମ୍ରିୟମାଣ କବି ଅନ୍ତରରୁ ଝରିଆସେ ଗୀତର ଓଁକାର ।

*"ଫୁଲ ତୋଳିବାର ଲୋଭରେ ସିନା ମୁଁ / କଣ୍ଟାପରେ ଗଲି ଚଢ଼ି / ଫୁଲ ମିଳିଗଲା ପରେ ଦେଖେ ପାଦ / ରକତେ ଯାଉଛି ବୁଡ଼ି / ଫୁଲ ପାଇବାର ସୁଖ ହଜିଗଲା / ପାଦର କଣ୍ଟାତଳେ / ନଷ୍ଟ ଜୀବନ ସୁଖ ଲୋଭକରି / ଦୁଃଖ ନିଆଁରେ ଜଳେ ।"* ସୁଖଦୁଃଖ ଓ ଆନନ୍ଦ-ବିଷାଦ କବିର କବିତାରେ ମନୋଜ୍ଞ ଚିତ୍ରଚେତନା ଲଭିଛି-

*"ସୁଖର ପଦୁଅଁ ନାଡ଼ରେ / ଦୁଃଖର କାଳୀୟ ରହିଛି ଲାଖି / ସୁଖ ଚମ୍ପାଫୁଲ ଗଛର ଡାଳରେ / ଦୁଃଖ ନାଗଥାଏ ଛକି / ସୁଖ ଗୋଲାପର ଚାରିକଡ଼େ ଥାଏ / ଦୁଃଖର କ । ବେଢ଼ି / ଜୀବନ ଏମିତି ସୁଖନଈ ପରି / ଯହିଁ ଆସେ ଦୁଃଖ ବଢ଼ି ।"*

ରୋମାଣ୍ଟିକ୍ କବି ମାତ୍ରେଇ ଅହେତୁକ ବିଷାଦବାଦୀ । ମନରେ ତା' ଅସରନ୍ତି ଦୁଃଖ । ସବୁଠି ସେ ଅନୁଭବ କରେ ଏକ ରକ୍ତୀୟ ବ୍ୟଥା । କବିର ଏହି ନୈରାଶ୍ୟବାଦୀ ସ୍ୱର କେତେ ମର୍ମାନ୍ତିକ, ଏଠାରେ ଲକ୍ଷ୍ୟ କରିହୁଏ ।

*"ଦୁଃଖବେଳେ ଲୁହ ପୋଛିଦେବା ଲାଗି / ମିଳୁନି ମଣିଷ ଜଣେ / ସୁଖବେଳେ କେତେ ଆପଣାର ହେଇ / ରହୁଥିଲେ ପଣେପଣେ / ଛଳନାରେ ଏଠି ଦୁନିଆଁ ଚାଲିଛି / ସବୁରି ମୁହଁରେ ମୁଖା / ମଣିଷଟେ ଏଠି ଖୋଜିଲେ ମିଳେନା / ସୁଖେଦୁଃଖେ ହେବ ସଖା ।"*

ପ୍ରେମର ଆହ୍ୱାନ ପ୍ରେମିକ ପାଇଁ ମହତ ସମ୍ବଳ । ପିୟତମା ପାଇଁ ସେ ସଦା ପ୍ରତୀକ୍ଷାମାଣ । ତା ପାଇଁ ରଖେ ନିସର୍ତ୍ତ ସମର୍ପଣ । ନାୟିକା ପ୍ରତି ଏ ଅଙ୍ଗୀକାରକୁ ଏଠାରେ ଲକ୍ଷ୍ୟ କରାଯାଇପାରେ ।

*"ନର୍କରୁ ଥାଇ ଡାକିଦେଲେ ତମେ / ସ୍ୱର୍ଗର ମାୟାତେଜି / ଆସିବି ମୁଁ ଫେରି ତମରି ପାଖକୁ / ଯେତେ ସୁଖେ ଥିଲେ ମଜି ।"*

ଅନ୍ୟ ଏକ ପଙ୍କ୍ତିରେ ସେହି ସମାନ ସ୍ୱୀକାରୋକ୍ତି-

*"ନରକରେ ଯଦି ତମେ ରହିଥାଅ / ସରଗରେ ଯଦି ମୁହିଁ / ତମେ ଡାକିଦେଲେ ସବୁସୁଖ ଛାଡ଼ି / ନିମିଷେ ଆସିବି ଧାଇଁ ।"*

ପ୍ରେମର ହୃଦୟ ଭାଙ୍ଗିବାକୁ ପ୍ରତାରଣା ହିଁ ଯଥେଷ୍ଟ । *"ତମେ ଗଳାପରେ ନିଶିଥରେ ଯେବେ / ଭାଯିଯାଏ ନିଦ ମୋର / ତନ୍ଦ୍ରା ଅଳସେ ଉଠୁଥାଏ କୋହ / ରାତିଅଧେ ବାରବାର ।"*

ପ୍ରତାରଣା ପରେ ନାୟିକା ଅଧିକ ରହସ୍ୟମୟୀ ହୋଇଉଠେ । ନାୟକର ସବୁ ବୋଧକ୍ଷମତା ଯେପରି ହ୍ରାସପାଏ । କବିଙ୍କ ଭାଷାରେ-

*"ପ୍ରିୟତମା ! ତମେଇ ମୋ ପାଇଁ ଆଧୁନିକ କବିତା/ ଦୂର ଗାଁ ଭରାପାଣି ନଈ / ସେ ଲାଗିପାରୁନି ଜାଣି / କେତେବେଶି ଭଲପାଅ ଅବା ସବୁ ଛଳନା ମୋ ପାଇଁ / ଆଧୁନିକ ଚିତ୍ରକଳା ପରି / ଆଜିକାଲି ତମକୁ ତ / ବୁଝି ପୁଣି ବୁଝିହୁଏ ନାହିଁ ।"*

ଜୀବନଟା ସାରା ଯେତେସବୁ କହିଚାଲିଲେବି ତଥାପି ମୃତ୍ୟୁଯାଏ କିଛିକଥା ଅକୁହା ରହିଯାଏ । ଏଇ ଭାବକୁ ବ୍ୟକ୍ତ କଲାବେଳେ ଜୀବନର ଚିରାୟତ ଦୃଷ୍ଟିବାଢ଼ନ୍ତି କବି କବିତାରେ, ବେଶ୍ ଠୋସ୍ ଭାବରେ ।

*"ସଉଦା ସବୁ କ'ଣ / ଠିଠାମତେ ନେଇହୁଏ ଜୀବନ ହାଟରେ ? / କିଛି ମିଳେ, କିଛିବି ମିଳେନା / ପୁଣି କିଛି ମନେପଡ଼େ / ଫେରିବା ବାଟରେ ।"*

ଯେଉଁଠି ପ୍ରେମ, ସେଇଠି ଥାଏ ମୃତ୍ୟୁ । ରୋମାଣ୍ଟିକ୍ କବି ମୃତ୍ୟୁ କାମନା କରେନି । ସେ ଜୀବନକୁ ଆଶ୍ରାକରେ ।

*"ମରଣକୁ ଯେବେ ବରୁଥିଲି ମୁଁ/ ମରଣ ବୁଲିଲା ଛପି / ଜୀବନକୁ ଏବେ ଆଶ୍ରା କଲାବେଳେ/ ମୃତ୍ୟୁ ଆସୁଛି ଡାକି ।"*

ପ୍ରେମ-ପ୍ରତାରଣା, ବିରହ- ଯନ୍ତ୍ରଣା ଓ ମୃତ୍ୟୁକାତର କବିପ୍ରାଣ କ୍ରମେ ଜୀବନର ବାସ୍ତବତାକୁ ମର୍ମେମର୍ମେ ଉପଲବ୍ଧ କରିଛି । ପ୍ରେମର ପରିଣତି କେବେ ଯୁଦ୍ଧରେ ତ କେବେ ମୃତ୍ୟୁରେ ସମାହିତ ହେଉଛି । କେବଳ ଶୁଭୁଛି ଏ ସମାଜରେ କିଛି ନପାଇବା ଲୋକଙ୍କର ହାହାକାର । କବିଙ୍କ ପରିବର୍ତ୍ତିତ କାବ୍ୟଦୃଷ୍ଟି ଏଠାରେ ପ୍ରଣିଧାନଯୋଗ୍ୟ-

*"ଆମେରିକାର ଗହମ ଓ ତେଲ/ ଫିଙ୍ଗା ହେଉଛି ସମୁଦ୍ର ବକ୍ଷରେ / ଆଉ କିଛି ମଧ୍ୟ ଭାରତବର୍ଷରେ ହୋଟେଲ୍ ?ବାଲାଟି ସକାଳୁ ଫିଙ୍ଗିଦେଉଛି / କିଛି ବଳକା ଶୁଖିଲା ରୁଟି / ପୁଣ୍ୟ ପାଇଁ ଭିକାରୀର ଶୂନ୍ୟଥାଳରେ ।"*

କବି ଅଶୋକ ମହାନ୍ତି ବାସ୍ତବରେ ଜଣେ ରୋମାଣ୍ଟିକ୍ କବି । ଅତୀତ ପ୍ରତି ସମ୍ମୋହନ, ପ୍ରେମ-ପ୍ରଣୟ, ମୃତ୍ୟୁ ଓ ବାର୍ଦ୍ଧକ୍ୟ ଭୀତି ତାଙ୍କ କାବ୍ୟଚେତନାକୁ ଆପ୍ଲୁତ କରିଛି । ବେଶ୍ ସରଳ, ସାବଲୀଳ ଓ ପରିମିତ ତାଙ୍କର କାବ୍ୟକଳା । କବିତାଗୁଡ଼ିକରେ ସୂକ୍ଷ୍ମତମ ଚିତ୍ରଦୃଷ୍ଟି ରହିଛି, ଯାହା ଗୀତିମୟ ଉଚ୍ଛ୍ୱାସ ନେଇ ପାଠକ ପ୍ରାଣକୁ ବାନ୍ଧିରଖିବାରେ ସମର୍ଥ ହୋଇଛି । ସୁତରାଂ, ଶିଳ୍ପୀର ଚିତ୍ରମୟ ଭାବବୋଧ ହିଁ କବିର କବିତା । ଏହାହିଁ କଳାର ସର୍ବତୋମୁଖୀ ପରିପ୍ରକାଶ ।

- ବିଭାଗ ମୁଖ୍ୟ ଅଧ୍ୟାପକ, ଓଡ଼ିଆ ବିଭାଗ
ବି.ଏନ୍.ଏମ୍.ଏ. କଲେଜ,
ପାଳିଆବିନ୍ଧା,ଭଦ୍ରକ
ମୋ: ୯୯୩୭୭୭୯୪୫୨

## କେଉଁଥିରୁ କେତେ କାଲୋରି



ସାଧାରଣ ଭାବେ ୧୦୦ଗ୍ରାମ ଓଜନର କେଉଁ ଖାଦ୍ୟରୁ ଶରୀର କେତେ କାଲୋରି ପାଏ ଜାଣନ୍ତୁ । ଭାତରୁ ୧୧୮ କାଲୋରି, ସମ୍ବର-ଭାତରୁ ୮୪ କାଲୋରି ଓ ଦହି-ଭାତରୁ ୮୭ କାଲୋରି, ମିଠା କାନିକାରୁ ୨୪୪ କାଲୋରି, ଏଣ୍ଡୁରି ପିଠାରୁ ୯୬ କାଲୋରି, ସାଧା ଦୋସାରୁ ୨୧୬ କାଲୋରି, ମସଲା ଦୋସାରୁ ୨୧୨ କାଲୋରି, ଉପମାରୁ ୧୧୮ କାଲୋରି, ଅଟା ରୁଟିରୁ ୩୩୯ କାଲୋରି, ପୁରିରୁ ୪୨୫ କାଲୋରି, ମଇଦା ପୁରିରୁ ୪୮୭ କାଲୋରି, ପରଟାରୁ ୪୬୧ କାଲୋରି, ବୁଟଡାଲିରୁ ୧୮୮ କାଲୋରି, ମୁଗ ଡାଲିରୁ ୧୨୦ କାଲୋରି, ହରଡ଼ ଡାଲିରୁ ୧୧୫ କାଲୋରି, କଫିରୁ ୫୨ କାଲୋରି, ଚାହାରୁ ୩୬ କାଲୋରି, ଗୋ-ଦୁଗ୍ଧରୁ ୬୫ କାଲୋରି, ମଇଁଷି ଖିରରୁ ୧୦୮ କାଲୋରି, ଓମଲେଟରୁ ୧୯୭ କାଲୋରି, ମାଂସ ତରକାରିରୁ ୧୭୨ କାଲୋରି, ମାଂସ କଷାରୁ ୨୩୯ କାଲୋରି, ଭଜା ମାଛରୁ ୨୨୦ କାଲୋରି ଓ ବିରିୟାନୀରୁ ୨୦୧ କାଲୋରି ମିଳେ । ପ୍ରତି ୧୦୦ଗ୍ରାମ ଖାଦ୍ୟରୁ କେତେ କାଲୋରି ମିଳେ ଜାଣିଲେ, ହିସାବ କରି ଆବଶ୍ୟକତା ଅନୁଯାୟୀ ଭୋଜନ କରିବା ସୁବିଧାଜନକ । ଏହାର ସୁଫଳ ସ୍ୱରୂପ ଆମେ ସଚେତନ ହୋଇପାରିବା ଏବଂ ମେଦ ବୃଦ୍ଧିକୁ ନିୟନ୍ତ୍ରଣରେ ରଖିପାରିବା ।

## ଅଷ୍ଟାଙ୍ଗ ନମସ୍କାର



ଗୋଡ଼ ଓ ହାତର ସମସ୍ତ ମାଂସପେଶୀ ମଜଭୂତ କରିବା ସହ ମେରୁଦଣ୍ଡ ପୃଷ୍ଠଦେଶ ଏବଂ ବକ୍ଷଦେଶର ସ୍ୱାସ୍ଥ୍ୟ ପାଇଁ 'ଅଷ୍ଟାଙ୍ଗ ନମସ୍କାର' ଆସନ ଅଭ୍ୟାସ କରନ୍ତୁ । ଉଚ୍ଚ ରକ୍ତ ଚାପ, ପୃଷ୍ଠ ଦେଶରେ କୌଣସି ଗୁରୁତର ସମସ୍ୟା ଏବଂ ହୃଦରୋଗ ଥିଲେ, ଏହା ଅଭ୍ୟାସ କରିବେନାହିଁ । ଏହି ଆସନରେ ସର୍ବଦା ଶ୍ୱାସ ଧରିରଖିବେ । ଚୂଡ଼ାନ୍ତ ଅବସ୍ଥାରେ ପାଦର ସମସ୍ତ ଅଙ୍ଗୁଳି , ଆଣ୍ଠୁ, ବକ୍ଷ, ପାପୁଲି ଓ ଥୋଡ଼ି ଭୂମିରେ ଲାଗିରହିବ । ପ୍ରଥମେ ମୁହଁ ମାଡ଼ି ଶୋଇବେ । ପାପୁଲି ଓ ପାଦ ଅଙ୍ଗୁଳି ଭୂମିରେ ଚାପିରଖି, ଏକ ସଙ୍ଗେ ଆଣ୍ଠୁ, ଛାତି ଓ ଥୋଡ଼ି ଉଠାଇବେ । ସଂଭବ ନ ହେଲେ ପ୍ରଥମେ ଆଣ୍ଠୁ, ତାହା ପରେ ଛାତି ଏବଂ ଶେଷରେ ଥୋଡ଼ି ଉଠାଇବେ । ନିତମ୍ବ ଉତଥିତ ଅବସ୍ଥାରେ ରହିବ ।

# ବସ୍ ବଗିଚା

ପରିବେଶର ସୁରକ୍ଷା ତଥା ତାକୁ ଉତ୍ତାପରୁ ରକ୍ଷା କରିବା ପାଇଁ କର୍ଣ୍ଣାଟକର ଜଣେ ବସ ଚାଳକ ଏକ ନିଆରା ଉପାୟ ଅବଲମ୍ବନ କରିଛନ୍ତି । ଏଥିପାଇଁ ସେ ଅନେକଙ୍କ ନିକଟରେ ପ୍ରଶଂସାର ପାତ୍ର ହୋଇପାରିଛନ୍ତି । ଜନସାଧାରଣଙ୍କୁ ପରିବେଶ ପ୍ରତିତ ସଚେତନ କରିବା ପାଇଁ ବାଙ୍ଗାଲୁରୁ ମେଟ୍ରୋପଲିଟିଆନ କରପୋରେସନ ଲିମିଟେଡରେ କାର୍ଯ୍ୟରତ ଥିବା ଜଣେ ବସ୍ ଚାଳକ ନାରୟଣପ୍ପା ନିଜ ବସରେ ଛୋଟ ଛୋଟ କୁଣ୍ଡରେ ଚାରା ଗଛ ଲଗାଇଛନ୍ତି । ନାରାୟଣପ୍ପା ତାଙ୍କ ବସକୁ ଏକ 'ମିନି ଗାର୍ଡେନ' ରୂପ ଦେଇଛନ୍ତି । ଏହା ଫଳରେ ବସରେ ଯାତ୍ରା କରୁଥିବା ସମସ୍ତ ଯାତ୍ରୀ ସବୁଜ ପରିବେଶ ସୃଷ୍ଟି କରିବା ଦିଗରେ ଅଧିକ ସଚେତନ ହୋଇପାରିବେ । ଗତ ତିନିରୁ ଚାରି ବର୍ଷ ଧରି ନାରାୟଣପ୍ପା ଏହି କାର୍ଯ୍ୟରେ ନିଜକୁ ନିୟୋଜିତ କରିଛନ୍ତି ଏବଂ କିଭଳି ଭାବରେ ଲୋକଙ୍କ ମଧ୍ୟରେ ପରିବେଶକୁ ସବୁଜିକରଣ କରିବା ନେଇ ସଚେତନତା ବୃଦ୍ଧି ପାଇବ ଏ ନେଇ ମଧ୍ୟ ପ୍ରୟାସ ଜାରି ରଖିଛନ୍ତି ।












ନାରାୟଣପ୍ପା କର୍ଣ୍ଣାଟକର କଭଲ ବୀରାସାନ୍ଦ୍ରାରୁ ଯଶବନ୍ତପୁର ପର୍ଯ୍ୟନ୍ତ ବସ ଚଳାଇ ଥାଆନ୍ତି । ପରିବେଶକୁ ନେଇ ତାଙ୍କର ଏଭଳି ପଦକ୍ଷେପକୁ ଅନେକ ପ୍ରକୃତିପ୍ରେମୀ ତଥା ଯାତ୍ରୀମାନେ ବେଶ୍ ପ୍ରଶଂସା କରୁଛନ୍ତି । ପ୍ରାୟ ୨୭ ବର୍ଷ ଧରି ବସ ଚାଳକ ଭାବେ କାର୍ଯ୍ୟ କରିଆସୁଥିବା ନାରାୟଣପ୍ପା ତାଙ୍କ ବସର ଆଗ ଓ ପଛ ପାଖରେ ଛୋଟ ଛୋଟ କୁଣ୍ଡରେ ଚାରା ଗଛ ଲଗାଇଛନ୍ତି । ଖାଲି ସେତିକି ନୁହେଁ ତାଙ୍କ ପରିବାର ମଧ୍ୟ ଏଭଳି ଗଛ ଲଗାଇ ଲୋକଙ୍କୁ ସେଚତନ କରୁଛନ୍ତି । ପରିବେଶକୁ ସବୁଜିମାରେ ଭରିଦେବା ପ୍ରତି ତାଙ୍କର ଆଗ୍ରହ ଓ ଉତ୍ସାହ ଏଭଳି ଏକ ଭ୍ରାମ୍ୟମାଣ ବଗିଚା ନିର୍ମାଣ ପାଇଁ ତାଙ୍କୁ ଅନପ୍ରେରିତ କରିଥିଲା । ପ୍ରତିଦିନ ସକାଳୁ ନାରାୟଣପ୍ପା ନିଜ କାମକୁ ଯିବା ପୂର୍ବରୁ ବସରେ ଲଗାଇଯାଇଥିବା ଗଛରେ ପାଣି ଦେଇଥାନ୍ତି ଓ ତାଙ୍କ ସିଫ୍ଟ ସରିବା ପରେ ମଧ ସେ ଗଛରେ ପାଣି ଦେଇ ଘରକୁ ଫେରନ୍ତି । ବସରେ ଯାତ୍ରା କରୁଥିବା କିଛି ଯାତ୍ରୀ ମଧ ଓହ୍ଲାଇବା ସମୟରେ ଗଛରେ ପାଣି ଦେଇ ଯାଇଥାନ୍ତି । କିଛି ଯାତ୍ରୀଙ୍କ କହିବା ଅନୁଯାୟୀ ବସରେ ଏଭଳି ଏକ ମିନି ଗାର୍ଡେନ ଥିବା ହେତୁ ଯାତ୍ରା କରିବା ସମୟରେ ଏହା ତାଙ୍କୁ ସତେଜତାର ଅନୁଭବ ଆଣି ଦେଇଥାଏ । ସେଠାରେ ଲୋକେ ନାରାୟଣପ୍ପାଙ୍କ ଏହି ବସକୁ 'ମିନି ଲାଲବାଗ' ନାଁରେ ଡାକିଥାନ୍ତି । ତେବେ ଆସନ୍ତା ବର୍ଷ ନାରାୟଣପ୍ପା ତାଙ୍କ ଚାକିରି ଜୀବନରୁ ଅବସର ନେବାକୁ ଯାଉଛନ୍ତି । ଏହାପରେ ନାରାୟଣପ୍ପାଙ୍କ ଦ୍ୱାରା କରାଯାଇଥିବା ଏହି ଛୋଟ ବଗିଚାଟି ସୁରକ୍ଷିତ ରହିପାରିବ କି ନାହିଁ ଏ ନେଇ ମଧ୍ୟ ପ୍ରଶ୍ନ ଉଠୁଛି । ତେବେ ଏହାକୁ ନେଇ ନାରାୟଣପ୍ପା କୁହନ୍ତି ସେହି ରୁଟରେ ବସ ଚଳାଚଳ କରିବା ପାଇଁ ନିଯୁକ୍ତି କରାଯାଇଥିବା ଜଣେ ମହିଳା ବସ ଚାଳକଙ୍କୁ ସେ ଏହି ମିନି ଗାର୍ଡେନର ଦାୟିତ୍ୱ ଦେବେ ।

## ସନ୍ଧିଚ୍ୟୁତି

କୌଣସି ଦୁର୍ଘଟନାରେ କାନ୍ଧ ହାଡ଼ ଖସିବା ବା ସନ୍ଧିଚ୍ୟୁତି ବା ସନ୍ଧିବିଶ୍ଳେଷ ଅତି ସାଧାରଣ । ଭେଷଜ ପରିଭାଷାରରେ ଏହାକୁ 'ଆକ୍ରୋମିଓ-କ୍ଲାଭିକ୍ୟୁଲାର' କହାଯାଏ । ପୂର୍ବେ ଏଭଳି କ୍ଷେତ୍ରରେ ଅସ୍ତ୍ରୋପଚାର କରାଯାଉ ନଥିଲା । ତେବେ, ଆଜିକାଲି ଅନେକ ଅସ୍ଥିଶଲ୍ୟ ଚିକିତ୍ସକ ଅନାବଶ୍ୟକ ଭାବେ ଅସ୍ତ୍ରୋପଚାର କରୁଛନ୍ତି । 'ଜର୍ନାଲ ଅଫ୍ ଅର୍ଥୋପେଡିକ୍ ଟ୍ରମା'ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ଏ କ୍ଷେତ୍ରରେ ଅସ୍ତ୍ରୋପଚାରର ପରିଣାମ ଭଲ ନୁହେଁ । ପାରଂପାରିକ ଭାବେ ପ୍ରଚଳିତ ଗୋଫାଣ ବନ୍ଧନୀ ଚିକିତ୍ସା ବା ସ୍ଲିଙ୍ଗ୍ ଟ୍ରିଟ୍‌ମେଣ୍ଟ ଉପାଦେୟ । ଏଥିରେ ଅସ୍ତ୍ରୋପଚାର କରାଯାଏନାହିଁ । ଏହା ସରଳ ଲବଂ ରୋଗୀ ତିନି ମାସ ଭିତରେ କର୍ମ କ୍ଷେତ୍ରକୁ ଫେରିଥାଏ । ପଞ୍ଚସ୍ତରି ପ୍ରତିଶତ କ୍ଷେତ୍ରରେ ଏହା ପ୍ରମାଣିତ । ଅପରପକ୍ଷେ ଅସ୍ତ୍ରାପଚାର ଜଟିଳ ଏବଂ ଖର୍ଚ୍ଚ ଅଧିକ । ରୋଗୀ ତିନି ମାସରେ ସଂପୂର୍ଣ୍ଣ ସୁସ୍ଥ ହେବାର ସଂଭାବନା ତେୟାଳିଶ ପ୍ରତିଶତ । ଅସ୍ତ୍ରୋପଚାର ପରେ ସଂକ୍ରମଣ ତଥା ଅନ୍ୟ ଗୁରୁତର ଅବସ୍ଥା ସୃଷ୍ଟି ହେବାର ଆଶଙ୍କା ଅଧିକ । ତେଣୁ, ନିତାନ୍ତ ଆବଶ୍ୟକତା ନଥିଲେ, ଏଭଳି କ୍ଷେତ୍ରରେ ଅସ୍ତ୍ରୋପଚାର କରାନ୍ତୁନାହିଁ । ଏ ବାବଦରେ ସଚେତନ ରହନ୍ତୁ ଏବଂ ଚିକିତ୍ସା ପୂର୍ବରୁ ଏକାଧିକ ଅସ୍ଥିଶଲ୍ୟ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ।



## ଝଗଡ଼ା ନହେବା ପାଇଁ ୬୨ ବର୍ଷ ପର୍ଯ୍ୟନ୍ତ କାଲ ମୂକର ନାଟକ କରୁଥିଲେ ସ୍ୱାମୀ

ପ୍ରାୟତଃ ସ୍ୱାମୀ ସ୍ତ୍ରୀ ଭିତରେ କୌଣସି ନା କୌଣସି କାରଣକୁ ନେଇ ଝଗଡ଼ା ହୋଇଥାଏ । ଏହା ଦ୍ୱାରା ବେଳେବେଳେ ଦୁଇଜଣ ମନ ଦୁଃଖରେ ରହିବା ସହ ଜଣେ ଅନ୍ୟଜଣଙ୍କ ଉପରେ ଦୋଷ ଲଦିଥାନ୍ତି । ଏହା ଏକ ସାଧାରଣ କଥା । କିନ୍ତୁ ଏଥିପାଇଁ ଯେ ଜଣେ ୬୨ ବର୍ଷ ପର୍ଯ୍ୟନ୍ତ କାଲ ମୂକ ହୋଇରହିଥିବ ଶୁଣିଲେ ଆଶ୍ଚର୍ଯ୍ୟ ଲାଗିବ । ଏହି ଘଟଣାଟି ଘଟିଛି ଆମେରିକାରେ । ଏଠାରେ ଜଣେ ୮୪ ବର୍ଷୀୟ ବୃଦ୍ଧ ବେରି ଡାସନ ନିଜ ୮୦ ବର୍ଷା ପତ୍ନୀ ଡେରାଥିଙ୍କ ଝଗଡ଼ାରୁ ରକ୍ଷା ପାଇବା ପାଇଁ ମୂକ ଓ କାଲ ହେବାର ଅଭିନୟ କରିଥିଲେ । ଏହା ବର୍ଷେ କି ଦୁଇ ବର୍ଷ ନୁହେଁ, ପୁରା ୬୨ ବର୍ଷ ପର୍ଯ୍ୟନ୍ତ କିନ୍ତୁ ତାଙ୍କ ପତ୍ନୀ ଏହା ଜାଣିପାରି ନଥିଲେ । ବିବାହର ଦୀର୍ଘ ୬୨ ବର୍ଷ ପରେ ତାଙ୍କ ପତ୍ନୀ ଏହା ଜାଣିବାକୁ ପାଇଲେ କି ତାଙ୍କ ସ୍ୱାମୀ କାଲ ମୂକ ନୁହଁନ୍ତି । ତାଙ୍କ ପତ୍ନୀଙ୍କ କହିବା ମୁତାବକ ତାଙ୍କୁ ଏ ବିଷୟରେ ସେତେବେଳେ ଜଣା ପଡ଼ିଲା ଯେତେବେଳେ ସେ ତାଙ୍କ ପତିଙ୍କୁ ୟୁ- ଟୁବରେ ଗୀତ ଗାଉଥିବାର ଦେଖିବାକୁ ପାଇଲେ । ଏହି ଭିଡିଓ ସେଦିନର ଥିଲା, ଯେଉଁଦିନ କି ତାଙ୍କ ସ୍ୱାମୀ ତାଙ୍କୁ ଏକ ଚ୍ୟାରିଟି ମିଟିଂରେ ଯୋଗ ଦେବାକୁ କହି ଯାଇଥିଲେ । ସେ କହିଛନ୍ତି କି, ଯେତେବେଳେ ସେ ୟୁ- ଟ୍ୟୁବରେ ନିଜ ସ୍ୱାମୀଙ୍କୁ ଗୀତ ଗାଉଥିବାର ଦେଖିଲେ ପ୍ରଥମେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ତାଙ୍କୁ ଏହା ବିଶ୍ୱାସ ହୋଇ ନଥିଲା । ପରେ କିନ୍ତୁ ସେ ଏହି ସତ ଜାଣିପାରିଥିଲେ କି, ତାଙ୍କ ସ୍ୱାମୀ ୬୨ ବର୍ଷ ପର୍ଯ୍ୟନ୍ତ ମୂକ କାଲ ହେବାର ନାଟକ କରୁଥିଲେ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଲୋକମାନଙ୍କୁ ଦେଉଥିବା ଉପହାର...

ଏକ ଶିଳ୍ପ ଉଦ୍ୟୋଗ ନା ନିର୍ବାଚନ ବେଳେ ନେତାମାନେ ଲୋକମାନଙ୍କୁ ଦେଉଥିବା ଉପହାର- ଏ ଦୁଇଟି ଭିତରୁ କିଏ ବେଶୀ ଉପକାରୀ ବୋଲି ସରଳ ଶବ୍ଦରେ ପଚାରିଲେ, ଅନେକେ ଅବଶ୍ୟ ଉଦ୍ୟୋଗ ସପକ୍ଷରେ ମତ ଦେବେ, କାରଣ ଉପହାର ପରମୁଖାପେକ୍ଷିତାକୁ ପ୍ରୋତ୍ସାହନ ଦେବାବେଳେ ଉଦ୍ୟୋଗ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ଏବଂ ଆକାଂକ୍ଷିତ କର୍ମନିଯୁକ୍ତି ପ୍ରଦାନ କରି ନିଜ ହାତରେ ନିଜର ଭାତ ରୋଜଗାର କରିବାର ସୁଯୋଗ ପ୍ରଦାନ କରିଥାଏ। ଆଉ ସେଥିପାଇଁ ତ ସମ୍ପ୍ରତି ୧.୫୪ ଲକ୍ଷ କୋଟି ଟଙ୍କାର ବେଦାନ୍ତ-ଫକ୍ସକନ୍ ସେମି କଣ୍ଡକ୍ଟର ପ୍ରକଳ୍ପ ଯେତେବେଳେ ମହାରାଷ୍ଟ୍ରରେ ନିଜର ପ୍ରକଳ୍ପ ପ୍ରତିଷ୍ଠା ନକରି ଗୁଜରାଟକୁ ଚାଲିଗଲା, ମହାରାଷ୍ଟ୍ରର ଶାସକ ଦଳ ଏବଂ ବିରୋଧୀମାନଙ୍କ ମଧ୍ୟରେ ଆରମ୍ଭ ହୋଇଗଲା ବଡ଼ ଧରଣର ରାଜନୀତିକ ଲଢ଼େଇ। କିନ୍ତୁ ଏହା ହେଉଛି ଉତ୍ତମ ରାଜନୀତି। ଏହା ହେଉଛି ସେହି ପ୍ରକାରର ରାଜନୀତି ଯାହା ଆକ୍ରମଣାତ୍ମକ ଭାବରେ ଘରୋଇ ପୁଂଜିନିବେଶକୁ ଆକୃଷ୍ଟ କରିବାପାଇଁ ସରକାର ଉପରେ ଚାପ ପକାଇଥାଏ। ଆଉ ତା'ଠୁ ଭଲ ରାଜନୀତି ବୋଲି କୁହାଯିବ ଯେତେବେଳେ କର୍ମନିଯୁକ୍ତି ଏବଂ ଲୋକମାନଙ୍କ ଜୀବନ ଧାରଣର ମାନରେ ଉନ୍ନତି ଆଣିବାପାଇଁ ଶାସକ ଓ ବିରୋଧୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହେବ। ଏହା ହେଉଛି ଦୁଇଟି ରାଜ୍ୟର କଥା: ନିବେଶକଙ୍କୁ ନିଜ ଆଡ଼କୁ ଆକର୍ଷିତ କରି ପାରିବା ଓ ନ କରିପାରିବାର କଥା। ଏବେ ଆସିବା ଦେଶ ଆଡ଼କୁ। ନିକଟରେ ନୂଆଦିଲ୍ଲୀଠାରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହୁ କହୁ କହି ପକାଇଲେ ଭାରତୀୟ କମ୍ପାନୀମାନଙ୍କ ଦ୍ୱାରା ଦେଶର ଉଦ୍ୟୋଗ କ୍ଷେତ୍ରରେ ଦୁର୍ବଳ ପୁଂଜିନିବେଶ ବାବଦରେ। ଗୋଟିଏ ଦୃଷ୍ଟିରୁ ଦେଖିଲେ ଏହା ହେଉଛି ଏକ ବିରଳ ମୁହୂର୍ତ୍ତ, ଯେହେତୁ ଏହି ଅବସରରେ ହିଁ ମୋଦୀ ସରକାର ଭାରତୀୟ ଅର୍ଥନୀତିରେ ରହିଥିବା ଯନ୍ତ୍ରଣାଦାୟକ ପ୍ରସଙ୍ଗଗୁଡ଼ିକ ରହିଥିବା ସମ୍ପର୍କରେ ସ୍ୱୀକାର କରିଛନ୍ତି। ୨୦୧୪ରେ ନରେନ୍ଦ୍ର ମୋଦୀଙ୍କ ସରକାର କେନ୍ଦ୍ରରେ ଶାସନ କ୍ଷମତାକୁ ଆସିବା ପରଠାରୁ ପ୍ରଥମ ଥର ପାଇଁ ଏହାର କୌଣସି ବରିଷ୍ଠ ମନ୍ତ୍ରୀ କହିଛନ୍ତି ଯେ ପୁଂଜିନିବେଶ ପାଇଁ ଅନୁକୂଳ ପରିବେଶ ନାହିଁ ବୋଲି ଭାରତୀୟ ଉଦ୍ୟୋଗ କ୍ଷେତ୍ର ଅଭିଯୋଗ କରିଥିଲା। ଏହି ପର୍ଯ୍ୟବେକ୍ଷଣ ଭାରତୀୟ ଜନତା ପାର୍ଟି ନେତୃତ୍ୱାଧୀନ ସରକାର ଅଧୀନରେ ଭାରତୀୟ ଅର୍ଥନୀତିର ଏକ ମଳିନ ଛବିକୁ ଉପସ୍ଥାନ କରିଛି, ସେହି ସରକାରର, ଯିଏ ତାର ପୂର୍ବସୂରୀ, ମନମୋହନ ସିଂହଙ୍କ ସରକାରର ସମାଲୋଚନା କରି ୨୦୧୪ରେ କ୍ଷମତାକୁ ଆସିଥିଲା। ସେତେବେଳେ ବିଜେପି ଅଭିଯୋଗ କରିଥିଲା ଯେ ମନମୋହନ ସିଂହଙ୍କ ଅମଳରେ ନୀତିଗତ ସ୍ଥାଣୁତା ଯୋଗୁଁ ଦେଶର ପୁଂଜିନିବେଶ ଜଳବାୟୁ ପ୍ରଭାବିତ ହୋଇଛି। ଏହି ଅବସରରେ ଅର୍ଥମନ୍ତ୍ରୀ ଚୀନରୁ ନିଜର ନିବେଶ ହଟାଇ ନେଉଥିବା ବିଦେଶୀ କମ୍ପାନୀମାନଙ୍କ କଥା ଉଲ୍ଲେଖ କରିଥିଲେ, ଯେଉଁମାନେ କି ଭାରତକୁ ଆସିବାକୁ ଚାହୁଁଛନ୍ତି ଏବଂ ଏଥିସହିତ ବିସ୍ମୟ ପ୍ରକଟ କରିଥିଲେ ଯେ ବିଦେଶୀ କମ୍ପାନୀମାନେ ଏଠାକୁ ଆଗ୍ରହୀ ଥିବାବେଳେ ସ୍ୱଦେଶୀ କମ୍ପାନୀମାନେ କାହିଁକି ସେମାନଙ୍କ ପାଣ୍ଠି ନିବେଶର ପରିମାଣକୁ ବଢ଼ାଉ ନାହାନ୍ତି, ଯାହା ଅଧିକ ଲୋକଙ୍କ ପାଇଁ ଚାକିରି ସୃଷ୍ଟି କରିପାରନ୍ତା। ସେଣ୍ଟର ଫର ମନିଟରିଂ ଇଣ୍ଡିଆନ୍ ଇକୋନୋମିର ତଥ୍ୟ ଅନୁସାରେ ଏପ୍ରିଲରୁ ଜୁନ୍ ୨୦୨୨ ମଧ୍ୟରେ ନୂଆ ପ୍ରକଳ୍ପଗୁଡ଼ିକ ଉପରେ ଆର୍ଥିକ ବ୍ୟୟ ଥିଲା ୪.୨୮ ଲକ୍ଷ କୋଟି ଟଙ୍କା, ଯାହା ଏହାର ଜାନୁଆରୀରୁ ମାର୍ଚ୍ଚ ପର୍ଯ୍ୟନ୍ତ ପୂର୍ବ ତ୍ରୈମାସିକର ୮.୧୮ ଲକ୍ଷ କୋଟି ଟଙ୍କାର ପାଖାପାଖି ଅଧା ଥିଲା। ୨୦୨୧ର ଅକ୍ଟୋବରରୁ ଡିସେମ୍ବର ତ୍ରୈମାସିକୀରେ ଆର୍ଥିକ ବ୍ୟୟ ୪.୦୧ ଲକ୍ଷ କୋଟି ଟଙ୍କା ଥିବାବେଳେ ସେହି ବର୍ଷ ଜୁଲାଇରୁ ସେପ୍ଟେମ୍ବର ତ୍ରୈମାସିକୀରେ ଏହାର ପରିମାଣ ଥିଲା ୩.୩୯ ଲକ୍ଷ କୋଟି ଟଙ୍କା। ଅର୍ଥମନ୍ତ୍ରୀ ଉଚିତ୍ କଥା କହିଛନ୍ତି ଯେ ଉଭୟ ଘରୋଇ ଏବଂ ବିଦେଶୀ କମ୍ପାନୀମାନଙ୍କର ମୁହଁ ଫେରାଇବାର ମନୋବୃତ୍ତି ସବୁବେଳେ ରହି ଆସିଥିଲା, କାରଣ ଚୀନ୍ ଉପରେ ନିର୍ଭରଶୀଳତା କମାଇବା ପାଇଁ ସେମାନେ କମ୍ ଦରରେ ଉତ୍ପାଦ ପ୍ରସ୍ତୁତ କରିବାକୁ ଚାହୁଁଥିଲେ। ତେଣୁ ଏଭଳି କମ୍ପାନୀମାନଙ୍କର ଧ୍ୟାନ ପ୍ରଥମେ କେନ୍ଦ୍ରିତ ହେଉଥିଲା ବିଶ୍ୱ ବଜାର ଉପରେ। ଦେଶରେ ଅର୍ଥନୀତିକ ଅଭିବୃଦ୍ଧି ଯଦି ଟଳମଳ ହେଉଛି ବା ମହାମାରୀ କୋଭିଡ-୧୯ ଭଳି ବିପର୍ଯ୍ୟୟଗୁଡ଼ିକ ଲୋକମାନଙ୍କର କ୍ରୟ କରିବାର କ୍ଷମତାକୁ ପ୍ରଭାବିତ କରେ, ତାହେଲେ ଘରୋଇ ବଜାରର ଚାହିଦା ଉପରେ ଏହାର ପ୍ରଭାବ ପଡ଼ିବ, ଯାହା ଭାରତୀୟ କମ୍ପାନୀମାନଙ୍କ ପାଇଁ ନାଲିଝଣ୍ଡା ଦେଖାଇବ।

# ବିଶ୍ୱକର୍ମା



ଅଭୟ କୁମାର ଦାସ



ଚୀନ ଗ୍ରନ୍ଥ ଉପନିଷଦ ଏବଂ ପୁରାଣ ଆଦି ଅବଲୋକନ କଲେ ଜଣାପଡ଼େ ବିଶ୍ୱକର୍ମା ହେଉଛନ୍ତି ଶ୍ରେଷ୍ଠ ଶିଳ୍ପୀ। ଆଦି କାଳରେ ବିଶ୍ୱକର୍ମା ତାଙ୍କର ବିଶିଷ୍ଟ ଶିଳ୍ପ ଜ୍ଞାନ ଏବଂ ବିଜ୍ଞାନଗୁଣ ଯୋଗୁଁ ଦେବତା ଓ ମାନବ ଦ୍ୱାରା ପୂଜିତ ଓ ବନ୍ଦିତ। ସମସ୍ତ ଦେବଦେବୀ ବିଶ୍ୱକର୍ମାଙ୍କୁ ପୂଜା କରିଥାନ୍ତି।

ସୃଷ୍ଟି ରଚନା : ବିଶ୍ୱକର୍ମା ଅନ୍ୟ ଅର୍ଥରେ ବିଶ୍ୱର ସୃଷ୍ଟି କର୍ତ୍ତା। ଅନନ୍ତଶାୟୀ ନାରାୟଣଙ୍କ ନାଭିକମଳରୁ ଉତ୍ପନ୍ନ ହୋଇଥିବା ତ୍ରିକାଳଦର୍ଶୀ ବ୍ରହ୍ମା ହେଉଛନ୍ତି ସୃଷ୍ଟି କର୍ତ୍ତା। ଏଣୁ ବିଶ୍ୱକର୍ମାଙ୍କୁ ବ୍ରହ୍ମରୂପେ କଳ୍ପନା କରି ପୂଜା କରାଯାଏ। ପୁରାଣରୁ ଜଣାଯାଏ ବିଶ୍ୱକର୍ମା ରୂପକ ବ୍ରହ୍ମା ପ୍ରାଣୀ ଜଗତ ସୃଷ୍ଟି ପାଇଁ ୮୪ ଲକ୍ଷ ଯୋନି ଉତ୍ପନ୍ନ କରିଥିଲେ। ବ୍ରହ୍ମା ଶ୍ରୀବିଷ୍ଣୁଙ୍କୁ ଜଗତରେ ଉତ୍ପନ୍ନ କରି ସମସ୍ତ ପ୍ରାଣୀକୁ ରକ୍ଷା ଓ ଭରଣ ପୋଷଣ ଦାୟିତ୍ୱ ଦେଲେ। ପ୍ରଜାଙ୍କୁ ଠିକ୍ ଓ ସୁଚାରୁ ରୂପେ ପାଳନ ଓ ହୁକୁମ ଦେବା ପାଇଁ ତାଙ୍କୁ ଅତ୍ୟନ୍ତ ଶକ୍ତିଶାଳୀ ଚିତ୍ରଗାମୀ ସୁଦର୍ଶନ ଚକ୍ର ପ୍ରଦାନ କଲେ। ସଂସାରର ପ୍ରଳୟ ପାଇଁ ଅତ୍ୟନ୍ତ ଦୟାଳୁ ବାବା ଭୋଳାନାଥ ଶ୍ରୀ ଶଙ୍କରଙ୍କୁ ଦାୟିତ୍ୱ ଦେଲେ। ଭଗବାନ ଶଙ୍କରଙ୍କୁ ଡମ୍ବରୁ, କମଣ୍ଡଳ, ତ୍ରିଶୂଳ ଆଦି ପ୍ରଦାନ କଲେ। ତାଙ୍କ କପାଳରେ ପ୍ରଳୟକାରୀ ତୃତୀୟ ନେତ୍ର ପ୍ରଦାନ କଲେ ଓ ତାଙ୍କୁ ପ୍ରଳୟ ଶକ୍ତି ପ୍ରଦାନ କରି ଶକ୍ତିଶାଳୀ କରିଥିଲେ। ଯଥାନୁସାରେ ପ୍ରତ୍ୟେକ ଦେବତାଙ୍କ ପାଇଁ ଦେବୀ ରାଗ-ରାଗିନୀ ବୀଣାବାଦିନୀ ସରସ୍ୱତୀ, ମା'ଲକ୍ଷ୍ମୀ, ମା'ଗୌରୀ ବା ପାର୍ବତୀଙ୍କୁ ଦେଇ ଦେବତା ମାନଙ୍କୁ ସୁଶୋଭିତ କରିଥିଲେ।

ବିଶ୍ୱକର୍ମାଙ୍କ ପାଞ୍ଚ ଅବତାର : ଆମ ଧର୍ମଶାସ୍ତ୍ରୋ ତଥା ଗ୍ରନ୍ଥୋରେ ବିଶ୍ୱକର୍ମାଙ୍କ ପାଞ୍ଚ ସ୍ୱରୂପ ଅବା ଅବତାରର ବର୍ଣ୍ଣନା ରହିଛି। ୧. ବିରାଟ ବିଶ୍ୱକର୍ମା : ସୃଷ୍ଟି ରଚେତା। ୨. ଧର୍ମବଂଶୀ ବିଶ୍ୱକର୍ମା : ମହାନ ଶିଳ୍ପ ବିଜ୍ଞାନ ବିଧାତା ପ୍ରଭାତ ପୁତ୍ର। ୩. ଅଗ୍ନିବଂଶୀ ବିଶ୍ୱକର୍ମା : ଆଦି ବିଜ୍ଞାନ ବିଧାତା ବସୁ ପୁତ୍ର। ୪. ସୁଧନ୍ୱା ବିଶ୍ୱକର୍ମା : ମହାନ ଶିଳ୍ପାଚାର୍ଯ୍ୟ ବିଜ୍ଞାନ ଜନ୍ମଦାତା ଋଷି ଅଥର୍ବୀଙ୍କ ପୁତ୍ର। ୫. ଭୃଗୁବଂଶୀ ବିଶ୍ୱକର୍ମା : ଉତ୍କୃଷ୍ଟ ଶିଳ୍ପ ବିଜ୍ଞାନାଚାର୍ଯ୍ୟ ଶୁକ୍ରାଚାର୍ଯ୍ୟଙ୍କ ପୁତ୍ର।

ପଞ୍ଚମୁଖ ବିଶ୍ୱକର୍ମା : କନ୍ଦପୁରାଣ ଅନୁସାରେ ବ୍ରହ୍ମା ସ୍ୱରୂପ ଭଗବାନ ବିଶ୍ୱକର୍ମାଙ୍କର ପଞ୍ଚମୁଖ। ତାଙ୍କର ପାଞ୍ଚମୁଖ ଯାହା ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ ଓ ଋଷିଙ୍କ ମନ୍ତ୍ର ଦ୍ୱାରା ଉତ୍ପନ୍ନ ହୋଇଛି। ତାଙ୍କର ନାମ ହେଉଛି ମନୁ, ମୟ, ତ୍ୱଷ୍ଟା, ଶିଳ୍ପୀ ଓ ଦେବଜ୍ଞ। ଏମାନଙ୍କୁ ମଧ ପାଞ୍ଚପୁତ୍ର କୁହାଯାଏ।

ଋଷି ମନୁ ବିଶ୍ୱକର୍ମା : ଏହାଙ୍କୁ ସାନଗ ଗୋତ୍ରର ବୋଲି କୁହାଯାଏ। ଲୁହାର କାମର କାରିଗରୀ ଅଟନ୍ତି। ଏମାନଙ୍କ ବଂଶଜ ଲୋହକାର ରୂପେ ଜଣାପଡ଼ିଥିଲେ।

ସନାତନ ଋଷି ମୟ : ଏମାନଙ୍କୁ ସନାତନ ଗୋତ୍ରର କୁହାଯାଏ। ଏମାନେ ବଢ଼େଇ କାମର କାରିଗରୀ ସୃଷ୍ଟି କରିଥିଲେ। ଏମାନଙ୍କ ବଂଶଜଙ୍କୁ କାଷ୍ଠକାର ରୂପେ ମନାଯାଏ।

ଅହଭୁନ ଋଷି ତ୍ୱଷ୍ଟା : ଏମାନଙ୍କ ଅନ୍ୟ ନାମ ତ୍ୱଷ୍ଟା। ଏମାନଙ୍କ ଗୋତ୍ର ଅହଂଭନ। ଏମାନଙ୍କ ବଂଶଜଙ୍କୁ ତାମ୍ରକ ରୂପେ ମନାଯାଏ। ଏମାନେ ତମ୍ବାର କାରିଗରୀ ଭାବେ ଜଣାଶୁଣା ହେଲେ।

ପ୍ରୟତ୍ର ଋଷି ଶିଳ୍ପୀ : ଏମାନଙ୍କ ଅନ୍ୟ ନାମ ଶିଳ୍ପୀ, ଯାହାର ଗୋତ୍ର ପ୍ରୟତ୍ର। ଏମାନଙ୍କ ବଂଶଜ ଶିଳ୍ପକଳାର ଅଧିଷ୍ଠାତା ଅଟନ୍ତି। ଏମାନଙ୍କ ବଂଶଜଙ୍କୁ ମୂର୍ତ୍ତିକାର ବୋଲି ମନାଯାଏ।

ଦେବଜ୍ଞ ଋଷି : ଏମାନଙ୍କ ଗୋତ୍ର ସୁର୍ପଣ। ଏମାନଙ୍କ ବଂଶଜଙ୍କୁ ସ୍ୱର୍ଣ୍ଣକାର ବୋଲି ମନାଯାଏ। ସ୍ୱର୍ଣ୍ଣ ଧାତୁରେ ଏମାନେ କାମ କରନ୍ତି।

ପଞ୍ଚପୁତ୍ର : ପରମେଶ୍ୱର ବିଶ୍ୱକର୍ମାଙ୍କ ପାଞ୍ଚ ପୁତ୍ର ମନୁ, ମୟ, ତ୍ୱଷ୍ଟା, ଶିଳ୍ପୀ ଓ ଦେବଜ୍ଞ। ସଂସାରର ହିତ ପାଇଁ ଏମାନେ ଅସ୍ତ୍ରଶସ୍ତ୍ର ନିର୍ମାଣ କରିଥିଲେ। ଲୋକହିତ ପାଇଁ ଅନେକ ପଦାର୍ଥ ତିଆରି କରିଥିଲେ ଯଥା ଘର, ମନ୍ଦିର, ଭବନ, ମୂର୍ତ୍ତି ଓ ଅଳଙ୍କାରମାନ ଆଦି ତିଆରି କରିଥିଲେ। ଏମାନଙ୍କ ପଦାର୍ଥ ଲୋକହିତକାରୀ। ଏଥିପାଇଁ ଏହି ପାଞ୍ଚ ଏବଂ ବନ୍ଦନୀୟ ବ୍ରାହ୍ମଣ ଯଜ୍ଞ କର୍ମ କରିଥାନ୍ତି। ଏମାନଙ୍କ ବିନା କୌଣସି ଯଜ୍ଞ ହୋଇପାରିବ ନାହିଁ।

* ମନୁ ଋଷି ଭଗବାନ ବିଶ୍ୱକର୍ମାଙ୍କ ସବୁଠାରୁ ବଡ଼ପୁତ୍ର। ତାଙ୍କର ବିବାହ ଅଙ୍ଗିରା ଋଷିଙ୍କ କନ୍ୟା ସହିତ ହୋଇଥିଲା। ସେ ମାନବ ସୃଷ୍ଟିର ନିର୍ମାଣ କରିଥିଲେ। ଏମାନଙ୍କ କୁଳରେ ଅଗ୍ନିଗର୍ଭ, ସର୍ବତୋମୁଖ, ବ୍ରହ୍ମ ଆଦି ଋଷି ଉତ୍ପନ୍ନ ହୋଇଥିଲେ।

* ଭଗବାନ ବିଶ୍ୱକର୍ମାଙ୍କ ଅନ୍ୟ ପୁତ୍ରମୟ ମହର୍ଷି। ତାଙ୍କର ବିବାହ ପରାସର ଋଷିଙ୍କ କନ୍ୟା ସୌମ୍ୟା ସହିତ ହୋଇଥିଲା। ସେ ଇନ୍ଦ୍ରଜାଲ ସୃଷ୍ଟିର ରଚନା କରିଥିଲେ। ତାଙ୍କର ବଂଶରେ ବିଷ୍ଣୁବର୍ଦ୍ଧନ, ସୂର୍ଯ୍ୟତନ୍ତ୍ରୀ, ତଖପାନ, ଓଜ, ମହୋଜ ମହର୍ଷି ଉତ୍ପନ୍ନ ହୋଇଥିଲେ।

* ଭଗବାନ ବିଶ୍ୱକର୍ମାଙ୍କ ତୃତୀୟ ପୁତ୍ର ମହର୍ଷି ତ୍ୱଷ୍ଟା। ତାଙ୍କର ବିବାହ କୌଷିକ ଋଷିଙ୍କ କନ୍ୟା ଜୟନ୍ତୀଙ୍କ ସହ ହୋଇଥିଲା। ଏମାନଙ୍କ ବଂଶରେ ତ୍ୱଷ୍ଟା, ତନ୍ତୁ, ବର୍ଦ୍ଧନ, ହିରଣ୍ୟଗର୍ଭ ଋଷି ଉତ୍ପନ୍ନ ହୋଇଥିଲେ। ଏମାନେ ଦେବତାଙ୍କ ପୂଜିତ ଋଷି ଥିଲେ।

* ଭଗବାନ ବିଶ୍ୱକର୍ମାଙ୍କ ଚତୁର୍ଥ ପୁତ୍ର ମହୋର୍ଷି ଶିଳ୍ପୀ। ତାଙ୍କର ବିବାହ ଭୃଗୁ ଋଷିଙ୍କ କନ୍ୟା କରୁଣାଙ୍କ ସହିତ ହୋଇଥିଲା। ଏମାନଙ୍କ ବଂଶରେ ବୃଦ୍ଧି, ଧ୍ରୁନ, ହରିତାବଶ୍ୱ, ମେଧବାହ ନଳ, ବସ୍ତୋଷ୍ୟତି, ଶବମୃତ୍ୟୁ ଆଦି ଋଷି ଥିଲେ। ଏମାନେ କଳା ବର୍ଣ୍ଣନା କରିଥିଲେ।

* ଭଗବାନ ବିଶ୍ୱକର୍ମାଙ୍କ ପଞ୍ଚମପୁତ୍ର ମହର୍ଷି ଦେବଜ୍ଞ। ସେ ଜୈମିନୀ ଋଷିଙ୍କ କନ୍ୟା ଚନ୍ଦ୍ରିକାଙ୍କୁ ବିବାହ କରିଥିଲେ। ଏମାନଙ୍କ ବଂଶରେ ସହଶାସ୍ତ୍ର, ହିରଣ୍ୟ, ସୂର୍ଯ୍ୟଗୋବିନ୍ଦ, ଲୋକବାନ୍ଧବ, ଅର୍କଷଳି ଇତ୍ୟାଦି ଋଷି ଜନ୍ମ ନେଇଥିଲେ। ଭଗବାନ ବିଶ୍ୱକର୍ମାଙ୍କ ପଞ୍ଚ ପୁତ୍ର ଓ ବଧୂ ମାଧ୍ୟମରେ ଜଗତରେ ବିଭିନ୍ନ କଳା କୌଶଳ ବିସ୍ତାର କରାଯାଇଥିଲା। ଆଜି ଯାହାବି ମଣିଷ ଜିନିଷ ବ୍ୟବହାର କରୁଛି, ତିଆରି କରୁଛି ଓ ବିଭିନ୍ନ ଜ୍ଞାନକୌଶଳରେ ନୂଆ ନୂଆ ଜିନିଷ ଉଦ୍ଭାବନ କରୁଛି, ତାହା ସେହି ଭଗବାନ ବିଶ୍ୱକର୍ମାଙ୍କ କୃପା।

+ଗୋତରା, ମାହାଙ୍ଗା, କଟକ,
ମୋ: ୯୪୩୭୧୪୨୭୧୭

# ପୁଅ ଜିଉନ୍ତିଆ ଦୂତୀବାହନ ଓଷା



ଡ଼ଃ.ଅରୁନ୍ଧତୀ ଦେବୀ

ସନ୍ତାନ ପ୍ରତି ମାଆର ସ୍ନେହ ଅନନ୍ତ ଅସୀମ। ଝିଅଟିଏ ମାଆ ଭୂମିକାକୁ ଆସିବା ପରେ ସେ ସାଜିଯାଏ ତ୍ୟାଗ, ମମତା ଓ ପ୍ରୀତିର ଅଫୁରନ୍ତ ଉତ୍ସଟିଏ। କେତେବେଳେ ସ୍ୱାମୀର ମଙ୍ଗଳ କାମନା କରି ସେ ପୂଜିବସେ ସାବିତ୍ରୀଙ୍କୁ ତ ପୁଣି କେତେବେଳେ ନିଜ ଭାଇ ପାଇଁ ଭଉଣୀ ସାଜି ପୂଜା ଭ୍ରାତୃ ଦ୍ୱିତୀୟାରେ ପୂଜା କରିବସେ ଭାଇ। ପୁଣି କେତେବେଳେ ମାଆଟିଏ ହୋଇ ସନ୍ତାନର ମଙ୍ଗଳ ପାଇଁ ପୂଜା କରେ ଦୂତୀ ବାହନ ବା ପୁଅଜିଉନ୍ତିଆ। ନାରୀଟିଏ ପରିବାରର ସବୁ ସଦସ୍ୟଙ୍କ ମଙ୍ଗଳ ପାଇଁ ବାରମାସରେ ଆୟୋଜନ କରେ ତେର ଓଷା ବ୍ରତ। ଦରକାର ହେଲେ ସେ ନିଜ ଜୀବନକୁ ମଧ ବାଜି ଲଗାଇ ଦିଏ। ସାରା ପରିବାରର ମଙ୍ଗଳ ଯେମିତି ନାରୀଟିଏ ଏକାନ୍ତ କାମ୍ୟ। ହସି ହସି ସେ ସବୁ ଦୁଃଖକୁ ସହି ନିଏ, କଷ୍ଟକୁ ବି ଆପଣେଇ ନିଏ। ପୁଅ ଜିଉନ୍ତିଆ ପଶ୍ଚିମ ଓଡ଼ିଶାରେ ଯେପରି ଏକ ନିଆରା ପର୍ବ, ଠିକ୍ ସେହିପରି ଦୂତୀବାହାନ ଓଷା ବା ଦୂତୀୟା ଓଷା ଉତ୍ତର ଓ ଦକ୍ଷିଣ ଓଡ଼ିଶାରେ ଏକ ପ୍ରସିଦ୍ଧ ଓଷା। ସମ୍ବଲପୁର, ସୁନ୍ଦରଗଡ଼ ଓ ବରଗଡ଼ରେ ଏହି ଦୂତିବାହନ ଓଷା ବେଶ ନିଷ୍ଠା ଓ କାଷ୍ଠାର ସହ ପାଳିତ ହୋଇଥାଏ। ଠିକ୍ ସେହିପରି କଟକ ଭୁବନେଶ୍ୱର, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଓ ବାଲେଶ୍ୱର ଆଦି ଅଞ୍ଚଳରେ ଦୂତୀବାହନ ଓଷା ବା ଦୂତୀୟ ଓଷା ଏକ ପାରିବାରିକ ଓ ସାମାଜିକ ଓଷା ଭାବରେ ଗ୍ରାମୀଣ ଜୀବନଧାରାରେ ଏକ ଧର୍ମୀୟ ବାତାବରଣ ସୃଷ୍ଟି କରିଛି। ସନ୍ତାନର ମଙ୍ଗଳ ସହ ଆୟୁଷ କାମନା କରି ମାଆ ଓ ବିବାହିତ ମହିଳାମାନେ ଏହି ଓଷାକୁ ନିଷ୍ଠାର ସହିତ ପାଳନ କରିଥାନ୍ତି। ଏହି ଓଷା ଗ୍ରାମୀଣ ଜୀବନ ଧାରାରେ ଏକ ପାରିବାରିକ ସମ୍ବନ୍ଧ ଓ ସାମାଜିକ ଦୃଢ଼ତା ସୃଷ୍ଟି କରେ। ଗାଁ ମଣିଷର ଚଳନୀ ଓ ସାଣ୍ଡାଣାକୁ ଦୃଢ଼ କରିଥାଏ। ଏହି ଓଷା ମଣିଷଙ୍କ ଜୀବନ ଧାରାକୁ ଏକତାର ରଜ୍ଜୁରେ ବାନ୍ଧିବା ସହ ଉତ୍ସବ ମୁଖର କରିତୋଳେ। ଦୂତୀବାହନଙ୍କୁ ପୂଜା କରି ମାଆଙ୍କୁ ସନ୍ତୁଷ୍ଟ କରିବା ପାଇଁ ସାରା ଦିନ ନିର୍ଜଳା ଉପବାସ କରି ନିଷ୍ଠାର ସହ ଏହି ବ୍ରତଧାରଣ କରିବା ହେଉଛି ଓଷାର ମୁଖ୍ୟ କାର୍ଯ୍ୟ।

ଆଶ୍ୱିନର ଅଷ୍ଟମୀ ତିଥିରେ ପୁଅ ଜିଉନ୍ତିଆ ପାଳନ କରାଯାଏ। ପୂଜାର ପୂର୍ବଦିନ ଶିଳ ଶିଆଳୀ ପୂଜା କରାଯାଏ। ଏହିଦିନ ଶିଳକୁ ହଳଦୀ ପାଣିରେ ଧୋଇ ଦିଆଯାଏ। ଏଥିରେ ଗୁଆ ସହ ପୁଞ୍ଜାଏ କରି ଚାଉଳ ରଖାଯାଏ। ଏହିଥିରେ ଦୀପ କଳସ ବସାଇ ପିଠା ଭୋଗ ଲଗାଯାଏ। ସେଥିରୁ ଚାରୋଟି ପିଠା ଉପରକୁ ଫିଙ୍ଗାଯାଏ ଏବଂ ଚାରୋଟି ପିଠା ତଳେ ପୋତି ଦିଆଯାଏ। ପୂଜା ଦିନ ମାଆମାନେ ନିର୍ଜଳା ଉପବାସ ରୁହନ୍ତି। ସଂଜହେଲେ ସ୍ନାନସାରି ନଦୀବାଲିରେ ବେଦୀ କରନ୍ତି। ସେଇ ବେଦୀରେ ଚାରିଖଣ୍ଡ କାଠି ପୋତାଯାଏ। ଚାରି କାଠି ଉପରେ ଚାରୋଟି ଚକା କାକୁଡ଼ି ରଖାଯାଏ। ଗାଧୋଇ ସାରିବା ପରେ କାଠିରେ ଆଖୁ କଦଳୀ ଏପରି ୫ଟି ଗଛର ଡାଳ ପୋତାଯାଏ। ବ୍ରାହ୍ମଣ ସହ ଲକ୍ଷ୍ମୀନାରାୟଣଙ୍କ ପୂଜା ପାଠ କରାଯାଏ। ସୂର୍ଯ୍ୟାସ୍ତ ପରେ ହିଁ ଏହି ପୂଜା ହୋଇଥାଏ। ଏହି ପୂଜାରେ ୨୧ ପ୍ରକାର ଫଳ ଭୋଗ ଲାଗି ହୋଇଥାଏ। ଏଥିସହ ୧୦୮ ଦୂବ, ୧୦୮ ଚାଉଳ ଓ ପରଦିନ ହିଁ ବ୍ୟବହୃତ ହୋଇଥାଏ। ସକାଳେ ପୂଜାସ୍ଥାନରେ ୪ଖଣ୍ଡ କାଠି ଖଣ୍ଡୁଆଳ ଚକି ପ୍ରତୀକ ଭାବରେ ଗୌରୀ ପୂଜା କରାଯାଏ। ଏହି ଦିନ ମୁଗ ଆଠଟି, ଚାଉଳ ଆଠଟି, ଦହି ଗୁଡ଼ ସହ ଜଳିବା ପରେ ପୁଅମାନଙ୍କୁ ବନ୍ଦାପନା କରାଯାଏ। ସମସ୍ତେ ଭୋଗ ବାଢ଼ନ୍ତି। ଏହି ଭୋଗକୁ ପଶ୍ଚିମ ଓଡ଼ିଶାରେ ଜିଉନ୍ତିଆ ବୋଲି କୁହନ୍ତି। ଏହାପରେ ଆରମ୍ଭ ହୋଇଯାଏ ମଉଜ ମଜଲିସ ଓ ପିଠା ପଣାରେ ପରିବାର ହସି ଉଠେ। ମାଆ ଖାଇବା ପରେ ଅନ୍ୟ ସନ୍ତାନମାନେ ଖାଇଥାନ୍ତି। ଉତ୍ତର ଓଡ଼ିଶାରେ ଅନେକ ଗାଁ ପରିବେଶରେ ମଉଜ ମଜଲିସରେ ଛକ ଜାଗାମାନ ଫାଟି ଉଠେ। ଠିକ୍ ସେହିପରି ପଶ୍ଚିମ ଓଡ଼ିଶାରେ ବିଭିନ୍ନ ସ୍ଥାନରେ ଜିଉଁନ୍ତିଆ ମହୋତ୍ସବ ଅନୁଷ୍ଠିତ ହୋଇଥାଏ। ଗାଉଣା, ବାଜଣା ଭିତରେ ପରିବେଶ ଜୀବନ୍ତ ହୋଇଉଠେ। ପଶ୍ଚିମ ଓଡ଼ିଶାର ଅନେକ ସ୍ଥାନରେ ପୁଅ ଜିଉନ୍ତିଆ ଓଷାକୁ ନେଇ ଜିଉନ୍ତିଆ ଉତ୍ସବମାନ ପାଳିତ ହୋଇଥାଏ। ଭାଦ୍ରବ ମାସ ଶୁକ୍ଳପକ୍ଷ ଅଷ୍ଟମୀର ରାତ୍ରକାଳରୁ ଦୁର୍ଗାଙ୍କର ଶୟନ ଉତ୍ସବ ଆରମ୍ଭ ହୋଇଥାଏ। ଏହା ୧୫ ଦିନ ପର୍ଯ୍ୟନ୍ତ ଚାଲେ। ଏହି ସମୟଟି ଅତ୍ୟନ୍ତ-ଅଶୁଭ ସମୟ। କାରଣ ହରିଙ୍କ ଶୟନ ସାଥିକୁ ଦେବୀଙ୍କ ଶୟନ ଅଶୁଭର ପ୍ରତୀକ। ୧୫ ଦିନ ଶୋଇବା ପରେ ଶଯ୍ୟା ତ୍ୟାଗ କରି ମାଆ ଦୁର୍ଗାଙ୍କର ଉପାସନା ଉତ୍ସବ ପାଳିତ ହୁଏ। ସେ ରାତ୍ରିରେ ସହସ୍ର କୁମ୍ଭାରିଷ୍ଟ କରାଯାଏ ଏବଂ ପରଦିନ ଠାରୁ ଦେବୀଙ୍କ ଷୋଠଶ ପୂଜାରମ୍ଭ ହୋଇଥାଏ। ଆଶ୍ୱିନ ଅଷ୍ଟମୀରେ ମୂଳାଷ୍ଟମୀ ଅବକାଶରେ ମାଆ ଦୂତୀବାହନଙ୍କୁ ପୂଜା କରିବା ସମୟରେ ଯେଉଁ ପସରା ପୂଜା ଅନୁଷ୍ଠିତ ହୋଇଥାଏ ସେହି ପସରାରେ ପୂଜା ପାଉଥିବା ୪୭ ପ୍ରକାର ପନିପରିବା ଓ ଫଳମୂଳକୁ ନେଇ ଆଶ୍ୱିନ ନବମୀରେ ଆୟୋଜିତ ହୁଏ ଘାଣ୍ଟ। ଓଡ଼ିଆ ଘରର ଘାଣ୍ଟ ବେଶ ପ୍ରସିଦ୍ଧ। ଏହି ଘାଣ୍ଟକୁ ଗ୍ରାମୀଣ ଜୀବନଧାରାରେ ପରିବାର ସହିତ ଜ୍ଞାତି କୁଟୁମ୍ବ ଓ ଆତ୍ମୀୟସ୍ୱଜନଙ୍କୁ ବାଣ୍ଟି ଖିଆଯାଏ। ଆଶ୍ଚର୍ଯ୍ୟର କଥା ଏହି ଘାଣ୍ଟ ଏବେ ଅନ୍ତର୍ଜାତୀୟ ଖାଦ୍ୟ ତାଲିକାରେ ମେନ୍ୟୁରେ ସ୍ଥାନ ପାଇଛି।

+ନିର୍ଦ୍ଦେଶିକା-ସମ୍ପାଦିକା,
ଆନ୍ତର୍ଜାତୀୟ ଅଶୋଭନୀୟତା
ନିରୋଧ ଆନ୍ଦୋଳନ, କଟକ,
ମୋ : ୯୯୩୭୧୭୨୮୧୦






## ଦେବଶିଳ୍ପୀ ବିଶ୍ୱକର୍ମା

ରାମ ଚନ୍ଦ୍ର ପ୍ରଧାନ

ସୃଷ୍ଟି ରଚୟିତା ଯୋଗସିଦ୍ଧା ସୁତ
ଦେବଶିଳ୍ପୀ ବିଶ୍ୱକର୍ମା
ତୁମେ ଅଦ୍ୱିତୀୟ ହେ ବିଶ୍ୱ ବିନ୍ଧାଣି
ଜାତିସ୍ମର ଯୋଗଜନ୍ମା ।
ଭାଦ୍ରବ ମାସର କନ୍ୟା ସଂକ୍ରାନ୍ତିରେ
ହୁଅଇ ତୁମରି ପୂଜା
କଳ କାରଖାନା ଶିଳ୍ପ ଅନୁଷ୍ଠାନେ
ଉଡ଼େ କାରିଗରୀ ଧ୍ୱଜା ।
ବ୍ରହ୍ମାଙ୍କ ନିର୍ଦ୍ଦେଶେ ନିର୍ମାଣ କରିଲ
ସ୍ୱର୍ଗର ଅମରାବତୀ
ଦ୍ୱାରିକା ନଗରୀ ଅବା ସ୍ୱର୍ଣ୍ଣଲଙ୍କା
ସବୁଥିରେ ତୁମ ଖ୍ୟାତି ।
ଶସ୍ତ୍ର ବିମାନରେ ଇନ୍ଦ୍ରଙ୍କ ବଜ୍ରରେ
ତୁମରି ନିର୍ମାଣ ଶ୍ରେଷ୍ଠ
ହସ୍ତିନା ପୁର କି' ପ୍ରଭାବତୀ ପୁରୀ
ହେଉ ଅବା ଇନ୍ଦ୍ରପ୍ରସ୍ଥ ।
ବ୍ରାହ୍ମଣ କୁଳରେ ଜନମିଲ ତୁମେ
ଘୃତାଚୀଙ୍କ ଶାପ ବଳେ
ତୁମେ ଦୈବ ସ୍ୱର୍ଗେ ଏ ଧାରାଧାମରେ
ନିର୍ମାଣର ଦୀପ ଜଳେ ।
ଧନ୍ୟ ଧନ୍ୟ ପ୍ରଭୁ ବାବା ବିଶ୍ୱକର୍ମା
ମହିମା ତୁମ ଅପାର
ହେ ଗଜ ବାହାନ ବିଦ୍ୟା ଅଧିପତି
ଦେବଶିଳ୍ପୀ କାରିଗର ।
କଳାରେ କୁଶଳୀ ଶ୍ରେଷ୍ଠ କାରିଗର
ଘେନ ମୋ ଭକ୍ତି ପ୍ରଣାମ
ଶିଳ୍ପ ଜଗତରେ ଶୁଭାଶିଷ ଢାଳି
ରଖ ଶିଳ୍ପୀକୁଳ ନାମ ।

+ଶିକ୍ଷକ, ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ:୯୮୬୧୬୩୮୭୩୬

## ବିଶ୍ୱକର୍ମା ପୂଜା

ସୁଧାକର ରାଉତ

ଶରତ ଆଣିଛି ହରଷେ ତା ସଙ୍ଗେ
ନାନା ଜାତିର ପରବ
ତାକୁ ପାଳି ଲୋକେ ଭକ୍ତି ରସେ ବୁଡି
ଲଭନ୍ତି ଖୁସି ଅପୂର୍ବ ।

ଭାଦ୍ରବ ମାସ ଶୁକ୍ଳ ଏକାଦଶୀରେ
ହୁଏ ବିଶ୍ୱକର୍ମା ପୂଜା
କାରଖାନା, ବୈଷୟିକ ଅନୁଷ୍ଠାନ
ହୋଇଥାଏ କେତେ ସଜ୍ଜା ।

ଶିଳ୍ପୀ କୂଳ, କାରୀଗର ଆଦି ଯେତେ
ଭକ୍ତି ଭାବ ମନେ ଭରି
ଶ୍ରୀ ସ୍ୱୟମ୍ଭୂ ପାଶେ କରିଥାନ୍ତି ଅଳି
ଢାଳିବାକୁ କୃପା ବାରି ।

ଏ ସାରା ବିଶ୍ୱର ସୃଷ୍ଟିକର୍ତ୍ତା ସିଏ
ତାଙ୍କ ସାମାନ୍ୟ କରୁଣା
ନିଜ ନିଜ ବୃତ୍ତିର ଶୀର୍ଷେ ପହଞ୍ଚି
ହୁଅନ୍ତି ଜଗତ ଜିଣା ।

ଦ୍ୱାରକା ପୁରୀ ଓ ଇନ୍ଦ୍ରପ୍ରସ୍ଥ ଆଦି
କରିଥିଲେ ସେ ନିର୍ମାଣ
ତାଙ୍କ ହସ୍ତର ସେ ଯାଦୁକରୀ ଶକ୍ତି
ବଖାଣେ ପରା ପୁରାଣ ।



ତାଙ୍କର ସୁନ୍ଦର ମୂର୍ତ୍ତି ସମ୍ମୁଖରେ
ହୁଏ ପୂଜା ବିଧି ମତେ
ଶଙ୍ଖ,ଘଣ୍ଟା,ବାଜା,କାହାଳୀ ଶବଦେ
କମ୍ପେ ଚଉଦିଗ ସତେ ।

ଭାରତର ସଂସ୍କୃତି ଓ ପରମ୍ପରା
ଅଟଇ କେତେ ମହାନ
ସବୁ ଦେବା ଦେବୀ ପୂଜା କରି ଆମେ
ମଣିଥାଉ ଭାଗ୍ୟବାନ ।

+ପ୍ରତାପ ନଗରୀ, କଟକ
ମୋ-୮୨୪୯୯୩୨୭୯୨

## ସମ୍ଭାବନା

ଡଃ ମାଙ୍ଗଳିକା ମହାପାତ୍ର

ବର୍ଷାର ଇଛା ନାହିଁ ଜାଣି ବି
ସୂର୍ଯ୍ୟ ଲୁଚିଯାଏ ମେଘ ଆଢୁଆଳେ
ମରୁଭୂମି ରେ ଉର୍ମି ନାହିଁ ଜାଣି ବି
ତୃଷାର୍ତ୍ତ ପହଁରିଚାଲେ
ମରୀଚିକା ଜଳେ
ତଥାପି...
ମହଣେ ଆଶାକୁ
ମନରେ ବାନ୍ଧି
ମୁହଁକୁ ଲୁଚାଏ
ସମ୍ଭାବନାର ପ୍ରତ୍ୟାଶା କୋଳରେ
ପ୍ରାଣ ତଳେ ଅବଶୋଷର ଲୁହଝର
ଅବିରତ ଝରି ଚାଲେ
ସେହି ଏକ ରିକ୍ତ ସ୍ଥାନ ପାଇଁ
ଭୁଲିବାର ସମ୍ଭାବନା ଏ ଜନମେ ନାହିଁ
କେବେ ହେଲେ ନାହିଁ...

ରେଭେନସା ବିଶ୍ୱବିଦ୍ୟାଳୟ



## ପ୍ରଭୁ ବିଶ୍ୱକର୍ମା

ବାପିନି ସିଂ



ଅତି ଆଦରରେ ନିର୍ମାଣ କରିଲ
ତୁମେ ଏଇ ଜଗତକୁ
ସେଥିପାଇଁ ପରା ଏ ସାରା ସଂସାର
ଆଦରେ ପୂଜେ ତୁମକୁ ।

ଗଜ ଯେ ଅଟନ୍ତି ତୁମରି ବାହାନ
ରୂପରେ ସେ କଳା ରଙ୍ଗୀ
ତାଙ୍କରି ଉପରେ ତୁମେ ବିରାଜିଲେ
ଦିଶଇ ସବୁ ନାରଙ୍ଗୀ ।

ହେ ଶିଳ୍ପୀ ଦେବତା ପ୍ରଭୁ ବିଶ୍ୱକର୍ମା
ଜଗତ ନିର୍ମାଣକାରୀ
ଗଢ଼ିଅଛ ପ୍ରଭୁ ସୁନ୍ଦର ସୃଷ୍ଟିକୁ
କେତେ ଯେ ଯତନ କରି ।

ଲକ୍ଷ୍ମୀ ମାତାଙ୍କର ଆଜ୍ଞା ଅନୁସାରେ
ଗଢ଼ିଲ ଭବ୍ୟ ମହଲ
ହୀରା ନୀଳା ମୋତି ମାଣିକ ଖଞ୍ଜିଲ
ମାଆଙ୍କ ମାନ ରଖିଲ ।

ସତ୍ୟଯୁଗେ ସ୍ୱର୍ଗପୁରକୁ ଗଢିଲ
ତ୍ରେତୟାରେ ଲଙ୍କାପୁର
ଦ୍ୱାପରେ ଗଢ଼ିଲ ଦ୍ୱରକାପୁରକୁ
କଳିରେ କଳା ଠାକୁର ।

ବ୍ରହ୍ମାଙ୍କ ନିର୍ଦ୍ଦେଶେ ଗଢ଼ିଥିଲ ତୁମେ
ବ୍ରହ୍ମାଣ୍ଡର ଦିବ୍ୟ ରୂପ
ଦ୍ୱାରିକା ଭବନ ଆଦରେ ଗଢିଲ
ଝଲସିଲା ତା ସ୍ୱରୂପ ।

ଯତନେ ଗଢ଼ିଲ ଏ ସାରା ଜଗତ
ଉଣା କରିନାହଁ ଜମା
ସେଥିପାଇଁ ପରା ହୋଇଅଛି ପ୍ରଭୁ
ତୁମ ନାମ ବିଶ୍ୱକର୍ମା ।

+ସ୍ନାତକୋତ୍ତର ଅର୍ଥଶାସ୍ତ୍ର ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ ,
ବ୍ୟାସବିହାର,ବାଲେଶ୍ୱର
ମୋ : ୯୯୩୭୮୨୦୮୩୧









କାର୍ତ୍ତିକ ସାଇଁ

## ମିନା ଅପାଙ୍କ ରାମାୟଣ ଟୁଙ୍ଗି (୫୪)

# ଶ୍ରୀରାମ ଲକ୍ଷ୍ମଣଙ୍କ ସହିତ ହନୁମାନଙ୍କ ଭେଟ



(ପୂର୍ବ ପ୍ରକାଶିତ ଉତ୍ତାରୁ)

"ପିଲାମାନେ ଆଜି ଆମେ ରାମାୟଣ ପୁରାଣର କିଷ୍କିନ୍ଧା କାଣ୍ଡ ଆରମ୍ଭ କରିବା।" ମିନା ଅପା ରାମାୟଣ କଥା ଆରମ୍ଭ କଲେ।

"ରାମ ଲକ୍ଷ୍ମଣ ପମ୍ପାସର ନିକଟରେ ଯାଉ ଯାଉ ଋଷ୍ୟମୁକ ନାମକ ପର୍ବତ ପାଖରେ ପହଂଚିଲେ। ସୀତାଙ୍କ ବିରହରେ ବହୁତ ଦୁଃଖୀ ଥିଲେ ପ୍ରଭୁ ଶ୍ରୀରାମ। ସେଇ ସମୟରେ ବସନ୍ତ ଋତୁ ଧରଣୀରେ ଆଗମନ କରିଥିଲା। ସବୁ ଆଡ଼େ ବେଶ୍ ସୁନ୍ଦର ଦିଶୁଥିଲା। ପ୍ରକୃତିର ସୌନ୍ଦର୍ଯ୍ୟ ରାମ ଲକ୍ଷ୍ମଣଙ୍କୁ କିଛି ସମୟ ଲାଗି ବିମୋହିତ କରିଥିଲା।

ଋଷ୍ୟମୁକ ପର୍ବତରେ ସୁଗ୍ରୀମ ନାମକ ଜଣେ ବାନର ରାଜା ତାଙ୍କର ଚାରିଜଣ ମନ୍ତ୍ରୀଙ୍କ ସହିତ ରହୁଥିଲେ। ସୁଗ୍ରୀବଙ୍କ ବଡ଼ଭାଇ ବାଳି ସୁଗ୍ରୀବଙ୍କୁ ଅପମାନିତ କରି ତାଙ୍କ ରାଜ୍ୟରୁ ବାହାର କରି ଦେଇଥିଲେ ଓ ଏକଥା ବି କହିଥିଲେ ସୁଗ୍ରୀବ ତାଙ୍କ ରାଜ୍ୟରେ କେଉଁଠି ଦେଖାଗଲେ ସେ ତାଙ୍କୁ



ମାରି ଦେବେ। ବାଳି ବହୁତ ବଳବାନ ଥିଲେ। ତେଣୁ ସୁଗ୍ରୀବ ବାଧ୍ୟହୋଇ ଋଷ୍ୟମୁକ ପର୍ବତରେ ଆତ୍ମଗୋପନ କରି ରହିଥିଲେ। ବାଳିଙ୍କୁ ଗୋଟେ ଅଭିଶାପ ଦିଆଯାଇଥିଲା ଯେ ସେ ଋଷ୍ୟମୁକ ପର୍ବତକୁ ଆସିଲେ ତାଙ୍କର ବଳ କମିଯିବ। ତେଣୁ ସେ ଋଷ୍ୟମୁକ ପର୍ବତକୁ ଆସୁନଥିଲେ।

ଏଠାରେ ସୁଗ୍ରୀବଙ୍କ ସମ୍ପର୍କରେ ଆମେ ଜାଣିବା।

ସୁଗ୍ରୀବ କିଷ୍କିନ୍ଧ୍ୟା ରାଜା ବାଳିଙ୍କର ସାନଭାଇ। ସେମାନଙ୍କ ଶରୀର ମଣିଷ ପରି ଥିଲା। ମାତ୍ର ମୁଖମଣ୍ଡଳ ବାନରଙ୍କ ପରି ଥିଲା। ରାଜା ବାଳି କିଷ୍କିନ୍ଧ୍ୟାରେ ଶାସନ କରିବା ସମୟରେ ଏକ ରାକ୍ଷସ ମାୟାବୀ ଆସି ତାଙ୍କ ରାଜ୍ୟରେ ଉପଦ୍ରବ ସୃଷ୍ଟି କଲା। ସେ ରାକ୍ଷସକୁ ଦଣ୍ଡ ଦେବାକୁ ବାଳି ତା ପଛରେ ଗଲେ। ରାତିରେ ମାୟାବୀ ରାକ୍ଷସ ପଛରେ ନ ଯିବାକୁ ତାଙ୍କ ପତ୍ନୀ ତାରା ଓ ରାଇ ସୁଗ୍ରୀବ ମନା କରୁଥିଲେ। ମାତ୍ର ବାଳି ତାଙ୍କ କଥାକୁ ଖାତିର କରିନଥିଲେ।

ବାଳିଙ୍କ ପଛେ ପଛେ ସୁଗ୍ରୀବ ଯାଇଥିଲେ। ମାୟାବୀ ରାକ୍ଷସ ବଳିଙ୍କୁ ଡରି ଏକ ଗୁମ୍ଫାରେ ପଶି ଯାଇଥିଲା। ଗୁମ୍ଫାର ଦ୍ୱାରଦେଶରେ ସୁଗ୍ରୀବଙ୍କୁ ରହିବାକୁ କହି ବାଳି ଗୁମ୍ଫା ଭିତରେ ପ୍ରବେଶ କଲେ। ଗୁମ୍ଫା ଭିତରେ ବାଳି ଓ ମାୟାବୀ ଭିତରେ ଜୋରରେ ଲଢ଼େଇ ହେଲା। ଅନେକ ଦିନି ବିତିଗଲା। ସୁଗ୍ରୀବ ଗୁମ୍ଫାର ଦ୍ୱାରଦେଶରେ ଜଗି ରହିଥିଲା। ହଠାତ୍ ଗୁମ୍ଫା ଭିତରୁ ରକ୍ତ ବହିବାକୁ ଲାଗିଲା ଓ ରାକ୍ଷସର ଉକ୍ଟ ଚିତ୍କାର ଶୁଣିବାକୁ ମିଳିଲା। ସୁଗ୍ରୀବ ଡରିଗଲେ ଓ ଭାବିଲେ ମାୟାବୀ ରାକ୍ଷସ ବାଳିଙ୍କୁ ମାରିଦେଇଛି। ସେ ସଂଗେ ସଂଗେ ଗୁମ୍ଫାର ଦ୍ୱାରକୁ ଏକ ବୃହତ୍ ପଥରରେ ବନ୍ଦ କରି ଦୁଃଖରେ ରାଜ୍ୟକୁ ଫେରିଲେ।

ରାଜ୍ୟର ସବୁ ଲୋକ ବୁଝିଗଲେ ଯେ ବାଳିଙ୍କର ମୃତ୍ୟୁ ହୋଇଛି। ତେଣୁ ସେମାନେ ବାଧ୍ୟକରି ସୁଗ୍ରୀବଙ୍କୁ ରାଜଗାଦିରେ ବସାଇ ଦେଲେ। ମାତ୍ର ବାଳିଙ୍କର ମୃତ୍ୟୁ ହୋଇନଥିଲା। ସେ ଗୁମ୍ଫା ଦ୍ୱାର ଦେଶରେ ଥିବା ପଥରକୁ ହଟେଇ ଆସି ରାଜ୍ୟରେ ପହଂଚିଲେ। ସେ ଯାହା ଦେଖିଲେ ସେଥିରେ ତାଙ୍କର ବହୁତ ରାଗ ହେଲା। ସେ ବୁଝିପାରିଲେନି ଯେ ସୁଗ୍ରୀବଙ୍କୁ ବାଧ୍ୟକରି ରାଜା କରିଦିଆ ହୋଇଛି।

ବାଳି ସୁଗ୍ରୀବଙ୍କୁ ମାରଧର କଲେ ଓ ଅପମାନିତ କଲେ। ତାଙ୍କ ପତ୍ନୀଙ୍କୁ ଅପହରଣ କଲେ। ବାଳି ସୁଗ୍ରୀବଙ୍କୁ ରାଜ୍ୟରୁ ବିତାଡ଼ିତ କରି ଚେତାବନୀ ଦେଲେ ଯେ ସୁଗ୍ରୀବ ତାଙ୍କ ରାଜ୍ୟରେ ଦେଖାଦେଲେ ସେ ତାଙ୍କୁ ମାରିଦେବେ। ସୁଗ୍ରୀବ ବାଳିଙ୍କ ଆଗରେ ବହୁତ ଅନୁନୟ କଲେ। ମାତ୍ର ବାଳି କିଛି ନ ଶୁଣି ତାଙ୍କୁ ବେଶି ଅପମାନିତ କଲେ ଓ ବିଧା ଗୋଇଠା ମାରିଲେ। ଶେଷକୁ ସୁଗ୍ରୀବ ଦୁଃଖରେ ଓ ଭୟରେ ରାଜ୍ୟ ଛାଡ଼ି ଋଷ୍ୟମୁକ୍ତ ପର୍ବତରେ ଲୁଚିଲେ। ବାଳିଙ୍କ ରାଗ କମି ନଥିଲା। ସେ ଅନ୍ୟମାନଙ୍କୁ ପଠାଇ ସୁଗ୍ରୀବଙ୍କୁ ଡରାଉଥିଲେ।

ରାମ ଲକ୍ଷ୍ମଣଙ୍କୁ ଦେଖି ସୁଗ୍ରୀବ ଡରିଗଲେ ଓ ଏକ ଗୁମ୍ଫାରେ ଲୁଚିଗଲେ। ସେ ହନୁମାନଙ୍କୁ ରାମ ଲକ୍ଷ୍ମଣଙ୍କ ପାଖକୁ ପଠାଇଲେ ଓ ତାଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବାକୁ କହିଲେ।

ହନୁମାନ ଏକ ବ୍ରାହ୍ମଣ କୁମାର ବେଶ ଧାରଣ କରି ରାମ ଲକ୍ଷ୍ମଣଙ୍କ ସମ୍ମୁଖରେ ଉପସ୍ଥିତ ହେଲେ। ଋଷ୍ୟମୁକ ପର୍ବତ ପାଖରେ ବଟୁ-ବେଶରେ ଏକ ବ୍ରାହ୍ମଣ କୁମାରକୁ ଦେଖି ରାମ ଲକ୍ଷ୍ମଣ ଆଶ୍ଚର୍ଯ୍ୟ ହେଲେ।

ବ୍ରାହ୍ମଣ ବେଶରେ ଥିବା ହନୁ ଜଣେ ଜ୍ଞାନୀ ଓ ପଣ୍ଡିତ ପରି ଜଣା ପଡୁଥିଲେ। ସେ ରାମ ଲକ୍ଷ୍ମଣଙ୍କ ପାଖରେ ପହଂଚି ତାଙ୍କର ପରିଚୟ ପଚାରିଲେ। ରାମ ଲକ୍ଷ୍ମଣ କାହିଁ ଦୁଃଖୀ ଜଣା ପଡୁଛନ୍ତି, ସେ କଥା ମଧ୍ୟ ସେ ପଚାରିଲେ।

ରାମ ଲକ୍ଷ୍ମଣଙ୍କୁ ତାଙ୍କ ପରିଚୟ ଦେବାକୁ କହିଲେ ଓ ସଂଗେ ସଂଗେ ଲକ୍ଷ୍ମଣ ତାଙ୍କ ପରିଚୟ ଦେଲେ ଓ ମାତା ସୀତାଙ୍କ ଅପହରଣ କଥା କହିଲେ।

ହନୁମାନ ଯାହା ଶୁଣିଲେ ସେ କଥାକୁ ପ୍ରଥମେ ବିଶ୍ୱାସ କରିପାରିଲେନି।

(କ୍ରମଶଃ)

+ମୋ: ୯୯୮୦୩୦୦୭୫୧



ନଗେନ୍ଦ୍ର ନାଥ ପଟ୍ଟନାୟକ

# ନିଧିବୁଢ଼ା ବାରିପଟେ ପଡିଚି ବିଚାର



ସାହେମ୍ ସାହିରେ ଡେଙ୍ଗୁ ଓ ଚିଗୁନୁଗୁନିଆ ରୋଗ ବ୍ୟାପିପରେ ଲାଗିଲା । ଏଣୁ ସାହିପଡିଶା ଲୋକେ ବଡ ଚିନ୍ତାରେ ପଡିଗଲେ । ଦିନେ ସାହେମ୍ ଦେଖିଲା ବଡି ସକାଳୁ ସାହିର ସବୁ ଲୋକ ପ୍ରାୟ କାମରେ ଲାଗିପଡିଚନ୍ତି । ଘରେ ଥିବା ଦୁଇଟି ଟାଙ୍କିକୁ ସଫାସୁତୁରା କରିବା ପାଇଁ ଜେଜେବାପା ଦୁଇଟି ଲୋକଙ୍କୁ କହୁଥାନ୍ତି । ସାହି ଚାରିପଟେ ଲମ୍ବିଥିବା ରାସ୍ତାର ଖାଲଖମାଗୁଡିକୁ ବାଲିମାଟିରେ ପୋତିବାକୁ କେତେକ ଲୋକଙ୍କୁ କହୁଥିଲେ ପଡିଶା ଘରର ମଉସା । ଘରେ ଥିବା ଫ୍ରିଜ ଓ କୁଲରରେ ଜମିଥିବା ମଇଳା ପାଣିତକ ବାହାରକରି ସଫାସୁତର କରୁଥାନ୍ତି ମାମା । ଏଣେ ବାପା ଅଗଣା ଓ ବାରଣ୍ଡାରେ ବିଛେଇ ହୋଇ ପଡିଥିବା ଅଳିଆ ଆବର୍ଜନା ସବୁ ସାଉଁଟିନେଇ ବାହାରର ଅଳିଆଗାଡି ନିକଟରେ ଗଦା କରୁଥାନ୍ତି ।

କିଛି ସମୟ ପରେ ମେହନ୍ତର ସଂଗୃହୀତ ଅଳିଆ ଆବର୍ଜନାତକ ବୋହିନେଇ ଅଳିଆ ଗାଡିରେ ଭର୍ତିକଲା । ସେତିକିବେଳେ ଅନ୍ୟ ଦୁଇଜଣ ଲୋକ ଆସି ମଶାମାଛିମରା ଔଷଧ ସିଂଚନ କରିବାରେ ଲାଗିପଡିଲେ । ସାଙ୍ଗେ ସାଙ୍ଗେ ଧୂଆଁ ଉତ୍ପନ୍ନ କରୁଥିବା ଫଗିଙ୍ଗ ମେସିନ ସାହିକୁ ଅଣାଗଲା । ପ୍ରାୟ ଅଧିକାଂଶ ଲୋକ ସେମାନଙ୍କ ଘର ଝରକାରେ ନେଟ୍ ଲଗାଇଥିଲେ । ସାଲେମ ଆବାକାବା ହୋଇ ଅନେଇ ରହିଥାଏ । ପ୍ରତ୍ୟେକ ଯେଝା ଯେଝାର କାମରେ ବେଶ୍ ଆରାମରେ ଲାଗିପଡିଥିବା ବେଳେ ସୋହେମ ପଚାରିଲା -ଜେଜେ ! ଆଜି କଲୋନିର ପ୍ରତ୍ୟେକ ଲୋକ କଣ ବ୍ୟସ୍ତ ଅଛନ୍ତି ? ଆଜି ସାହିରେ ଏତେ ପରିଷ୍କାର ପରିଚ୍ଛନ୍ନ କାହିଁକି କରାଯାଉଚି ? ଏତିକିବେଳେ ସାନ ଝିଅ ସିମା ବଡ ପାଟିକଲା -ଓଃ ମାଆ ! ମଶା ମଶା. . . । ଏ ମଶାଗୁଡିକ କାହିଁକି ଶାନ୍ତି ଚାହାନ୍ତିନି ? ଘରେ ସମସ୍ତେ ଦେଖିଲେ ମଶା କାମୁଡା ଯୋଗୁଁ କୁନିଝିଅ ସିମାର ହାତଟା ଫୁଲିଯାଇଛି । ଜେଜେ ବୁଝାଇଲେ -ସାହେମ, ତୁ ଟିକେ ମୋ କଥା ମନେଦଇ ଶୁଣ । ତୁ ତ ତୋ ସାହିତ୍ୟ ବହିରେ ନିଶ୍ଚେ ପଢିଥିବୁ ଏକଥା- ନିଧିବୁଢ଼ା ବାରିପଟେ ପଡିଚି ବିଚାର . . . . । ସେଥିରୁ ତୁ ଛାଏଁ ବୁଝିପାରିଥିବୁ ଏ ମଶାମାନଙ୍କ ଦୌରାତ୍ମ୍ୟ କଥା । ଏ ମଶାମାନେ ଖାଲ ଓ ତା ଚାରିପଟେ ପାଣି ଜମିଥିବା ଜାଗାରେ ଡିମ୍ବ ଦେଇଥାନ୍ତି । ତେଣୁ ଆମ ସାହିରେ ମଶା ସଂଖ୍ୟା ଦିନକୁ ଦିନ ବୃଦ୍ଧିପାଇବରେ ଲାଗିଛି । ଏଥିସହିତ ଡେଙ୍ଗୁ ଓ ଚିଗୁନୁଗୁନିଆ ରୋଗ ବି ବ୍ୟାପିବାରେ ଲାଗିଚି । ଏଥିପାଇଁ ଆମେ ସଭିଏଁ ସ୍ଥିର କରିଥିଲୁ ସଫେଇ ଅଭିଯାନ ଆରମ୍ଭ କରିବାକୁ ।

ସାହେମ କହିଲା -ଓହୋ ଜେଜେ ! ଏବେ ମୁଁ ବୁଝିଗଲି । ହେଲେ ଏ ଡେଙ୍ଗୁ ଜ୍ୱରତ ମଣିଷର ପ୍ରାଣ ନେଇଯିବ । ଏମାନେ ଭାରି ସାଂଘାତିକ । ଏକଥା କଣ ଠିକ ନୁହେଁ କି ? ତହୁଁ ଜେଜେ ବୁଝାଇଲେ -ଏକଦମ ଠିକକଥା କହିବୁରେ ନାତିଆ ଟୋକା । କିନ୍ତୁ ଅନ୍ୟ କେତେକ ରୋଗ ବି ମଶାଙ୍କ ଯୋଗୁଁ ବ୍ୟାପିଥାଏ । ସେଥିପାଇଁ ଆମେ ଫି ବର୍ଷ ଅଗଷ୍ଟ ମାସ ୨୦ରେ ବିଶ୍ୱ ମଶାଦିବସ ପାଳନ କରୁଛେ । ଉଦ୍ଦେଶ୍ୟ -ମଶା ବାବଦରେ ବ୍ୟାପକ ସଚେତନତା ସୃଷ୍ଟି କରିବା । ବିସ୍ମୟରେ ଆଖି ତରାଟି ସାହେମ ପଚାରିଲା - କିନ୍ତୁ ଜେଜେ. . . ମଶାମାନଙ୍କ ପାଦୁର୍ଭାବ ତ ଜମା ବନ୍ଦ ହେବନି । ଏପରିକି ରାତିରେ ସେମାନେ ଆମକୁ ଭଲରେ ଟିକେ ଶୁଆଇ ଦେଉନାହାନ୍ତି । ହେଇଟି ଦେଖୁନା, ମୋ କାନ ପାଖରେ କେମିତି ଗୁଣୁଗୁଣୁ ହୋଇ ଗୀତ ଗାଉଚନ୍ତି । ପାକୁଆ ପାଟିରେ ମୁରୁକି ମୁରୁକି ହସ ଉଛୁଳାଇ ଜେଜେ କହିଲେ-ପରିଷ୍କାର ପରିଚ୍ଛନ୍ନତା ଛଡା ରାତିରେ ମଶାରି ଟାଙ୍ଗି ଶୋଇବା ନିହାତି ଦରକାର । ଆମେ ମଶାକୁ ଆକ୍ରମଣ କରିପାରିବା । ଠିକକଥା ନା ?

ସୋହେମ ସଙ୍ଗେ ସଙ୍ଗେ ଜବାବ ଦେଲା -ବିକକୁଲ ଠିକକଥା ଜେଜେ, ଏଇଲେ ମୁଁ ବି ଘରେ ମଶାରି ଭିତରେ ପଶି ଘରପାଠ କରିବି । ସୋହେମ କଥା ପଦକରେ ସମସ୍ତେ ଠୋ ଠୋ ହୋଇ ହସିଉଠିଲେ । ସ୍ୱଚ୍ଛତା ଅଭିଯାନ ପରେ ସାହିରେ ମଶା ସଂକ୍ରମଣ କ୍ରମଶଃ ହ୍ରାସ ପାଇଥିଲା ।

+୯୯୯-ଘ, ଜଗମୋହନ ନଗର, ଜାଗମରା, ଖଣ୍ଡଗିରି ଭୁବନେଶ୍ୱର

## ସବୁଜିମା ଭରା ଖେଳ ପଡିଆ

### ଅଶୋକ କୁମାର ପ୍ରଧାନ

ଚାରିପାଖେ ତା'ର ପହରୀ ପରିକା
ରହିଛନ୍ତି ଜଗି ଗଛ
ତା ପାଖକୁ ଆମ ବିଦ୍ୟାଳୟ ଅଛି
ଗାଁ ଦିଶେ ତା'ର ପଛ।
ସବୁଜିମା ଭରା ତାହାର କୋଳଟି
ଦୂବଘାସେ ଥାଏ ପୁରି
ତା ଉପରେ ଆମେ ଅରଦଳି କରୁ
ଛାଡୁ କେବେ କେବେ ହୁରି।
ଦଳା ଚକଟାରେ ଶୁଏ ସିନା ସିଏ
କହେନା ଆମକୁ କିଛି
ବେଳେ ବେଳେ ଆମେ ବାଲି ଖେଳି ଖେଳି
ଦେଉ ତା ଦେହରେ ବିଞ୍ଛି।
ଅତି କୋମଳିଆ ଶରୀରଟି ତା'ର
ପାଦକୁ ନରମ ଲାଗେ
ତା ଉପରେ ଆମେ ଧାଇଁଲେ ସରାଗେ
ମନରୁ ଅଳସ ଭାଗେ।
ବିଦ୍ୟାଳୟ ଛୁଟି ହେଲେ ତା ପାଖକୁ
ଆମେ ଧାଇଁ ଯାଉ ହସି
ଖେଳ ଖେଳି ଆମେ ହାଲିଆ ହୋଇଲେ
ତା ପିଠିରେ ଯାଉ ବସି।
କେବେ କିରିକେଟ କେବେ ତ କବାଡି
ତା ଉପରେ ଖେଳୁ ରହି
କେତେ କ'ଣ କଲେ ଆମକୁ କେବେ ସେ
ପାରେନା କିଛି ବି କହି।
ହେଲେ ତାହା ଠାରୁ ବହୁ ଦୂରେ ମୁହିଁ
ପାରେନା ତା ପାଖେ ଯାଇ
ଭାବେ ତାହା କଥା ତା'ର ଅବଦାନ
ଏଠି ଦୂରେ ମୁଁ ଥାଇ।
ମାଆ ପରି ତା'ର ସିନିହ ଆଦରେ
କରିନାହିଁ ଊଣା କେବେ
ଆଖି ତଳେ ଲୁହ ଜକେଇ ଆସଇ
ମନେ ପଡେ ସିଏ ଯେବେ।
ଯେତେବେଳେ ମୁଁ ଯାଇଛି ଯୁଆଡେ
ପାରେ ନାହିଁ ତାକୁ ଭୁଲି
ଦୂରେ ରହି ତାକୁ ଝୁରି ହୁଏ ସିନା
ଯାଇ ପାରେନା ମୁଁ ବୁଲି।
ସବୁଜିମା ଭରା ଖେଳ ପଡିଆ ମୋ
ଜୀବନର ପ୍ରିୟ ସାଥି
ଦୂରେ ରହି ତାକୁ ପ୍ରଣାମ କରଇ
ମୋର ଏଇ ମଥା ପାତି।

+ଶିକ୍ଷକ, ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ
ରୋହିଗାଁ ,ଗଞ୍ଜାମ
ମୋ-୮୨୪୯୧୧୯୧୩୦

## ମୂଷା ଓ ବିଲେଇ

### ଦୀପକ କୁମାର ମିଶ୍ର

ଦିନେ ଯେ ମୂଷିକ ବିଲେଇ ନାନୀକୁ
କହିଲା ହାତଟି ଯୋଡ଼ି
କୁହ ଦୁର୍ବଳ ଉପରେ ସବଳର ସଦା
କାହିଁକି ହୁଏ ରାଜୁତ।

କହିଲା ବିଲେଇ କଥାଟି ଛଳରେ
ଶୁଣରେ ମୂଷିକ ଭାଇ
ପ୍ରକୃତି ନିୟମରେ ଖାଦ୍ୟ ଖାଦକର
ପ୍ରଥା ଯେ ଗଢ଼ା ହୁଅଇ ।

ସଂଖ୍ୟା ବଢିଗଲେ ମୂଷିକ ଜାତିର
ବୁଡ଼େ ଘର ମାଲିକର ବେଳ
ଘରଟି ତା'ର ନିତି ଝାରଖାର ହେଲେ
ମୋ ଭାଗ୍ୟଟି ହୁଏ ଉଜ୍ଜ୍ୱଳ ।

ଏତକ ଶୁଣି ମୂଷା ଲାଜରେ କହିଲା
ସତ କହିଲୁରେ ନାନୀ
କଟାକୁଟି ପାଇଁ ନିନ୍ଦିତ ଆମେ ଯେ
ସବୁଠି ଘୃଣିତ ନିତିଦିନି ।

ଆମ ପ୍ରାଣ ଯାଏ ବିଲେଇ ତୁଣ୍ଡରେ
ଅବା ଯନ୍ତାର ଶୁକୁଆ ଲୋଭେ
ଦୁର୍ଗୁଣ ଆମର ସତେ ଛାଡିବ କେମିତି
ସେହି କଥା ଖାଲି ଭାବେ ।

ଏହି କଥା ଶୁଣି ନିଜ ନାକକୁ ଫୁଲେଇ
ବିଲେଇ ନାନୀ ରାଗିଗଲା
ଭାଳେ ମୂଷିକ ଯଦି ତା' ଦୁର୍ଗୁଣ ଛାଡ଼ିବ
ବିଲେଇ ଉପାସେ ମରିବ ଭଲା ।

ବହୁତ ହୋଇଗଲା ଭାଗବତ ଚର୍ଚ୍ଚା
ବିଲେଇ ଏବେ କହିଲା
ମୂଷିକ ଉପରେ ଠିକ ଲକ୍ଷ୍ୟ ରଖି
ସିଧା କୁଦାଟିଏ ମାରିଲା ।

ମୂଷିକ ରାଜ ଅଟେ ଭାରି ଚତୁର
ଆଗରୁ ତରକି ଥିଲା
ବିଲେଇ ନାନୀର କାଳ ରୂପ ଦେଖି
ଡିଆଁ ମାରି ଲୁଚିଗଲା ।

+ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦



## କବିତା

ତୁମ ପାଇଁ

## ସେ ଆରାଧ୍ୟ ବିଶ୍ୱକର୍ମା

### ନୀଳମଣି ଚାନ୍ଦ

ଏଇ ପୂଜାଟି କାହାର ପିଲେ
ଏଇ ପୂଜାଟି କାହାର
ଦେଖିବ ଯଦି ଏଇ ପୂଜାକୁ
ନାଲ୍କୋନଗର ବାହାର।

ମୃଣ୍ମୟ ମୂର୍ତ୍ତି କାହାର ପିଲେ
ଗଣେଶ ସିଏ ନୁହଁନ୍ତି
ସିଏ ଆରାଧ୍ୟ ବିଶ୍ୱକର୍ମାରେ
ଦେବଶିଳ୍ପୀ କେ କୁହନ୍ତି।

ଚକ୍ର, ବଟାଳି, ମାର୍ତ୍ତୁଲ ସିନା
ଧରିଛନ୍ତି ସେ ହାତରେ
ଦିବ୍ୟବସ୍ତ୍ରରେ ଭାରି ସୁନ୍ଦର
କରିବା ପ୍ରଣିପାତରେ।

ତାଙ୍କରି କଥା ଜାଣିବା ଆମେ
ପୁରାଣ ବସି ପଢିଲେ
ତାଙ୍କରି କୃତି ଅମରାବତୀ
କଉଶଳରେ ଗଢିଲେ।

ଶିଳ୍ପପ୍ରଧାନ ଅଂଚଳ ଆଉ
ଶିଳ୍ପାନୁଷ୍ଠାନ ଯେତେରେ
ମେଢ଼ ତୋରଣ ଆଲୋକ ସଜ୍ଜା
ଝଲସି ଯାଏ ସତରେ।

ମଥାଟି ନୋଇଁ ଡାକିବୁ ଆମେ
ତୁମରି ପରି ହୋଇବୁ
ଆଶିଷ ଢାଳ ଶିଳ୍ପରେ ଆମେ
ଶୀର୍ଷ ସ୍ଥାନରେ ରହିବୁ।

୨୭, ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର-୨୯
ମୋ:୯ ୫୮୩୨୦୨୩୫୭



## ଧାରାବାହିକ ଉପନ୍ୟାସ

ଭାଗ-୧୨

# ଗପ ହେଲେ ବି ସତ

ରାମଚନ୍ଦ୍ର ସେଠୀ



(ପୂର୍ବ ପ୍ରକାଶିତ ଉତ୍ତାରୁ)

ପୁରା ପାଖକୁ ଧାଇଁଗଲା। ବାଘ ତା ଆଖି ବନ୍ଦ କରି ଲୋକଟାର କାନ୍ଧକୁ କୁମୁଡ଼ି ଝାଡୁଥାଏ। ବାଘ କାନରେ ସିଏ ତା ବନ୍ଧୁକର ନଳୀଟା ପୁରେଇ ଢ଼ କରିଦେଲା। ଏଇଟା ସେଇ ବାଘ। ମୁଁ ଶଗଡ଼ ପାଖୁ ଧାଇଁଗଲି। ଲୋକ ଜମା ହେଇଥିଲେ। ମୁଁ ଲୁଚେଇ କରି ବାଘର ଲାଞ୍ଜଟାକୁ ଭିଡ଼ିଦେଲି। ମତେ ଆତ୍ମତୃପ୍ତି ମିଳିଲା। ଏମିତି ଅନେକ ମଲାବାଘ ମୁଁ ଦେଖିଚି।

ଏବେ ସିନା ମହାବଳ ବାଘମାନେ ବିଦେଶରେ ଚିଡ଼ିଆଖାନାରେ ଦେଖାଗଲେଣି ହେଲେ ମହାବଳ ବାଘମାନଙ୍କର ଜନ୍ମଭୂମି ଏସିଆ ମହାଦେଶ। ଏସିଆର ତରାଇ ଅଂଚଳରେ ଯେଉଁ ମହାବଳ ବାଘମାନେ ଦେଖାଯାଆନ୍ତି ସେମାନେ ସବୁ ମହାବଳ ବାଘମାନଙ୍କ ଅପେକ୍ଷା ଆକାରରେ ବଡ଼। ବାକି ଭାରତର ସବୁ ବାଘମାନଙ୍କୁ ଆମେ ବେଙ୍ଗଲ ଟାଇଗର କହୁ। ଚିନ୍ ଏପରିକି ପୂର୍ବ ବଙ୍ଗଳାର ବାଘମାନେ ବି ଏଇ ବେଙ୍ଗଲ ଟାଇଗର ଅନ୍ତର୍ଭୁକ୍ତ। ବାଘଙ୍କର ଅନେକ ଉପଜାତି ଥାଏ। ଯଥା: କଲରା ପତରିଆ ବାଘ, କଳା ଚିତାବାଘ, ବରଫ ଚିତାବାଘ ଇତ୍ୟାଦି। ଏମାନଙ୍କର ଓଜନ ପ୍ରାୟ ଏକ କୁଇଣ୍ଟାଲ ଯାଏ ହୁଏ। ଯାହାକୁ ଆମେ ଚିତାବାଘ କହୁ ସେମାନେ ପ୍ରକୃତରେ ଆଫ୍ରିକା ଦେଶର ବାସିନ୍ଦା। ଏମାନଙ୍କର ଛୋଟ ପାଟି, ଛୋଟ ଦାନ୍ତ, ଲମ୍ବ ଗୋଡ଼, ସରୁ ଦେହ। ଏମାନେ ପୃଥିବମୀର ସବୁଠାରୁ ଦୃତତମ ପ୍ରାଣୀ। ଘଣ୍ଟାକେ ୧୧୪ କି.ମି ଦୌଡ଼ନ୍ତି।

ସବୁ ବାଘ ଏକ ନିର୍ଦ୍ଦିଷ୍ଟ ଦୂରତାକୁ ଅତିକ୍ରମ କରନ୍ତି। ତାପରେ ହାଲିଆ ହେଇ ଆଁକରି ପକାନ୍ତି। କାରଣ, ଏମାନଙ୍କର ଶରୀରରେ ଶ୍ୱେଦଗ୍ରନ୍ଥି ନଥିବାରୁ ଏମାନଙ୍କଠାରୁ ଝାଳ ବୁହେ ନାହିଁ। ଫଳରେ ଏମାନଙ୍କର ଦେହ ଜଲଦି ଗରମ ହେଇଯାଏ। ତେଣୁ ଶୋଳସତର ସେକେଣ୍ଡ ଦୌଡ଼ିଲା ପରେ ଏମାନେ ଥକି ପଡ଼ନ୍ତି ଓ ଶିକାର ଖସି ପଳାଏ। ଆଁକରି ଧକେଇ ଧକେଇ ପାଟିବାଟେ ଝାଳ ବୁହାନ୍ତି। ଏମାନେ ଆଫ୍ରିକାର ଚିତାବାଘମାନେ ତିରିଶ ମିଟର ଦୂରତାରୁ ଶିକାରକୁ ତଡ଼ି ନିଅନ୍ତି। ଏମାନେ ଖୁବ୍‌ଜୋରରେ ଦୌଡୁଥିବାରୁ ଯେତେ ଦୂରରୁ ଧାଇଁଲେ ବି ଶିକାରକୁ କାବୁ କରି ନିଅନ୍ତି। ମହାବଳ ବାଘ ମାତ୍ର ଦଶମିଟର ଦୂରତାରୁ ଶିକାରକୁ ଗୋଡ଼ାଏ କିମ୍ବା ଲୁଚିଛପି ଶିକାର କରେ। କାରଣ, ତା ଗତି ଘଂଟାକୁ ମାତ୍ର ପଂଚଚାଳିଶ କିଲୋମିଟର ଯାହା କି ଅନ୍ୟ ପଶୁମାନଙ୍କର ଗତି ତୁଳନାରେ କମ୍। ମହାବଳ ବାଘ ପ୍ରାୟ ବାରଫୁଟ ଉଚ୍ଚକୁ ଓ ଅଠରଫୁଟ୍ ଲମ୍ବକୁ ଡେଇଁପାରେ। ଆଫ୍ରିକାର ଚିତାବାଘ ଏକା ଦୌଡ଼କେ ୩୦୦ ମିଟର ଯାଉଥିବାସ୍ଥଳେ ଅନ୍ୟ ବାଘମାନେ ୨୦୦ ମିଟର ଯାଏ ଦୌଡ଼ି ଦୌଡ଼ି ଶେଷରେ ଆଁ କରି ଧକାନ୍ତି। ଆମେ ଘରେ ପାଳୁଥିବା ବିଲେଇ ବି ବାଘର ଏକ ଉପଜାତି। ବଡ଼ସାନ ହେଉ ବାଘଘର ୨୭ଟା ଉପଜାତି ଦେଖାଯାଆନ୍ତି।

(କ୍ରମଶଃ)

+ ହାତୀମୁଣ୍ଡା, ବାଣୀପୁର, ଖୋର୍ଦ୍ଧା

# ଗଣପର୍ବ ନୂଆଖାଇର ସନ୍ଦେଶ ବିଶ୍ୱପ୍ରସାରିତ ହୋଇଛି : ପ୍ରଦିପ ଅମାତ

ଭୁବନେଶ୍ୱର,୧୬/୦୯ (ନି.ପ୍ର): ପଶ୍ଚିମ ଓଡ଼ିଶାର ନୂଆଖାଇ ଗଣପର୍ବରେ ପରିଣତ ହୋଇଛି। ଏକତା, ଭ୍ରାତୃତ୍ୱ ଓ ସଂପ୍ରୀତିର ଏହି ପର୍ବ ଅଧିକ ଆଦୃତ ହୋଇଛି ଏବଂ ଏହି ପର୍ବର ସନ୍ଦେଶ ଏବେ ବିଶ୍ୱ ପ୍ରସାରିତ ହୋଇଛି ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଂଚାୟତିରାଜ ଓ ପାନୀୟ ଜଳ, ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ପ୍ରଦିପ କୁମାର ଅମାତ ପ୍ରକାଶ କରିଛନ୍ତି ।

ଗତକାଲି ସନ୍ଧ୍ୟାରେ ରାଜଧାନୀରେ କାର୍ଯ୍ୟରତ ପ୍ରଶାସକ ତଥା ପଦାଧିକାରୀମାନଙ୍କ ପକ୍ଷରୁ ଭୁବନେଶ୍ୱର କ୍ଲବ୍ ରେ ନୂଆଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ଅମାତ ଗଣପର୍ବ ନୂଆଖାଇ ଓଡ଼ିଶାର ସାଂସ୍କୃତିକ ସ୍ୱାଭିମାନର ବାର୍ତ୍ତାବହ ବୋଲି ଉଲ୍ଲେଖ କରିଛନ୍ତି।

ଭେଟ୍‌ଘାଟ୍ ରେ ପୌରୋହିତ୍ୟ କରି ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଓ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଅସିତ କୁମାର ତ୍ରିପାଠୀ କହିଥିଲେ ଯେ ନୂଆଖାଇ ପଶ୍ଚିମ ଓଡ଼ିଶାର ଏକ ପର୍ବ ଭାବରେ ଅର୍ଜନ କରିଥିବା ଆଦୃତି ଓ ତା'ର ଆଭିମୁଖ୍ୟ ବଳରେ ଓଡ଼ିଶା ବାହାରେ ଏବଂ ବିଦେଶରେ ଥିବା ଓଡ଼ିଆମାନଙ୍କୁ ପରସ୍ପରର ନିକଟବର୍ତ୍ତୀ କରାଇପାରିଛି ।

କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜଳସଂପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ, ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ଢ଼ୋଲକିଆ, ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀମତୀ ରୀତା ସାହୁ, ଓଡ଼ିଶା ପର୍ଯ୍ୟଟନ ବିକାଶ ନିଗମର ପୂର୍ବତନ ଅଧ୍ୟକ୍ଷା ଶ୍ରୀମତୀ ଶ୍ରୀମୟୀ ମିଶ୍ର, କୃଷି ଓ କୃଷକ ସଶକ୍ତିକରଣ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ପ୍ରମୁଖ ନୂଆଖାଇ ପର୍ବର ସ୍ୱାତନ୍ତ୍ର୍ୟ, ନବାନ୍ନ ଅର୍ପଣ ବିଧି, ସନ୍ଦେଶ ଓ ପାଳନର ବ୍ୟାପକତା ଇତ୍ୟାଦି ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ ।

ଅରବିନ୍ଦ ଅଗ୍ରୱାଲ୍ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବିମଳେନ୍ଦୁ ରାୟ ଓ ମନୀଷ ଅଗ୍ରୱାଲ ସହଯୋଗ କରିଥିଲେ। ଇନ୍ଦ୍ରମଣି ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଏବଂ ଅନୁପମ ସାହା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସ୍ପିରିଟ୍‌ଜା ଏକାଡେମୀ ଅଫ୍ ପରଫର୍ମିଂ ଆର୍ଟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଭିନ୍ନ ପ୍ରଶାସନିକ ସେବାରେ କାର୍ଯ୍ୟରତ ଓ ଅନ୍ୟାନ୍ୟ ବିଭାଗରେ ଅବସ୍ଥାପିତ ପଶ୍ଚିମ ଓଡ଼ିଶାର ପ୍ରଶାସକ ଓ କର୍ମଚାରୀମାନେ ସପରିବାର ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦୀପନାର ସହିତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ଏନସିଆରବି ରିପୋର୍ଟ: ଲକ୍‌ଡାଉନ ସତ୍ତ୍ୱେ ଓଡ଼ିଶାରେ ସଡ଼କ ଦୁର୍ଘଟଣା ନେଇଥିଲା ୫୦୬୨ ଜୀବନ

ଭୁବନେଶ୍ୱର ,୧୬/୦୯ (ନି.ପ୍ର): ଲକ୍‌ଡାଉନ ଏବଂ କରୋନା ସତ୍ତ୍ୱେ ୨୦୨୧ ମସିହାର ୪୭୩୬ଟି ସଡ଼କ ଦୁର୍ଘଟଣା ଘଟି ରାଜ୍ୟର ୫୦୬୨ ଜୀବନ ଯାଇଛି। ଯାହାକି ଦେଶର ଜାତୀୟ ହାର ଠାରୁ ଅଧିକ। ଏଥିରୁ ୯୪୪ଟି ହିଟ୍ ଆଣ୍ଡ ରନ ମାମଲାରେ ୧୦୨୧ ଜଣଙ୍କ ଜୀବନ ଯାଇଥିଲା। ଅନ୍ୟ ବିଭିନ୍ନ କାରଣରୁ ଘଟିଥିବା ୩୭୯୨ ସଡ଼କ ଦୁର୍ଘଟଣାରେ ୪୦୪୧ ଜଣଙ୍କ ମୃତ୍ୟୁ ହୋଇଛି। ୨୦୨୧ ମସିହା ଏନସିଆରବି ରିପୋର୍ଟରେ ଏହି ତଥ୍ୟ ପ୍ରକାଶିତ ହୋଇଛି। ସଡ଼କ ସୁରକ୍ଷା, ଜୀବନ ରକ୍ଷା। ଏହି ସ୍ଲୋଗାନ ଯେତେ ଦିଆଯାଉଥିଲେ ମଧ ଦେଶରେ ସଡ଼କ ସ୍ଥିତି କେତେ ବିପଜ୍ଜନକ କିଛି ଦିନ ପୂର୍ବରୁ ଘଟିଥିବା ବିଶିଷ୍ଟ ଶିଳ୍ପପତି ସାଇରସ ମିସ୍ତ୍ରୀଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ପରେ ନିଜେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ ମଧ ସ୍ୱୀକାର କରିଛନ୍ତି। ସବୁ ପ୍ରକାର ସୁରକ୍ଷା ବ୍ୟବସ୍ଥା ଥିବା ଗାଡ଼ି ଚଳାଉଥିଲେ ମଧ ଦୁର୍ଘଟଣାରେ ତାଙ୍କ ମୃତ୍ୟୁ ପରେ କେନ୍ଦ୍ରମନ୍ତ୍ରୀ ଗଡ଼କରୀ ଏହା କହିବାକୁ ବାଧ ହୋଇଥିଲେ ଯେ ସଡ଼କ ସୁରକ୍ଷା ଏକ ଏଭଳି ପ୍ରସଙ୍ଗ ଯାହାର ମୁକାବିଲା କରିବାରେ ସେ ସଫଳ ହୋଇ ପାରି ନାହାନ୍ତି। କେବଳ ସାଇରସ ମିସ୍ତ୍ରୀ କାହିଁକି ସଡ଼କ ଦୁର୍ଘଟଣାରେ ଦେଶରେ ପ୍ରତିଦିନ ୪୨୬ ଜଣଙ୍କ ଜୀବନ ଯାଉଛି। ଏଥିରୁ କେବଳ ୭୦ ପ୍ରତିଶତ ୧୮ରୁ ୪୫ ବର୍ଷୀୟ। ଏନସିଆରବିର ଏହି ତଥ୍ୟ ଅନୁଯାୟୀ, ଗୋଟିଏ ବର୍ଷରେ ସମୁଦାୟ ୧ ଲକ୍ଷ ୩୫ ହଜାର ୪୦୬ଟି ସଡ଼କ ଦୁର୍ଘଟଣା ଘଟି ୧ ଲକ୍ଷ ୪୯ ହଜାର ୬୭୫ ଜଣଙ୍କ ମୃତ୍ୟୁ ହୋଇଛି। ଉପରୁ ଏହି ସଂଖ୍ୟା ୧ ଲକ୍ଷରୁ ଅଧିକ ଜଣା ପଡୁଥିଲେ ମଧ ଏହି ସଂଖ୍ୟା କାହିଁରେ କେତେ ଅଧିକ। ଅର୍ଥାତ ଏହି ଦୁର୍ଘଟଣାରେ ଲକ୍ଷାଧିକ ଆହତ ହୋଇ ଭିନ୍ନକ୍ଷମ ତ ଆଉ କେତେ ପରିବାର ସର୍ବସ୍ୱାନ୍ତ ହୋଇ ପଡ଼ିଥିବ। କେତେ ଯେ ଶିଶୁ ଅଭିଭାବକ ଛେଉଣ୍ଡ, ବୃଦ୍ଧ ମା, ବାପା ସନ୍ତାନ ଛେଉଣ୍ଡ, ସ୍ୱାମୀ କିମ୍ବା ସ୍ତ୍ରୀ ନିଜ ସାଥୀଙ୍କୁ ହରାଇଥିବେ। ଅନେକ ଦକ୍ଷ ନାଗରିକଙ୍କୁ ହରାଇ ଦେଶ ମଧ କ୍ଷତିଗ୍ରସ୍ତ ହୋଇଥିବ। ଯାହାର ଆକଳନ କରାଯାଇ ନାହିଁ। ସଡ଼କ ଦୁର୍ଘଟଣାରେ ଉତ୍ତରପ୍ରଦେଶରେ ମୃତ୍ୟୁ ସଂଖ୍ୟା ଏବଂ ତାମିଲନାଡୁର ମୃତ୍ୟୁହାର ଅଧିକ। ଅର୍ଥାତ ଉତ୍ତରପ୍ରଦେଶରେ ୧୮ ହଜାର ୨୨୮ଟି ଦୁର୍ଘଟଣାରେ ସର୍ବାଧିକ ୧୮ ହଜାର ୯୭୨, ତାମିଲନାଡୁରେ ୧୪ ହଜାର ୭୪୭ ଦୁର୍ଘଟଣାରେ ୧୫ ହଜାର ୩୮୪, ମଧ୍ୟପ୍ରଦେଶରେ ୧୧ ହଜାର ୮୫୩ ଦୁର୍ଘଟଣାରେ ୧୩ ହଜାର ୧୫୮, ମହାରାଷ୍ଟ୍ରରେ ୧୨ ହଜାର ୩୮୯ ଦୁର୍ଘଟଣାରେ ୧୩ ହଜାର ୪୧୨, କର୍ଣ୍ଣାଟକରେ ୯୪୭୪ ଦୁର୍ଘଟଣାରେ ୧୨ ହଜାର ୦୨୨ ଜଣଙ୍କ ମୃତ୍ୟୁ ହୋଇଛି। ନାଗାଲାଣ୍ଡରେ ସର୍ବନିମ୍ନ ୨୭ଟି ସଡ଼କ ଦୁର୍ଘଟଣା ଘଟି ୩୬ ଜଣଙ୍କ ମୃତ୍ୟୁ ହୋଇଛି। ୧୦ ବର୍ଷ ମଧରେ ଦୁର୍ଘଟଣା ବଢ଼ିବା ସହିତ ମୃତ୍ୟୁ ମଧ ବଢିଚାଲିଛି। କେବଳ ୨୦୨୦ ମସିହା ଲକ୍‌ଡାଉନ ବର୍ଷ ଏହାର ବ୍ୟତିକ୍ରମ ଥିଲା। ଟାଇମ୍ସ ଅଫ ଇଣ୍ଡିଆରେ ପ୍ରକାଶିତ ରିପୋର୍ଟ ଅନୁସାରେ, ଦେଶରେ ବଢୁଥିବା ସଡ଼କ ଦୁର୍ଘଟଣାର ବିଭିନ୍ନ କାରଣ ମଧରୁ ପ୍ରଥମଟି ହେଲା ତ୍ରୁଟିପୂର୍ଣ୍ଣ ରାସ୍ତା। ଚାରି ଚକିଆ ଅପେକ୍ଷା ଦୁଇ ଚକିଆ ଯାନରେ ସଡ଼କ ଦୁର୍ଘଟଣା ସର୍ବାଧିକ ହେଉଥିବା ନେଇ ରିପୋର୍ଟରୁ ଜଣାପଡ଼ିଛି।

## ବିରପ୍ରତାପପୁରରେ ଫୁଟ ଓଭର ବ୍ରିଜ ନିର୍ମାଣ କରିବାକୁ ରେଳମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୧୬/୦୯ (ନି.ପ୍ର): କେନ୍ଦ୍ର ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ପୁରୀର ବିରପ୍ରତାପପୁରରେ ରାମ୍ପ ସହିତ ଫୁଟ ଓଭର ବ୍ରିଜ ନିର୍ମାଣ କରିବାକୁ ରେଳବାଇ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ପୁରୀର ଚନ୍ଦନପୁର ନିକଟସ୍ଥ ବିରପ୍ରତାପୁରର ଗ୍ରାମବାସୀଙ୍କ ଅଭିଯୋଗ ଉପରେ ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଗ୍ରାମବାସୀଙ୍କ ସୁବିଧା ପାଇଁ ରେମ୍ପ ସୁବିଧା ସହିତ ଫୁଟ ଓଭର ବ୍ରିଜ ନିର୍ମାଣ କରିବାକୁ ରେଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଗାଁଟି ଟ୍ରେନ୍ ଲାଇନ୍ ଦ୍ୱାରା ବିଭକ୍ତ। ଫଳସ୍ୱରୂପ, ପ୍ରାଥମିକ ବିଦ୍ୟାଳୟର ପିଲାମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପର୍ବ ପର୍ବାଣୀ ସମୟରେ ମଧ ଗାଁ ମନ୍ଦିରର ରଥକୁ ରେଳ ଲାଇନ ଦେଇ ଟାଣିବାରେ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହା ବ୍ୟତୀତ ରେଳ ଲାଇନ ପାର ହେବାକୁ ପଡୁଥିବାରୁ ଗ୍ରାମବାସୀଙ୍କ ଦୈନନ୍ଦିନ କାର୍ଯ୍ୟକଳାପରେ ମଧ ବାଧା ସୃଷ୍ଟି ହେଉଥିଲା।

ଆଜି ଶ୍ରୀ ବୈଷ୍ଣବ ନିଜେ ରେଳ ଅଧିକାରୀଙ୍କ ସହ ଗାଁ ପରିଦର୍ଶନ କରି ଏହାର ସମାଧାନ ପାଇଁ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଶ୍ରୀ ବୈଷ୍ଣବ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ ଏବଂ ଗ୍ରାମବାସୀଙ୍କ ସୁବିଧା ପାଇଁ ରାମ୍ପ ସୁବିଧା ସହିତ ଏକ ଫୁଟ ଓଭର ବ୍ରିଜ ନିର୍ମାଣ କରିବାକୁ ପରାମର୍ଶ ଦେଇଛନ୍ତି।

## ସମବାୟ ମନ୍ତ୍ରୀଙ୍କ ଅଚାନକ ପରିଦର୍ଶନ

ଭୁବନେଶ୍ୱର,୧୬/୦୯ (ନି.ପ୍ର): ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଆଜି ସମବାୟ ବିଭାଗ ଅର୍ନ୍ତଗତ ଆକାଉଂଟାଂଟ ଜେନେରାଲ କୋପରେଟିଭ ସୋସାଇଟି ଦପ୍ତରକୁ ଅଚାନକ ପରିଦର୍ଶନ କରିଥିଲେ । ପରିଦର୍ଶନ ସମୟରେ ମନ୍ତ୍ରୀ ଦପ୍ତରର ବିଭିନ୍ନ ଶାଖା ବୁଲି ଦେଖିବା ସହିତ ପଦାଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। କାର୍ଯ୍ୟାଳୟରେ ବର୍ତମାନ ସୁଦ୍ଧା ବାୟୋମେଟ୍ରିକ ଉପସ୍ଥାନ ଯନ୍ତ୍ର ଠିକଣା ଭାବେ କାର୍ଯ୍ୟକାରୀ କରୁନଥିବା ମନ୍ତ୍ରୀଙ୍କ ନଜରକୁ ଆସିବାପରେ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ କହିବା ସହିତ ଆଜିର ଉପସ୍ଥାନ ଖାତା ମଗାଇ ଦେଖିଥିଲେ। ରାଜ୍ୟରେ ଥିବା ସମସ୍ତ ପାକସ ଓ ସମବାୟ ସମିତିରେ ଠିକଣା ଭାବେ ଅଡିଟ୍ ହେଉନଥିବାରୁ ଭବିଷ୍ୟତରେ ଏହା ସମସ୍ୟା ସୃଷ୍ଟିକରିବାର ସମ୍ଭାବନା ଥିବାଯୋଗୁଁ ତୁରନ୍ତ ଏସବୁର ଅଡିଟ୍ କାର୍ଯ୍ୟ ସାରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହି ବିଭାଗରେ ୫-ଟି ଆଧାରରେ କାର୍ଯ୍ୟଦକ୍ଷତା ବୃଦ୍ଧି ସହିତ ନିୟମିତ ଭାବେ ପାକସ ଏବଂ ସମବାୟ ସମିତିଗୁଡିକର ଅଡିଟ୍, କମ୍ପୁଟରୀକରଣ କରିବାକୁ ମନ୍ତ୍ରୀ କହିଥିଲେ । ଏହି କାର୍ଯ୍ୟାଳୟକୁ ଚଳଚଂଚଳ କରାଯିବା ଏବଂ ତଳସ୍ତରରେ ସମବାୟ ସମିତିଗୁଡିକ କିଭଳି ଅଧିକ ଦକ୍ଷତାର ସହ କାର୍ଯ୍ୟ କରିବେ ସେ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ମନ୍ତ୍ରୀ ପରାମର୍ଶ ଦେବା ସହିତ କୌଣସି ପ୍ରକାର ଅବହେଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ମନ୍ତ୍ରୀ ସଫା ସଫା ଶୁଣାଇଥିଲେ ।

# ଇନ୍ଦୋରରେ ଦିବ୍ୟାଙ୍ଗ ସଶକ୍ତିକରଣ ନେଇ ଜାତୀୟ କର୍ମଶାଳା

ଭୁବନେଶ୍ୱର,୧୬/୦୯ (ନି.ପ୍ର): ଭିନ୍ନକ୍ଷମମାନଙ୍କ ପାଇଁ ନିଯୁକ୍ତି ଓ ଆୟକାରୀ ସୁଯୋଗଗୁଡ଼ିକର ବୃଦ୍ଧି ନିମନ୍ତେ ଘରୋଇ ଉଦ୍ୟୋଗର ସହଯୋଗ ପାଇଁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମତ ଦେଇଛନ୍ତି। ଅନୁରୂପ ଭାବରେ, ଭିନ୍ନକ୍ଷମମାନଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ରାଜ୍ୟଗୁଡ଼ିକରେ ସ୍ୱତନ୍ତ୍ର ଆଇଟିଆଇ ଖୋଲାଯିବା ସହିତ ଭିତିଭୂମି ବିକାଶ ଓ ଆବାସିକ ସୁବିଧା ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି । ମଧ୍ୟପ୍ରଦେଶର ଇନ୍ଦୋରଠାରେ ଆୟୋଜିତ ଏକ ଜାତୀୟ କର୍ମଶାଳାରେ ଅଂଶଗ୍ରହଣ କରି ମନ୍ତ୍ରୀ ଉପରୋକ୍ତ ମର୍ମରେ ଓଡ଼ିଶା ସରକାର ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପ ଉପରେ ସୂଚନା ଦେଇଛନ୍ତି ।

କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରାଳୟ ଆନୁକୂଲ୍ୟରେ ଦିବ୍ୟାଙ୍ଗ ସଶକ୍ତିକରଣ ବିଭାଗ ପକ୍ଷରୁ ଆୟୋଜିତ ଏହି ଦୁଇଦିନିଆ ଜାତୀୟ କର୍ମଶାଳାରେ ଭିନ୍ନକ୍ଷମମାନଙ୍କ ସାମାଜିକ ଓ ଆଇନଗତ ସଶକ୍ତିକରଣ, ଭିନ୍ନକ୍ଷମ ଶିଶୁମାନଙ୍କ ନିମନ୍ତେ ଡାଟାବେସ୍ ପ୍ରସ୍ତୁତି ସାଙ୍ଗକୁ ଜିଲ୍ଲାସ୍ତରରେ ଭିନ୍ନକ୍ଷମ ସଶକ୍ତିକରଣ ପ୍ରତିଷ୍ଠାନ ଓ ଅନ୍ୟାନ୍ୟ ଉପଲବ୍ଧିଗୁଡ଼ିକ ଉପରେ ଆଲୋଚନା ହୋଇଥିଲା ।

ରାଜ୍ୟରେ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ବିଭିନ୍ନ ପଦକ୍ଷେପ ରୂପାୟନ ନେଇ ମନ୍ତ୍ରୀ ଶ୍ରୀ ପଣ୍ଡା କହିଛନ୍ତି ଯେ ବାର୍ଷିକ ୨୩ କୋଟି ଟଙ୍କା ବ୍ୟୟରେ ବିଭିନ୍ନ ସ୍ଥାନରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଚାଲୁ ରହିଥିବାବେଳେ ୬ଟି ଜିଲ୍ଲାରେ ସମନ୍ୱିତ ଭିତିଭୂମି ବିକାଶ ପୁଞ୍ଜ କାର୍ଯ୍ୟ କରୁଛି ଓ ୪ଟି ଜିଲ୍ଲାରେ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ପ୍ରତି କେନ୍ଦ୍ର ପାଇଁ ୪୫ କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା କରାଯାଇଛି। ଶିକ୍ଷା କ୍ଷେତ୍ରରେ ବାଣୀଶ୍ରୀ ବୃତି ୨୨ ହଜାରରୁ ଅଧିକ ବିଦ୍ୟାର୍ଥିଙ୍କୁ ଦିଆଯାଉଥିବାବେଳେ ଦୃଷ୍ଟିବାଧିତ ଛାତ୍ରଛାତ୍ରୀମାନଙ୍କୁ ମାଗଣା ଲାପ୍‌ଟପ୍ ଯୋଗାଇ ଦିଆଯାଉଛି । ବ୍ରହ୍ମପୁରସ୍ଥିତ ଅତ୍ୟାଧୁନିକ ବ୍ରେଲି ପ୍ରେସ୍ ରେ ଭିନ୍ନକ୍ଷମ ବିଦ୍ୟାର୍ଥୀଙ୍କ ପାଇଁ ୨୦୨୧-୨୨ ବର୍ଷରେ ପ୍ରାୟ ୩୭ ହଜାର ବ୍ରେଲି ପାଠ୍ୟପୁସ୍ତକ, ଯୁକ୍ତ-୨ ଛାତ୍ରଛାତ୍ରୀଙ୍କ ପାଇଁ ବ୍ରେଲି ପୃଷ୍ଠା ଓ ଓଡ଼ିଆ କ୍ୟାଲେଣ୍ଡର ପ୍ରସ୍ତୁତ ହୋଇପାରିଛି। ଦିବ୍ୟାଙ୍ଗମାନଙ୍କ କ୍ଷେତ୍ରରେ ସରକାରଙ୍କ ପକ୍ଷରୁ ଅଢ଼େଇ ଲକ୍ଷ ଟଙ୍କାର ବିବାହ ସହାୟତା ପ୍ରଦାନ କରାଯାଉଛି। ଭୁବନେଶ୍ୱର ସମେତ ରାଜ୍ୟର ୫ଟି ସହରରେ ଭିନ୍ନକ୍ଷମ ସଶକ୍ତିକରଣ ପ୍ରତିଷ୍ଠାନ କାର୍ଯ୍ୟ କରୁଛି। ମଧୁବାବୁ ପେନ୍‌ସନ୍ ଯୋଜନାରେ ୯୦ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରାଯାଇଥିବା ଦର୍ଶାଇ ଭିନ୍ନକ୍ଷମ ସଶକ୍ତିକରଣକୁ ଓଡ଼ିଶା ବିଶେଷ ଗୁରୁତ୍ୱ ଦେଇଛି ବୋଲି ମନ୍ତ୍ରୀ ଶ୍ରୀ ପଣ୍ଡା ଉଲ୍ଲେଖ କରିଥିଲେ। ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା ମଧ ଏହି ଜାତୀୟ କର୍ମଶାଳାରେ ଉପସ୍ଥିତ ଥିଲେ। ଜାତୀୟ କର୍ମଶାଳାକୁ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରୀ ଡ. ବୀରେନ୍ଦ୍ର କୁମାର ଉଦ୍‌ଘାଟନ କରିଥିବାବେଳେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ପ୍ରତିମା ଭୌମିକ୍ ଙ୍କ ସମେତ ବିଭିନ୍ନ ରାଜ୍ୟର ବିଭାଗୀୟ ମନ୍ତ୍ରୀ, କେନ୍ଦ୍ର ମନ୍ତ୍ରାଳୟର ଉଚ୍ଚପଦାଧିକାରୀ, ବିଭିନ୍ନ ରାଜ୍ୟର ବିଭାଗୀୟ ବରିଷ୍ଠ ଅଧିକାରୀ ଓ ସାମାଜିକ ସୁରକ୍ଷା ବିଶେଷଜ୍ଞମାନେ ଏହି ଜାତୀୟ କର୍ମଶାଳାରେ ସାମିଲ ହୋଇଥିଲେ।

## କୁଶଭଦ୍ରା ମୁହାଣ ମୁହଁ ଦିଗ ବଦଳିବ

ଭୁବନେଶ୍ୱର ,୧୬/୦୯ (ନି.ପ୍ର): କୋଣାର୍କ-ପୁରୀ ମେରାଇନ୍ ଡ୍ରାଇଭ୍‌ରେ ସମୁଦ୍ର କୂଳ ଲଙ୍ଘିବା ପରେ ଏଠାରେ କୁଶଭଦ୍ରା ନଦୀର ମୁହାଣର ଦିଗ ବଦଳାଇବାକୁ ଜଳସମ୍ପଦ ବିଭାଗ ଯୋଜନା କରିଛି । କୋଣାର୍କରେ ଯେଉଁ ସ୍ଥାନରେ ଇକୋ ରିଟ୍ରିଟ୍ ହୁଏ ସେଠାରେ ସମୁଦ୍ର କୂଳ ଲଙ୍ଘିଥିବାରୁ ଚଳିତବର୍ଷ ଇକୋ-ରିଟ୍ରିଟ୍ ଆୟୋଜନ ନେଇ ଆଶଙ୍କା ସୃଷ୍ଟି ହୋଇଛି। ନୂଆ ନଈ ମୁହାଣକୁ ଇକୋ-ରିଟ୍ରିଟ ସ୍ଥାନାନ୍ତର କରିବାକୁ ଯୋଜନା ହୋଇଥିଲେ ହେଁ ଏହା ଅଧିକ ଆକର୍ଷଣୀୟ ହୋଇପାରିବନି ବୋଲି ରିପୋର୍ଟ ମିଳିବା ପରେ ଜଳସମ୍ପଦ ବିଭାଗ ଏବେ କୁଶଭଦ୍ରା ନଦୀ ମୁହାଣ ମୁହଁ ଦିଗ ବଦଳାଇବାକୁ ନିଷ୍ପତ୍ତି ନେଇଛି।

ଯୋଜନା ଅନୁଯାୟୀ, କୁଶଭଦ୍ରା ମୁହାଣର ପ୍ରାୟ ୨୦୦ମିଟର ପର୍ଯ୍ୟନ୍ତ ନଦୀ ଗର୍ଭକୁ ସମୁଦ୍ର କୂଳ ସମାନ୍ତରାଳରେ ଖୋଳି ଏଠାରେ ପଥର ପ୍ୟାକିଂ କରାଯିବ। ଏଠାରେ ଏକ ସ୍ଥାୟୀ ପ୍ରାଚୀର ସଦୃଶ ନିର୍ମାଣ କରି ସମୁଦ୍ରକୁ ନଦୀର ଦିଗ ବଦଳାଇ ଦିଆଯିବ। ଫଳରେ ଜୁଆର ଆସିଲେ ଅଧିକ କ୍ଷୟକ୍ଷତି ହେବନି। ଏହି ନିର୍ମାଣ ସମୟରେ ଚେନ୍ନାଇସ୍ଥିତ ନାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଓସେନ୍ ଟେକ୍ନୋଲୋଜିର ସହାୟତା ନେବାକୁ କୁହାଯାଇଛି। ଏହି କାମକୁ ଅଗ୍ରାଧିକାର ଭିତ୍ତିରେ ଶେଷ କରିବାକୁ ଦୁଇଟି ସଂସ୍ଥାକୁ ନିୟୋଜିତ କରିବାକୁ ନିଷ୍ପତ୍ତି ହୋଇଛି। ଗୋଟିଏ ସଂସ୍ଥା ନଦୀ ଖୋଳି ବାଲି ସ୍ଥାନାନ୍ତର କରିବ, ଆଉ ଏକ ସଂସ୍ଥା ପଥର ପ୍ୟାକିଂ କରିବ। ଏହି କାମ ଏକ ମାସ ମଧରେ ସରିଲେ ଏହି ବେଳାଭୂମିରେ ଇକୋ ରିଟ୍ରିଟ୍ ଆୟୋଜନ ହେବ ବୋଲି ଯୋଜନା ହୋଇଛି।

## ସିଆଲଦା-ପୁରୀ ମଧରେ ଚାଲିବ ପୂଜା ସ୍ପେସାଲ

ଭୁବନେଶ୍ୱର ,୧୬/୦୯ (ନି.ପ୍ର): ପାର୍ବଣ ଋତୁରେ ଯାତ୍ରୀମାନଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପୂର୍ବ ରେଳବାଇ ପକ୍ଷରୁ ସିଆଲଦା-ପୁରୀ ମଧରେ ପୂଜା ସ୍ପେସାଲ ଟ୍ରେନ୍ ଚଳାଇବା ପାଇଁ ବ୍ୟବସ୍ଥା ହୋଇଛି। ୦୩୧୦୧ ସିଆଲଦା-ପୁରୀ ପୂଜା ସ୍ପେସାଲ ଅକ୍ଟୋବର ୧, ୨୦୨୨ ରୁ ଅକ୍ଟୋବର ୨୯, ୨୦୨୨ ମଧରେ ୫ ଟ୍ରିପ କରିବ। ପ୍ରତି ଶନିବାର ରାତି ୧୧.୫୦ ରେ ସିଆଲଦାରୁ ବାହାରି ପରଦିନ ପୁରୀ ଠାରେ ସକାଳ ୯.୩୫ ରେ ପହଞ୍ଚିବ ଓ ୦୩୧୦୨ ପୁରୀ-ସିଆଲଦା ପୂଜା ସ୍ପେଶାଲ ଅକ୍ଟୋବର ୨,୨୦୨୨ରୁ ଅକ୍ଟୋବର ୩୦,୨୦୨୨ ମଧରେ ୫ ଟ୍ରିପ ମଧ କରିବ।

ପ୍ରତି ରବିବାର ପୁରୀ ଠାରୁ ଅପରାହ୍ନ ୩.୫୦ ରେ ବାହାରି ପରଦିନ ରାତି ୨ଟାରେ ସିଆଲଦାରେ ପହଞ୍ଚିବ। ଏହି ଟ୍ରେନ ଉଭୟ ଦିଗରେ ଭଟ୍ଟନଗର, ଆନ୍ଦୁଲ, ଖଡ଼ଗପୁର, ବାଲେଶ୍ୱର, ଭଦ୍ରକ, ଯାଜପୁର-କେଉଁଝର ରୋଡ, କଟକ, ଭୁବନେଶ୍ୱର ଓ ଖୋର୍ଦ୍ଧାରୋଡ ଷ୍ଟେସନରେ ଅଟକିବ।

# ପୁଷ୍ଟିଯୁକ୍ତ ଖାଦ୍ୟ ଗ୍ରହଣ ନେଇ ମହିଳା ଆରୋଗ୍ୟ ସମିତି ସଦସ୍ୟାଙ୍କ ଦକ୍ଷତା ବୃଦ୍ଧି କରିବ ଏମ୍ସ

ଭୁବନେଶ୍ୱର,୧୬/୦୯ (ନି.ପ୍ର): ପୁଷ୍ଟିକର ଖାଦ୍ୟ ଗ୍ରହଣକୁ ନେଇ ରହିଥିବା ପାରମ୍ପରିକ ଆଚରଣକୁ ସମ୍ପର୍କରେ ମହିଳା ଆରୋଗ୍ୟ ସମିତି (ଏମ୍‌ଏଏସ୍) ସଦସ୍ୟାଙ୍କ ଦକ୍ଷତା ବୃଦ୍ଧି, ସଚେତନତା ସୃଷ୍ଟି କରିବା ଏକ ସୁସ୍ଥ ସମାଜ ଗଠନ ଦିଗରେ ଆଜିର ସମୟର ବଡ଼ ଆହ୍ୱାନ। ପୁଷ୍ଟିକର ଖାଦ୍ୟ ଗ୍ରହଣ ସମ୍ବନ୍ଧୀୟ ଜ୍ଞାନ ଓ ସୂଚନା ଅଭାବରୁ ସମାଜରେ ଅନେକ ଗମ୍ଭୀର ସମସ୍ୟା ସୃଷ୍ଟି ହେଉଛି। ଏନେଇ ଏମ୍ସ ଭୁବନେଶ୍ୱର କମ୍ୟୁନିଟି ମେଡିସିନ୍ ଏବଂ ଫ୍ୟାମିଲି ମେଡିସିନ୍ ବିଭାଗ ପକ୍ଷରୁ ସଂଗୋଷ୍ଠୀ କାର୍ଯ୍ୟକ୍ରମ ଭଳି ଏକ ନିଆରା ପଦକ୍ଷେପ କାର୍ଯ୍ୟକାରୀ କରିଥିବା ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର (ଡ) ଆଶୁତୋଷ ବିଶ୍ୱାସ ପ୍ରକାଶ କରିଛନ୍ତି। ଆଜି ସ୍ଥାନୀୟ ନୟାପଲ୍ଲୀ ସହରୀ ସ୍ୱାସ୍ଥ୍ୟ ଏବଂ ତାଲିମ କେନ୍ଦ୍ରରେ ଆୟୋଜିତ ପୋଷଣ ମେଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏପରି ମତ ରଖିଛନ୍ତି ଡ. ବିଶ୍ୱାସ। ଆରୋଗ୍ୟ ସମିତି ସଦସ୍ୟାଙ୍କ ଦକ୍ଷତା ବୃଦ୍ଧି ଦିଗରେ ଏମ୍ସ କାର୍ଯ୍ୟ କରୁଥିବା ଡ. ବିଶ୍ୱାସ ସୂଚନା ଦେଇଛନ୍ତି।

ଜାତୀୟ ପୋଷଣ ମାହ୍ ପାଳନ ଅବସରରେ ୟୁନିସେଫ୍ ସହଯୋଗରେ ଏମ୍ସ ଭୁବନେଶ୍ୱର ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଦଶ ମହିଳା ଆରୋଗ୍ୟ ସମିତିର ପ୍ରାୟ ଦେଢ଼ଶହରୁ ଅଧିକ ସଦସ୍ୟା ଏହି ମେଳାରେ ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣକାରୀମାନେ ଶିଶୁ ଏବଂ ଶିଶୁଙ୍କ ଖାଇବା ଅଭ୍ୟାସ, ଅତିରିକ୍ତ ଖାଦ୍ୟାଭାସ, ସ୍ତନ୍ୟପାନ, ହାତ ଧୋଇବା, କୃମିନାଶ, ନବଜାତ ଶିଶୁର ଅଭିବୃଦ୍ଧି ପର୍ଯ୍ୟବେକ୍ଷଣ, ପ୍ରସବପୂର୍ବ ଏବଂ ପରବର୍ତ୍ତୀ ଅବସ୍ଥାର ଉପଯୁକ୍ତ ଯାଂଚ, ମଧୁମେହ ପ୍ରକାର-୨, ଉଚ୍ଚ ରକ୍ତଚାପ ଇତ୍ୟାଦି ସହିତ ଜଡିତ ବିଭିନ୍ନ ବିଷୟ ଉପରେ ଲୋକନୃତ୍ୟ/ନାଟକ/ସଙ୍ଗୀତ ମାଧ୍ୟମରେ ସଚେତନତା ସୃଷ୍ଟି କରିଥିଲେ।

ଉପରୋକ୍ତ ପ୍ରସଙ୍ଗରେ ମହିଳା ଆରୋଗ୍ୟ ସମିତି ସଦସ୍ୟାଙ୍କୁ ଶିକ୍ଷା ଓ ସଚେତନତା ସୃଷ୍ଟି ନିମନ୍ତେ ଏମ୍ସ ପକ୍ଷରୁ ପ୍ରାୟ ଏକ ମାସ ପୂର୍ବରୁ ଏହି କଠୋର ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏନେଇ ସଦସ୍ୟାଙ୍କ ସହିତ ବିଭିନ୍ନ ବିଷୟବସ୍ତୁ ଉପରେ ଏକାଧିକବାର ଆଲୋଚନା ହେବା ସହିତ ସେମାନଙ୍କର ଦକ୍ଷତା ବିକାଶ ପାଇଁ ବିଶେଷଜ୍ଞମାନଙ୍କୁ ନିୟୋଜିତ କରାଯାଇଥିଲା। ସାଧାରଣ ଯୋଗାଯୋଗ ବ୍ୟବସ୍ଥାର ଉପଯୋଗ କରି ସେମାନଙ୍କର ଦକ୍ଷତାକୁ ପ୍ରଭାବଶାଳୀ ଢଙ୍ଗରେ ପ୍ରଦର୍ଶନ କରିବା ନେଇ ଚେଷ୍ଟା କରାଯାଇଥିଲା।

ଏହି ମେଳାରେ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର (ଡ) ଆଶୁତୋଷ ବିଶ୍ୱାସ, ଏମ୍ସ ବିବିନଗର(ତେଲେଙ୍ଗାନା) କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର (ଡ) ବିକାଶ ଭାଟିଆ, ରାଜ୍ୟ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡ. ବିଜୟ କୁମାର ପାଣିଗ୍ରାହି, ଏମ୍ସ ଭୁବନେଶ୍ୱର କମ୍ୟୁନିଟି ମେଡିସିନ୍‌ସ ଏବଂ ଫ୍ୟାମିଲି ମେଡିସିନ୍ସ ବିଭାଗୀୟ ମୁଖ୍ୟ ଡ. ସୋନୁ ଏଚ୍ ସୁବା, ଡ. ସ୍ୱୟମ୍ ପ୍ରଜ୍ଞା ପରିଡ଼ା, ଡ. ବିନୋଦ କୁମାର ବେହେରା, ଡ. ପ୍ରଜ୍ଞା ପାରମିତା ଗିରିଙ୍କ ସମେତ ବହୁ ସ୍ଥାନୀୟ ଜନପ୍ରତିନିଧୀ ମଧ ଏହି ଉତ୍ସବରେ ଉପସ୍ଥିତ ଥିଲେ। ଶ୍ରେଷ୍ଠ ପ୍ରଦର୍ଶନକାରୀ ଦଳକୁ ଟ୍ରଫି ସହିତ ପୁରସ୍କୃତ କରାଯାଇଥିବାବେଳେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଦ୍ୱିତୀୟ ପର୍ଯ୍ୟାୟରେ ଏମ୍ସ ପରିସରରେ ଡାକ୍ତରୀ ଓ ନର୍ସିଂ ଛାତ୍ରଛାତ୍ରୀଙ୍କ ସମେତ ଇଂଟର୍ଣ୍ଣମାନଙ୍କ ପାଇଁ ପୋଷଣ ସମ୍ପର୍କରେ ଏକ ନିରନ୍ତର ଡାକ୍ତରୀ ଶିକ୍ଷା (ସିଏମ୍‌ଇ)ର ଆୟୋଜନ କରାଯାଇଥିଲା।

# ଭିନ୍ନକ୍ଷମଙ୍କ କୃତ୍ରିମ ଅଙ୍ଗ ପ୍ରସ୍ତୁତିରେ ଅନିୟମିତତା : ୪ ଏଆରସିରେ ଯାଞ୍ଚ ପାଇଁ ଗଠନ ହେଲା ୫ଜଣିଆ କମିଟି

ଭୁବନେଶ୍ୱର ,୧୬/୦୯ (ନି.ପ୍ର): ଭିନ୍ନକ୍ଷମଙ୍କ କୃତ୍ରିମ ଅଙ୍ଗ ପ୍ରସ୍ତୁତିରେ ଅନିୟମିତତା ଅଭିଯୋଗ ହୋଇଛି। ରାଜ୍ୟର ୪ଟି ସ୍ଥାନରେ ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ର(ଏଆରସି) ଜରିଆରେ ପ୍ରସ୍ତୁତ ହେଉଥିବା ଅଙ୍ଗର ଗୁଣବତ୍ତା ଓ ଦରକୁ ନେଇ ଅଭିଯୋଗ ଆସିଛି। ଏକ ଘରୋଇ ସଂସ୍ଥା ଏସବୁ ଏଆରସିର ପରିଚାଳନା କରୁଛି। କେତେ ଟଙ୍କା ଅନିୟମିତତା ଅଭିଯୋଗ ହୋଇଛି ତାହା ବର୍ତ୍ତମାନସୁଦ୍ଧା ସ୍ପଷ୍ଟ ହୋଇନାହିଁ। ଅପରପପକ୍ଷରେ ଏଆରସିରେ ହୋଇଥିବା ଦୁର୍ନୀତି ଅଭିଯୋଗର ସତ୍ୟାସତ୍ୟ ଯାଞ୍ଚ ପାଇଁ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଏକ ୫ଜଣିଆ କମିଟି ଗଠନ କରାଯାଇଛି। କମିଟିର ସଦସ୍ୟମାନେ କେଉଁ କେଉଁ ଏଆରସିକୁ ଯାଇ ଯାଞ୍ଚ କରିବେ ତାହାର ବଣ୍ଟନ ହୋଇ ନ ଥିବା ସୂଚନା ମିଳିଛି। ଦୁର୍ଘଟଣା କିମ୍ବା ଅନ୍ୟ କାରଣ ପାଇଁ ଅଙ୍ଗ ହରାଉଥିବା ବ୍ୟକ୍ତିଙ୍କୁ ଉନ୍ନତ ମାନର କୃତ୍ରିମ ଅଙ୍ଗ ଯୋଗାଇବା ପାଇଁ ଏଆରସି ପ୍ରତିଷ୍ଠା କରାଯାଇଥିଲା। ୨୦୧୮ ମସିହାରେ ଦିଲ୍ଲୀର ଏକ ଘରୋଇ ସଂସ୍ଥା ସହିତ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ଏଆରସିରେ କୃତ୍ରିମ ଅଙ୍ଗ ପ୍ରସ୍ତୁତି ସହିତ ପକ୍ଷାଘାତର ଶିକାର ହେଉଥିବା ଲୋକମାନଙ୍କ ପାଇଁ ରୋ ବୋଟିକ୍ ଥେରାପି ଦିଆଯାଉଛି। ଷ୍ଟ୍ରୋକ୍, ମେରୁଦଣ୍ଡ ଆଘାତ, ମସ୍ତିଷ୍କାଘାତ, ସ୍ନାୟୁଗତ ସମସ୍ୟା, ସେରେବାଲ ପ୍ଲାସି ଭଳି ସମସ୍ୟାର ଚିକିତ୍ସା ଦିଆଯାଉଛି। ଏଆରସି ପାଇଁ ଆବଶ୍ୟକ ମାନବ ସମ୍ବଳ ରାଜ୍ୟ ସରକାର ଯୋଗାଇ ଦେଇଛନ୍ତି। ଏଥିପାଇଁ ୧୯.୪୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଭୁବନେଶ୍ୱର, ସୁନ୍ଦରଗଡ଼, ଅନୁଗୁଳ ଓ କେନ୍ଦୁଝରରେ ଏଆ ର୍‌ସି ରହିଛି। ତେବେ ଏଆରସି ପ୍ରତିଷ୍ଠା ହେବା ଦିନଠାରୁ ଏହାର କାର୍ଯ୍ୟଶୈଳୀ ଓ ଧାର୍ଯ୍ୟ ଲକ୍ଷ୍ୟ ସହିତ ଗୁଣବତ୍ତା ଓ ଦରକୁ ନେଇ ପ୍ରଶ୍ନ ଉଠିଛି। ବିଭାଗ ନିକଟରେ ଏଭଳି ଏକାଧିକ ଅଭିଯୋଗ ଆସିଥିବା ସୂଚନା ମିଳିଛି। ନିକଟରେ ଏଭଳି ଏକ ଅଭିଯୋଗକୁ ଭିତ୍ତିକରି ବିଭାଗ ଯେଉଁ ୫ଜଣିଆ କମିଟି ଗଠନ କରିଛନ୍ତି, ସେଥିରେ ବିଭାଗର ଅତିରିକ୍ତ ସଚିବ ମଧୁମିତା ନାୟକ, ଉପ-ସଚିବ ସୁଭଦ୍ରା ଯାନୀ, ଅଡିଟ ଅଫିସର ଏ.କେ ଦାଶ, ଏସଆଇଡିଆରର ବରିଷ୍ଠ ପ୍ରୋସ୍ଥେଟିକ୍ ଇଞ୍ଜିନିୟର ନନ୍ଦନ ଆଚାର୍ଯ୍ୟ ଓ ଡିଡିଆରସିର ବରିଷ୍ଠ ପ୍ରୋସ୍ଥେଟିକ ଇଞ୍ଜିନିୟର ଏସ୍. ମହାନ୍ତି ରହିଛନ୍ତି। ଏହି କମିଟି ଗଠନ ହେବାର ସପ୍ତାହ ବିତିଲାଣି, କମିଟିରେ ସ୍ଥାନ ପାଇଥିବା କେଉଁ ଅଧିକାରୀ କେଉଁ କେନ୍ଦ୍ରକୁ ଯିବେ ତାହାର ବଣ୍ଟନ ହୋଇ ନାହିଁ। ଯାହାକି ଦୁର୍ନୀତି ଅଭିଯୋଗର ସତ୍ୟାସତ୍ୟ ଯାଞ୍ଚ ନେଇ ବିଭାଗର ଆନ୍ତରିକତାକୁ ଦର୍ଶାଉଛି। ସଂପୃକ୍ତ ସଂସ୍ଥା ଭିନ୍ନକ୍ଷମଙ୍କ କୃତ୍ରିମ ଅଙ୍ଗ(ଭିନ୍ନ ଭିନ୍ନ ଆକାରର) କେତେ ଟଙ୍କାରେ ଯୋଗାଇବ ସେଥିପାଇଁ ରାଜ୍ୟ ସରକାରଙ୍କ ସହିତ ପୂର୍ବରୁ ଚୁକ୍ତି ହୋଇଛି। ତେଣୁ କୃତ୍ରିମ ଅଙ୍ଗ ଯୋଗାଣରେ କେତେ ଟଙ୍କାର ଅନିୟମିତତା ହୋଇଛି ତାହା ଯାଞ୍ଚ ପରେ ସ୍ପଷ୍ଟ ହୋଇପାରିବ ବୋଲି କମିଟିର ଜଣେ ସଦସ୍ୟ ସୂଚନା ଦେଇଛନ୍ତି।

# ୧୮ତମ ସଙ୍ଗମ ଉତ୍ସବ : ଓଡ଼ିଶୀ ଏବଂ ଭାରତନାଟ୍ୟମ୍ ନୃତ୍ୟର ସମାରୋହ

ଭୁବନେଶ୍ୱର,୧୬/୦୯ (ନି.ପ୍ର): ଡ଼ଃ ଇଲିଆନା ସିତାରିଷ୍ଟୀଙ୍କ ନେତୃତ୍ୱରେ ଆର୍ଟ ଭିଜନ ପକ୍ଷରୁ ୧୮ ତମ ସଙ୍ଗମ ଉତ୍ସବ ଭୁବନେଶ୍ୱରର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ତଥା ବରିଷ୍ଠ ପ୍ରଶାସକ ଆର. ବାଲାକ୍ରୀଷ୍ଣନ; ପୂର୍ବତନ ସମ୍ବଲପୁର ବିଶ୍ୱ ବିଦ୍ୟାଳୟର କୁଳପତି ତଥା ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ଡ଼ଃ. ପ୍ରିୟମ୍ବଦା ମହାନ୍ତି ହେଜମାଦି ଏବଂ ବିଶିଷ୍ଟ ସାହିତ୍ୟିକା ତଥା ଗବେଷିକା ଶ୍ରୀମତୀ ପ୍ରତୀ ଚାନ୍ଦ ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବର ଉଦଘାଟନ କରିଥିଲେ। ସନ୍ଧ୍ୟାର ପ୍ରଥମ ନୃତ୍ୟ ଉପସ୍ଥାପନା ଥିଲା ଡ଼ଃ ଇଲିଆନା ସିତାରିଷ୍ଟିଙ୍କ ନେତୃତ୍ୱରେ ଆର୍ଟ ଭିଜନ ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ । ସେମାନଙ୍କର ପ୍ରଥମ ପ୍ରସ୍ତୁତିଟି ଥିଲା ଗଙ୍ଗା ନୋମାମି, ଆଦି ଶଙ୍କରାଚାର୍ଯ୍ୟଙ୍କ ସ୍ତୋତ୍ର ଉପରେ ଆଧାର କରି ସ୍ୱର୍ଗରୁ ଆସିଥିବା ଗଙ୍ଗା ସମସ୍ତଙ୍କୁ ସୁଖ ଓ ଶାନ୍ତି ଦେବା ସହିତ ତାଙ୍କ ଭକ୍ତମାନଙ୍କର ସମସ୍ତ ଇଚ୍ଛା ସେ ପୂରଣ କରୁଥିଲେ। ଏହି ସଂଗୀତ ରଚନାକୁ ରୋହନ ଦାସଗୁପ୍ତା ପ୍ରସ୍ତୁତ କରିଥିଲେ ଏବଂ ଏହି ନୃତ୍ୟକୁ ଡକ୍ଟର ଇଲିଆନା ସିତାରିଷ୍ଟି ସଂରଚନା କରିଥିଲେ। ପରେ ରାଗ ଆନନ୍ଦ କେଦାର ଏବଂ ତାଳ ଏକତାଳୀରେ ଶବ୍ଦସ୍ୱର ପାଟପଲ୍ଲବୀ, ବର୍ଣ୍ଣନାକାରୀଙ୍କ ଶବ୍ଦ ଏବଂ ନୃତ୍ୟ ଗତିବିଧି ମାଧ୍ୟମରେ ଚିତ୍ରିତ ଓଡ଼ିଶୀ ନୃତ୍ୟର ଚାରି ଭଙ୍ଗୀର ବର୍ଣ୍ଣନା ଏଥିରେ ଦେଖିବାକୁ ମିଳିଥିଲା । ରମେଶ ଚନ୍ଦ୍ର ଦାସ ଏବଂ ସୁରେନ୍ଦ୍ର ମହାରଣାଙ୍କ ଦ୍ୱାରା ପ୍ରଦତ୍ତ ସଂଗୀତ ଏବଂ ଡକ୍ଟର ଇଲିଆନା ସିତାରିଷ୍ଟୀଙ୍କ ଦ୍ୱାରା ଏହି ନୃତ୍ୟଟିର ସଂରଚନା କରାଯାଇଥିଲା । ଆର୍ଟ ଭିଜନ ଶେଷ ପ୍ରସ୍ତୁତିଟି ଥିଲା ପ୍ରସିଦ୍ଧ ରଥ ଯାତ୍ରା ପର୍ବରେ ପ୍ରଭୁ ଜଗନ୍ନାଥ ଏବଂ ଦେବୀ ଲକ୍ଷ୍ମୀଙ୍କ ମଧରେ ଥିବା ମତାନ୍ତର (ବଚନିକା) କୁ ଦର୍ଶାଇ ଦ୍ୱାର ପକା ନାଟ। ବିଭିନ୍ନ ମଧ୍ୟଯୁଗୀୟ ଓଡିଆ କବିମାନଙ୍କ ଦ୍ୱାରା ପାରମ୍ପାରିକ କବିତା ଏବଂ ବାଦ୍ୟଯନ୍ତ୍ରରୁ ସଂଗୃହିତ ଏହି ପରିବେଶଣଟି ଆଧାରିତ ଥିଲା । ଏହି ନୃତ୍ୟକୁ ଡକ୍ଟର ଇଲିଆନା ସିଟାରିଷ୍ଟୀ ଏବଂ ରମେଶ ଚନ୍ଦ୍ର ଦାସ, ପ୍ରତୀକ ପଟ୍ଟନାୟକ ଓ ସଚ୍ଚିଦାନନ୍ଦ ଦାସଙ୍କ ଦ୍ୱାରା ଏକାଧାରରେ ସଂରଚନା, ସଂଗୀତ ରଚନା ଓ ଗୀତ ରଚନା କରାଯାଇଥିଲା ।

ଶେଷରେ ଅନୁରାଧା ବିକ୍ରାନ୍ତଙ୍କ ଦୃଷ୍ଟୀ ଆର୍ଟ ସେଂଟର ଶିଳ୍ପୀମାନଙ୍କ ଦ୍ୱାରା ଭାରତନାଟ୍ୟମ୍ ନୃତ୍ୟ ପରିବେଶଣ କରାଯାଇଥିଲା। ଏଥିରେ ଦେବୀ ଦୁର୍ଗାଙ୍କ ଜୀବନରୁ ସାତୋଟି ଭିନ୍ନ ପୁରାଣ କାହାଣୀ ସହିତ ନଅଟି ରସକୁ ଚିତ୍ରିତ କରାଯାଇଥିଲା । ଏହି ନୃତ୍ୟଟି ରାଗ ମାଳିକା ଓ ଆଦି ତାଳରେ ନିବଦ୍ଧ ଥିଲା । କାର୍ଯ୍ୟକ୍ରମର ଗୀତ ଡକ୍ଟର ଆର ଗଣେଶ ପ୍ରସ୍ତୁତ କରିଥିଲେ ଏବଂ ସଙ୍ଗୀତ ରଚନା ଡି ଏସ୍ ଶ୍ରୀବସ୍ତ ଏବଂ ଗୁରୁମୂର୍ତ୍ତି ଦ୍ୱାରା କରାଯାଇଥିଲା। ଏହି ନୃତ୍ୟଟି ସଂରଚନା କରିଥିଲେ ନିଜେ ଅନୁରାଧା ବିକ୍ରାନ୍ତ।

## ଦେଶୀ ମଦ ସହ ଜଣେ ଗିରଫ




ନୀଳଗିରି, ୧୬/୦୯ (ନି.ପ୍ର): ନୀଳଗିରି ଅବକାରୀ ବିଭାଗ ଆଜି ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବିପୁଳ ପରିମାଣରେ ପୋଚ ଓ ଦେଶୀ ମଦ ଜବତ କରିଥିବା ବେଳେ ଜଣେ ଗିରଫ ହୋଇଛି । ପ୍ରାପ୍ତ ସୂଚନା ଅନୁସାରେ ସଜନାଗଡ଼ ବନ୍ଧ ସାହି ଠାରେ ୨୦୦୦ କି.ଗ୍ରା. ପୋଚ, ୧୦୦ ଲିଟର ଦେଶୀ ମଦ ଜବତ କରିଥିବା ବେଳେ ଘାଟଘରସାହି ଗ୍ରାମର ଭରତ ପାତ୍ର (୪୫) ଙ୍କ ଠାରୁ ୩୦ ଲିଟର ଦେଶୀ ମଦ ଜବତ କରିଥିବା ବେଳେ ଭରତ ପାତ୍ରକୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି ।

## ବାଇକ ଚୋରଙ୍କୁ ପୋଲିସରେ ଦେଲେ ଗ୍ରାମବାସୀ

ଖଇରା,୧୬/୦୯ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅଧୀନ ରାମଚନ୍ଦ୍ରପୁର ଗ୍ରାମରୁ ଏକ ବାଇକ ଚୋରୀ କରିଥିବା ୨ବାଇକ ଚୋରଙ୍କୁ ଡଗରପଡା ଗ୍ରାମବାସୀ ଧରିବା ସହ ସୋମାନଙ୍କୁ ଖଇରା ପୋଲିସ ଜିମାରେ ଦେଇଛନ୍ତି । ଏହି ଚୋରୀରେ ସଂପୃକ୍ତ ଥିବା ଅଭିଯୋଗରେ ପୋଲିସ ସରସତିଆ ଗ୍ରାମର ଜିତୁ ଓ ଜଟିଆଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା ଚଲାଇଛି । ୧୪ ତାରିଖ ଦିନ ରାମଚନ୍ଦ୍ରପୁର ଗ୍ରାମର ପର୍ଶୁରାମ ପାତ୍ରଙ୍କର ଏକ ବାଇକ ଓ ହରେକୃଷ୍ଣ ପାତ୍ରଙ୍କ ଏକ ବ୍ୟାଟେରୀ ଚୋରୀ ହେବା ପରେ ପର୍ଶୁରାମ ବିଭିନ୍ନ ଛକରେ ବାଇକ ଫଟୋ ଲଗାଇବା ଏହା ଖୋଜାଖୋଜି କରିବାକୁ ସାମାଜିକ ଗଣମାଧ୍ୟମରେ ମଧ୍ୟ ଅନୁରୋଧ କରିଥିଲେ । ଉପରୋକ୍ତ ଯୁବକ ଦ୍ୱୟ ଏହି ବାଇକ ଧରି ଡଗରପଡା ଅଞ୍ଚଳରେ ଯାଉଥିବା ବେଳେ ଗ୍ରାମବାସୀ ମାନେ ସନ୍ଦେହରେ ତାଙ୍କୁ ଅଟକାଇଥିଲେ ।

## ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କୁ ଆଦର୍ଶ ଯୁବ ବିଧାୟକ ସମ୍ମାନ

ଭୁବନେଶ୍ୱର,୧୬/୦୯ (ନି.ପ୍ର): ଇଲେକ୍ଟ୍ରୋନିକ୍ସ, ସୂଚନା ପ୍ରଯୁକ୍ତି, କ୍ରୀଡ଼ା ଓ ଯୁବସେବା ଏବଂ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କୁ ଆଜି ଆଦର୍ଶ ଯୁବ ବିଧାୟକ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଏମ୍ଆଇଟି ୱାର୍ଲ୍ଡ ପିସ୍ ୟୁନିଭରସିଟି, ପୁନେଠାରେ ଅନୁଷ୍ଠିତ ଦ୍ୱାଦଶତମ ଭାରତୀୟ ଛାତ୍ର ସଂସଦ ଅଧିବେଶନରେ ମନ୍ତ୍ରୀ ଶ୍ରୀ ବେହେରାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଢ଼ ନେତୃତ୍ୱ ଏବଂ ସ୍ୱଚ୍ଛ ଶାସନରେ ଭାଗୀଦାର ହୋଇ ଏହି ସମ୍ମାନ ପାଇଥିବାରୁ ମନ୍ତ୍ରୀ ଶ୍ରୀ ବେହେରା ନିଜର ଖୁସି ବ୍ୟକ୍ତ କରିବା ସହ ଏହି ସମ୍ମାନକୁ ସମଗ୍ର ଓଡ଼ିଶାବାସୀଙ୍କୁ ଉତ୍ସର୍ଗ କରିଛନ୍ତି। ମନ୍ତ୍ରୀ ଶ୍ରୀ ବେହେରା କହିଛନ୍ତି ଯେ ରାଜ୍ୟବାସୀଙ୍କଠାରୁ ମିଳିଥିବା ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ତାଙ୍କୁ ଅଧିକ କାର୍ଯ୍ୟ କରିବାକୁ ପ୍ରେରଣା ଯୋଗାଇବା ସହ ଏହି ସମ୍ମାନ ଆଣିଦେଇଛି। ଏହା ତାଙ୍କୁ ଭବିଷ୍ୟତରେ ଲୋକଙ୍କ ପାଇଁ ଅଧିକ କାର୍ଯ୍ୟକରିବାକୁ ଉତ୍ସାହିତ କରିବ ବୋଲି ସେ ଏହି ଅବସରରେ ପ୍ରକାଶ କରିଛନ୍ତି।

# ଆଡ଼ମ୍ବରପୂର୍ଣ୍ଣ ପରିବେଶ ମଧ୍ୟରେ ଅହିଂସା ରଥକୁ ସ୍ୱାଗତ ସମ୍ବର୍ଦ୍ଧନା ଓ ସାଧାରଣ ସଭା ଅନୁଷ୍ଠିତ



ନୀଳଗିରି, ୧୬/୦୯ (ନି.ପ୍ର): ଓଡ଼ିଶା ସରକାରଙ୍କ ରାଜ୍ୟବ୍ୟାପି ପରିକ୍ରମଣ କରୁଥିବା ଅହିଂସା ରଥକୁ ଶୁକ୍ରବାର ସକାଳ ୮ଟା ସମୟରେ ଆଡ଼ମ୍ବରପୂର୍ଣ୍ଣ ପରିବେଶ ଭିତରେ ନୀଳଗିରି ରେ ସ୍ୱାଗତ ସମ୍ବର୍ଦ୍ଧନା ସହ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଅଛି । ବାଲେଶ୍ୱର ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ନୀଳଗିରି ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାହୁଲ ମଣ୍ଡଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅହିଂସା ରଥକୁ ବିଭିନ୍ନ ନାଚଗୀତ ମାଧ୍ୟମରେ ସ୍ୱାଗତ କରାଯାଇଥିବା ବେଳେ ମହିଳାମାନେ ପୂଜାଅର୍ଚ୍ଚନା କରିବା ସହ ଅହିଂସା ରଥକୁ ବନ୍ଦାପନା କରିଥିଲେ । ନୀଳଗିରିର ସମସ୍ତ ବିଭାଗୀୟ ଅଧିକାରୀ, ସମସ୍ତ କର୍ମଚାରୀ , ନିର୍ବାଚିତ ସମସ୍ତ ପ୍ରତିନିଧି ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନେ ସାମିଲ ଥିଲେ । ହଜାର ହଜାର ଲୋକଙ୍କ ସମାଗମରେ ଏକ ବିରାଟ ଶୋଭାଯାତ୍ରାରେ ଅହିଂସା ରଥକୁ ବ୍ଲକ ପରିସରକୁ ଅଣାଯାଇଥିଲା । ପରେ ବ୍ଲକ ପରିସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ "ଅହିଂସା ରଥ" ବିଷୟ ଆଲୋକପାତ କରିଥିଲେ । ଅନ୍ୟତମ ଅତିଥି ଭାବେ ନୀଳଗିରି ଏନ.ଏ.ସି.ର ଅଧକ୍ଷା ଅମ୍ବିକା ଦାସ, ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ନୀଳଗିରି ଉପଜିଲ୍ଲାପାଳ ଦୀପ୍ତିରଂଜନ ସେଠୀ, ତହସିଲଦାର ଅଶେଷ କୁମାର ନାୟକ, ବିଡିଓ ରାହୁଲ ମଣ୍ଡଳ ପ୍ରମୁଖ ମଂଚାସୀନ ରହି ପରିକ୍ରମଣ କରୁଥିବା ଅହିଂସା ରଥ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ବର୍ଷିୟାନ ସ୍ୱାଧୀନତା ସଂଗ୍ରାମୀ ଅନନ୍ତ ଖଟୁଆ ଓ ସୁନାରାମ ସିଂଙ୍କ ସାଂସଦ ଶ୍ରୀଯୁକ୍ତ ଷଡ଼ଙ୍ଗୀ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସମ୍ମାନୀତ କରିଥିଲେ । ସ୍ୱାଗତ ଓ ସମ୍ବର୍ଦ୍ଧନା ଉତ୍ସବରେ ନୀଳଗିରି ସି.ଡି.ପି.ଓ. ସଂଯୁକ୍ତା ମହାରଣା, ଆଇ.ଆଇ.ସି. ଗୋପାଳ ଚନ୍ଦ୍ର କର୍ଣ୍ଣ., ଏସ.ଆଇ. ବିରଂଚି ସାହୁ, ବି.ଇ.ଓ. ସ୍ନିଗ୍ଧା ପଣ୍ଡା, ଏନ.ଏ.ସି.ର ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ବଡ୍ଡୁ, ଜିଲ୍ଲା ପରିଷଦ ସଭ୍ୟ ଗତିକୃଷ୍ଣ ନନ୍ଦ, ରଂଜିତା ସିଂ, ଏନ.ଏ.ସି.ର ସମସ୍ତ କାଉନସିଲର ଅନୁସୂଚୀତ ଜନଜାତିର ବ୍ଲକ ସଭାପତି ଶରତ ଦାଶ, ଜିଲ୍ଲା ଯୁବ ବିଜେଡି ସଭାପତି ତାପସ କୁମାର ପରିଡ଼ା, ବ୍ଲକ ଉପାଧକ୍ଷ ଜ୍ୟୋର୍ତିମୟ ପୁଥାଳ ପ୍ରମୁଖ ସାମିଲ ଥିଲେ । ପରେ ଅହିଂସା ରଥକୁ ପୋଡ଼ାଶୁଳ, ସଜନାଗଡ଼, ନୂଆ ସାହି ସ୍କୁଲ , ତେଣ୍ଡା କନ୍ୟାଶ୍ରମ, ମିତ୍ରପୁର, ନୀଳଗିରି କେ.ସି.ହାଇସ୍କୁଲରେ ସ୍ୱଗତ ଭବ୍ୟ ସମ୍ବର୍ଦ୍ଧନା କରାଯାଇଥିଲା ।

# ମହାରାଜା ଶ୍ରୀରାମ ଚନ୍ଦ୍ର ଭଂଜଦେଓଙ୍କ ଜନ୍ମ ଜୟନ୍ତୀକୁ ସରକାରୀ ଛୁଟି ଘୋଷଣା ଦାବି



ବାରିପଦା, ୧୬/୦୯ (ନି.ପ୍ର): ନବ ଉତ୍କଳର ଅନ୍ୟତମ ନିର୍ମାତା, ଉତ୍କଳ ସମ୍ମିଳନୀର ପ୍ରଥମ ସଭାପତି ତତ୍କାଳୀନ ମୟୂରଭଂଜ ମହାରାଜା ଶ୍ରୀରାମଚନ୍ଦ୍ର ଭଂଜଦେଓଙ୍କ ଜନ୍ମ ଜୟନ୍ତୀ ଡିସେମ୍ବର ମାସ ୧୭ ତାରିଖକୁ ପ୍ରତିବର୍ଷ ସରକାରୀ ଛୁଟି ଘୋଷଣା କରାଯିବା ଦାବୀ ନେଇ ଆଜି ଓଡିଆ ଜାଗରଣ ମଂଚ ମୟୂରଭଂଜ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ମଂଚର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ପିତାମ୍ବର ମଲ୍ଲିକ, ଆଇନଜୀବି ଉମାକାନ୍ତ ରାଉତ, ଅରୁଣ କୁମାର ମହାପାତ୍ର, ସତ୍ୟବାନ ପାଲ, ପୂର୍ଣ୍ଣଚନ୍ଦ୍ର ଜେନା, ଡ଼ଃ ଅଜୟ କୁମାର ସାମଲ, ଅଶୋକ କୁମାର ଭଂଜଦେଓ ପ୍ରମୁଖଙ୍କ ଉପସ୍ଥିତ ରହି ଓଡିଶା ବିଧାନସଭାର ବାଚସ୍ପତି, ରାଜ୍ୟ ସଂସ୍କୃତି ମନ୍ତ୍ରୀ, ମହିଳା ସଶକ୍ତି କରଣ ଓ ଶିଶୁବିକାଶ ମନ୍ତ୍ରୀ ଶ୍ରୀମତୀ ବାସନ୍ତୀ ହେମ୍ବ୍ରମ, ବିଧାୟକ ରାଜକିଶୋର ଦାସ, କେନ୍ଦ୍ରାଂଚଳ ରାଜସ୍ୱ କମିଶନର କଟକଙ୍କ ଉଦେଶ୍ୟରେ ଏହି ଦାବିପତ୍ର ପ୍ରଦାନ କରାଯାଇଛି । ତେବେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଂଜଦେଓ ସମଗ୍ର ଓଡିଶାର ବିକାଶ ପାଇଁ ବହୁ ଉଲ୍ଲେଖନୀୟ କାର୍ଯ୍ୟ କରିଯାଇଥିବା ବେଳେ, ତାଙ୍କର ଜନ୍ମଦିନଟିକୁ ସରକାରୀ ଛୁଟି ଘୋଷଣା କରିବାକୁ ଦୀର୍ଘ ଦିନ ଧରି ଜିଲ୍ଲାବାସୀଙ୍କ ପକ୍ଷରୁ ଦାବୀ ହୋଇ ଆସୁଛି । ଭାରତ ବର୍ଷର ଏହି କିର୍ତିମାନ ପ୍ରତିଭାଙ୍କୁ ସ୍ମରଣୀୟ କରି ରଖିବା ଉଦ୍ଦେଶ୍ୟରେ ଯଥାଶୀଘ୍ର ତାଙ୍କର ଜନ୍ମ ଜୟନ୍ତୀ ଡିସେମ୍ବର ମାସ ୧୭ ତାରିଖକୁ ସରକାରୀ ଛୁଟି ଭାବେ ଘୋଷଣା କରିବା ପାଇଁ ଓଡ଼ିଆ ଜାଗରଣ ମଂଚ ମୟୂରଭଞ୍ଜ ପକ୍ଷରୁ ଦାବିପତ୍ର ଜରିୟାରେ ନିବେଦନ କରାଯାଇଛି ।

## ୮୫ ମହିଳାଙ୍କୁ ମିଳିଲା ବିଧବା ଭତ୍ତା

ଖଇରା,୧୬/୦୯ (ନି.ପ୍ର): ଖଇରା ବ୍ଲକରେ ସ୍ୱାମୀଙ୍କୁ ହରାଇ ମ୍ରିୟମାଣ ଅବସ୍ଥାରେ ଥିବା ୮୫ ମହିଳାଙ୍କୁ ଶୁକ୍ରବାର ବିଧବା ଭତ୍ତା ପ୍ରଦାନ କରାଯାଇଛି । ଏହି ଅବସରରେ ବ୍ଲକ ପରିସରରେ ଆୟୋଜିତ ଭତ୍ତା ବଣ୍ଟନ ଉତ୍ସବରେ ବିଡିଓ ପର୍ଶୁରାମ ପଣ୍ଡା ସଭାପତିତ୍ୱ କରିଥିଲେ । ସ୍ଥାନୀୟ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ,ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ,ଉପାଧକ୍ଷ ଗଜେନ୍ଦ୍ର ପରିଡା, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର ଓ ସଭ୍ୟ ମାନସ ଦାଶ,ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ସାଲିମା ରାଉତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ସମସ୍ତଙ୍କୁ ଏହି ଭତ୍ତା ଦେଇଥିଲେ ।

## ଏସସିବିରେ ମିଳିବ ଉନ୍ନତ ମାନର ଯକୃତ ରୋଗ ଚିକିତ୍ସା ସୁବିଧା

ଭୁବନେଶ୍ୱର,୧୬/୦୯ (ନି.ପ୍ର): କଟକ ଏସସିବିରେ ଲୋକମାନଙ୍କୁ ଉନ୍ନତ ମାନର ଯକୃତ ରୋଗ ଚିକିତ୍ସା ଯୋଗାଇ ଦେବା ପାଇଁ ଶୁକ୍ରବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ହାଇଦ୍ରାବାଦର ଏସିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଏଟ୍ରୋଂଲୋଜି ହସ୍ପିଟାଲ ସହିତ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ନବ କିଶୋର ଦାସ ଓ ବିଭାଗିୟ ପ୍ରମୁଖ ଶାସନ ସଚିବ ନିକୁଂଜ ଧଳଙ୍କ ଉପସ୍ଥିତିରେ ରାଜ୍ୟ ସରକାରଙ୍କ ପକ୍ଷରୁ ଡିଏମଇଟି ଡ଼ା. ରମାରମଣ ମହାନ୍ତି ଓ ଏସିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଗ୍ୟାଷ୍ଟ୍ରୋଏଟ୍ରୋଂଲୋଜି ହସ୍ପିଟାଲ ପକ୍ଷରୁ ଭାଇସ୍ ପ୍ରେସିଡେଂଟ୍ ସନ୍ତୋଷ କୁମାର ସାହୁ ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ ।

# ଶିକ୍ଷୟତ୍ରୀଙ୍କ ମାଡରେ ପ୍ରଥମ ଶ୍ରେଣୀ ଛାତ୍ର ଆହତ : ଅଭିଯୋଗର ତଦନ୍ତ କଲେ ଏବିଇଓ

ଖଇରା,୧୬/୦୯ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ମହତୀପୁର ଗ୍ରାମ ପଞ୍ଚାୟତ ଅଧୀନ ଫଗୁଣା ୟୁପି ସ୍କୁଲର ସହକାରୀ ଶିକ୍ଷୟତ୍ରୀ ବିଷ୍ଣୁପ୍ରିୟା ମୁଖୀ ବିଦ୍ୟାଳୟର ପ୍ରଥମ ଶ୍ରେଣୀ ଛାତ୍ର ତେଜସ ଲେଙ୍କା ଙ୍କୁ ମାଡ ମାରି ଆହତ କରିବାକୁ ନେଇ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ ହେଇଥିଲା । ଖଇରା ଚାଇଲ୍ଡ ଲାଇନ ପକ୍ଷରୁ ମଧ୍ୟ କାର୍ଯ୍ୟାନୁଷ୍ଠାନ ଦାବୀ କରାଯାଇଥିଲା । ଶିକ୍ଷାଧିକାରୀ ଗୋଲକ ପ୍ରସାଦ ପାଢୀଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀଧର ବେହେରା ଓ ଗୌରାଙ୍ଗ ମହାପାତ୍ର ଶୁକ୍ରବାର ବିଦ୍ୟାଳୟରେ ପହଞ୍ଚି ଏହାର ତଦନ୍ତ କରିବା ସହ ରିପୋର୍ଟ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ପ୍ରଦାନ କରିଛନ୍ତି । ଏ ସମ୍ପର୍କରେ ତଦନ୍ତକାରୀ ଅଧିକାରୀ ଶ୍ରୀ ବେହେରାଙ୍କୁ ପଚାରିବା ପରେ ସେ ମାଡ ଘଟଣାକୁ ସତ ବୋଲି କହିବା ସହ ଛାତ୍ର ତେଜସ ଉକ୍ତ ଶିକ୍ଷୟତ୍ରୀଙ୍କ ପୁଅ ସହ ବିଦ୍ୟାଳୟରେ ନଖେଳିବାରୁ ସେ ପ୍ଲାଷ୍ଟିକ ପାଇପରେ ମାଡ ମାରିଥିଲେ । ତେଜସ ପାଖରେ ବସିଥିବା କ୍ଷିରୋଦ ଶତପଥି ନାମକ ଅନ୍ୟ ଜଣେ ପିଲା ମାଡରେ ଆହତ ହୋଇଥିବା ନେଇ ଅବିଭାବକ ଅଭିଯୋଗ ହୋଇଥିବାର କହିଛନ୍ତି । ଏଠାରେ ଶୁଭେନ୍ଦ୍ରଙ୍କ ବାହାରେ ରହୁଥିବା ବେଳେ ତାଙ୍କ ଗୁରୁବାର ପୁଅ ବିଦ୍ୟାଳୟକୁ ଯାଇଥିଲା । ସହକାରୀ ଶିକ୍ଷୟତ୍ରୀ ଙ୍କ ବିଦ୍ୟାଳୟକୁ ଆସିଥିବା ତାଙ୍କ ପୁଅ ସହ ତେଜସ ନଖେଳିବାରୁ ୨ଜଣ ପିଲାଙ୍କ ମଧ୍ୟରେ ଝଗଡା ହୋଇଥିଲା । ଏଥିରେ କ୍ରୋଧାନ୍ୱିତ ହେଇ ଶିକ୍ଷୟତ୍ରୀ ବିଷ୍ଣୁପ୍ରିୟା ମାଡ ମାରିଥିବା ନେଇ ତେଜସର ଜେଜେ ବାପା ପ୍ରଭାକର ଲେଙ୍କା ବିଇଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ ।

# ଝାଡଗାଁ ଆଦର୍ଶ ବିଦ୍ୟାଳୟରେ ହିନ୍ଦୀ ଦିବସ ପାଳିତ



ରାଇରଙ୍ଗପୁର, ୧୬/୦୯ (ନି.ପ୍ର): ବହଳଦା ସ୍ଥିତ ଝାଡଗାଁ ଆଦର୍ଶ ବିଦ୍ୟାଳୟରେ ହିନ୍ଦୀ ଦିବସ ପାଳିତ ହୋଇଛି । ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ହିନ୍ଦୀରେ ବକ୍ତୃତା, କବିତା ଆବୃତି, ସାଧାରଣ ଜ୍ଞାନ ଆଦି ପ୍ରତିଯୋଗିତା କରାଯାଇଥିଲା । ସିନିୟର ବିଭାଗର ବକ୍ତୃତା ପ୍ରତିଯୋଗିତାରେ ଦଶମ ଶ୍ରେଣୀର ଛାତ୍ର ସମ୍ମାନ ଦାସ ପ୍ରଥମ ହୋଇଥିଲା ବେଳେ ଜୁନିୟର ବିଭାଗରେ ସପ୍ତମ ଶ୍ରେଣୀର ଛାତ୍ର ପ୍ରୀତମ କର ପ୍ରଥମ ହୋଇଥିଲେ । ଗ୍ରୁପ୍ କୁଇଜ୍ ପ୍ରତିଯୋଗିତା ରେ ଚାରୋଟି ଗ୍ରୁପ୍ ମଧ୍ୟରୁ ସୁବର୍ଣ୍ଣରେଖା ଗ୍ରୁପ୍ ପ୍ରଥମ ହୋଇଥିଲା । ସେହିପରି କବିତା ଆବୃତିରେ ସିନିୟର୍ ବିଭାଗରେ ଦଶମ ଶ୍ରେଣୀ ଛାତ୍ର ବିଶ୍ୱରାଜ ହାଁସଦାଃ ଏବଂ ଜୁନିୟର ବିଭାଗରେ ସପ୍ତମ ଶ୍ରେଣୀର ଆଲିଶା ପଣ୍ଡା ପ୍ରଥମ ହୋଇଥିଲେ । ଏହି ପରିପ୍ରେକ୍ଷୀରେ ଆୟୋଜିତ ଉତ୍ସବରେ ପୁଷ୍ପା ରାଣୀ ପଣ୍ଡାଙ୍କ ଅଧକ୍ଷତା କରିଥିବା ବେଳେ, ହିନ୍ଦୀ ବିଭାଗର ଶିକ୍ଷୟିତ୍ରୀ ଅନୁଜା ମହାନ୍ତ ସଭା ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସନ୍ତୋଷ କୁମାର ବିଶ୍ୱାଳ, ସୌମ୍ୟରଂଜନ ନାଏକ, ତପସ୍ୱୀନି ସାହୁ, ପରେଶ କୁମାର ଜେନା, ମଧୁସ୍ମିତା ହେମ୍ବ୍ରମ, କବିରାଜ ସୋରେନ ପ୍ରମୁଖ ଯୋଗଦେଇ ହିନ୍ଦି ଭାଷାର ଗାରିମା ବିଷୟରେ ଆଲୋଚନା କରିଥିଲେ । ଏହି ଅବସରରେ କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥି ମାନେ ପୁରସ୍କାର ବିତରଣ କରିଥିଲେ । ସେହିପରି ରାଇରଙ୍ଗପୁର ଛଠ ପୂଜା କମିଟି ତରଫରୁ ଆଦର୍ଶ ଗିଗଲି ବାଇ ସ୍କୁଲରେ ହିନ୍ଦୀ ଦିବସ ପାଳିତ ହୋଇ ଯାଇଛି । କମିଟିର ସଭାପତି ବିଜୟ କୁମାର ରାମଙ୍କ ସଭାପତିତ୍ୱ ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶତାଧିକ ହିନ୍ଦୀ ଭାଷାଭାଷୀ ଏବଂ ଗିଗଲୀବାଇ ସ୍କୁଲର ପୁରାତନ ଛାତ୍ର ମାନେ ଉପସ୍ଥିତ ରହି ହିନ୍ଦୀର ଆନ୍ତର୍ଜାତିକ ଭୂମିକା ଉପରେ ଚର୍ଚ୍ଚା କରିଥିଲେ । ଛଠ ପୂଜା କମିଟିର ଉପସଭାପତି ଅବଧେଶ ମିଶ୍ର, ଚାମ୍ବର ଅଫ କମର୍ସର ବିଜୟ କୁମାର ଅଗ୍ରୱାଲ ଏବଂ ସୁନୀଲ ଚୌବେ, ବିହାରୀ ଏକତା ସଂଘ ସଭାପତି ଲାଲ ବାବୁ ସାଓ ଏବଂ ଭାଲ ଚନ୍ଦ୍ର ଶର୍ମା ମଂଚାସିନ ରହି ହିନ୍ଦୀର ଗୁରୁତ୍ୱ ଆଲୋକପାତ କରିଥିଲେ । ରମେଶ ସାହା, ମଦନ ରଜକ, କିଶୋର ରଜକ, ଅଶୋକ ବାଲ୍ମୀକି, ସଂଜୀବ ରାମ, ଫଂଟୁ ଲୋହାର, ସଂତୋସୀ କୁମାରୀ ରାମ, ବିନୋଦ ଦାସ, ଟିଂଗୁ ଅଗ୍ରୱାଲ, ସୁଜୀତ ସାଓ, ରାଜେଶ ରାମ, ରାଜେଶ ପ୍ରଜାପତି, ଦେବାଶିଷ ସାଓ, ସଂତୋସ ସିଂହ, ପ୍ରଦୀପ ରାମ, ସୁନୀଲ ସୁଲତାନିଆ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ସ୍କଟଲ୍ୟାଣ୍ଡ ଯୁବକଙ୍କ ପ୍ରେମରେ....

ସୁନା ଚେନ୍, ବ୍ରେସ୍ ଲେଟ୍, ଘଣ୍ଟା, ଜୋତା, ଲେଡିଜ୍ ବ୍ୟାଗ୍, ୨୦ ହଜାର ୟୁଏସ୍ ଡଲାର ପ୍ରଭୃତି ରହିଥିବାର ଭିଡ଼ିଓ ପଠାଇଥିଲା। ଏହି ଗିଫ୍ଟ ବାଇବା ନିମନ୍ତେ ୧୫ ହଜାର ଟଙ୍କା ଡେଲିଭରି ଚାର୍ଜ ଦେବାକୁ ପଡ଼ିବ ବୋଲି ସୂଚିତ କରିଥିଲା। ଯାହାକୁ ପାଇବା ପାଇଁ ଯୁବତୀ ଜଣକ ଚାହିଁ ବସିଥିବା ବେଳେ ଅଭିଯୁକ୍ତ ଜଣକ ନିଜକୁ ଡେଲିଭରି କମ୍ପାନୀରୁ ଫୋନ୍ କହୁଥିବା ଦର୍ଶାଇ ୧୫ ହଜାର ଟଙ୍କା ମାଗିଥିଲେ। ଏହା ପରେ ପୁଣି ଫୋନ୍ କରି କହିଥିଲେ ଯେ, ବିମାନ ବନ୍ଦରରେ ଏହି ଗିଫ୍ଟ ଜବତ କରାଯାଇଛି, ଏଥିନିମନ୍ତେ ୫୦ ହଜାର ଟଙ୍କା ଚାର୍ଜ ଦେବା ପରେ ମୁକୁଳିବ। ଏଭଳି ଭାବେ ବିଭିନ୍ନ ପ୍ରକାର ଚାର୍ଜ, ପୁଲିସ ପଦକ୍ଷେପ ସମ୍ପର୍କରେ ଡରାଇ ୮ଟି ପର୍ଯ୍ୟନ୍ତ ଲକ୍ଷେ, ୨ ଲକ୍ଷ, ୪ ଲକ୍ଷ ଏପରି ମୋଟ ୭ ଲକ୍ଷ ୯୫ ହଜାର ଟଙ୍କା ଯୁବତୀଙ୍କ ଠାରୁ ଲୁଟି ନେଇଥିଲେ। ପରେ ଯୁବତୀ ଜଣଙ୍କ ଠକାମିର ଶୀକାର ହୋଇଥି ଜାଣି ପାରିଥିଲେ ଏବଂ କଟକ ସାଇବର ଥାନାରେ ଏତଲା ଦେଇଛନ୍ତି। ତଦନ୍ତ ବେଳେ ସମସ୍ତ ଦେଣନେଣ ରାଜ୍ୟ ବାହାର ୨ ଭାରତୀୟ ବ୍ୟାଙ୍କର ୪ ଆକାଉଣ୍ଟ ଜରିଆରେ ହୋଇଥିବା ଜଣାପଡ଼ିଛି। ତେଣୁ ସମସ୍ତ ବ୍ୟାଙ୍କଗୁଡ଼ିକରୁ ତଥ୍ୟ ପାଇବା ନିମନ୍ତେ ସାଇବର ପୁଲିସ ପକ୍ଷରୁ ନୋଟିସ୍ ଜାରି କରାଯାଇଛି। ଅଭିଯୁକ୍ତମାନେ ଭାରତୀୟ ଓ ଦେଶ ଭିତରେ ଅଛନ୍ତି ୱାଲି ସାଇବର ଥାନା ଅଧିକାରୀ ସନ୍ଦେହ କରୁଛନ୍ତି। ଠକେଇ ପଛରେ ନାଇଜେରିଆନ ବା ଜାମତରା ଗ୍ୟାଙ୍ଗ ସମ୍ପୃକ୍ତି ସନ୍ଦେହ କରୁଛି ସାଇବର ସେଲ। ସେହିପରି ଦୁଇଦିନ ତଳେ କଟକର ଜଣେ ଆଇନଜୀବୀଙ୍କ ଠାରୁ ମଧ ଫେସ୍ ବୁକ୍ ଚାଟିଂ ଜରିଆରେ ୨ ଲକ୍ଷ ଟଙ୍କା ଠକେଇ ହୋଇଥିବା ଶ୍ରୀମତି ସ୍ୱାଇଁ କହିଛନ୍ତି। ଏତଲା ମୁତାବକ, ଦୁର୍ବୃତ୍ତମାନେ କଟକର ଜଣେ ବରିଷ୍ଠ ପୁଲିସ ଅଧିକାରୀଙ୍କ ନାମରେ ଫେକ୍ ଫେସ୍‌ବୁକ୍ ଆକାଉଣ୍ଟ ଖୋଲିବା ପରେ ଆଇନଜୀବୀଙ୍କ ନିକଟକୁ ଫ୍ରେଣ୍ଡ ରିକ୍ୱେଷ୍ଟ ପଠାଇଥିଲେ। ଆଇନଜୀବୀ ଜଣକ ଫ୍ରେଣ୍ଡ ରିକ୍ୱେଷ୍ଟ ଗ୍ରହଣ କରିବା ପରେ ପୁଲିସ ଅଧିକାରୀ ନାମଧାରୀ ଦୁର୍ବୃତ୍ତ ଚାଟିଂ କରିଥିଲା। ତାଙ୍କର ଆର୍ମିରେ ଥିବା ଜଣେ ସାଙ୍ଗ ପୁରୁଣା ଜିନିଷ ବିକ୍ରି କରିବାକୁ ଚାହୁଁଛନ୍ତି ବୋଲି ବାର୍ତ୍ତା ଦେଇଥିଲା। ବାର୍ତ୍ତା ପାଇବା ପାଇବା ପରେ ଆଇନଜୀବୀ ଜଣକ ଫେସବୁକ୍ ଜରିଆରେ ପାଇଥିବା ଫୋନ୍ ନମ୍ବରରେ ଜଣେ ବ୍ୟକ୍ତିଙ୍କ ସହ କଥା ହୋଇ ଜିନିଷ ପାଇବାକୁ ପ୍ରାୟ ୨ ଲକ୍ଷ ଟଙ୍କା ପଠାଇ ଦେଇଥିଲେ। ହେଲେ ଜିନିଷ ନ ପାଇବାରୁ ଆଇନଜୀବୀ ଜଣକ ସମ୍ପୃକ୍ତ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ଫୋନ୍ କରି ଚାଟିଂ ବାର୍ତ୍ତା ଦେବା ସମ୍ପର୍କରେ ପଚାରିଥିଲେ। ହେଲେ ଏଭଳି କୌଣସି ଚାଟିଂ କରି ନ ଥିବା ଉକ୍ତ ପୁଲିସ ଅଧିକାରୀ କହିବା ପରେ ଠକାମୀର ଶିକାର ହୋଇଥିବା ଓକିଲ ଜଣକ ଜାଣି ପାରିଥିଲେ। ଏହି ଓକିଲଙ୍କ ଏତଲା ଆଧାରରେ ସାଇବର ଥାନା ପୁଲିସ ତଦନ୍ତ କରୁଥିବା ସେ କହିଛନ୍ତି। କଟକ ସାଇବର ଥାନା ପୁଲିସ ଥାନା ପ୍ରତିଷ୍ଠା ଠାରୁ ଏ ପର୍ଯ୍ୟନ୍ତ ମୋଟ ୨୬ଟି ମାମଲା ଏତଲା ଆଧାରରେ କରିଥିବା ବେଳେ ୬ଟି ମାମଲାର ସମାଧାନ କରିପାରିଛି।

### ଭୁବନେଶ୍ୱର ବାଲିଯାତ୍ରା ପଡିଆରେ....

ଏ.ସାଲାରିଆ, ସ୍କ୍ୱାଡର୍ଣ୍ଣ ଲିଡର ପି.ଭରଦ୍ୱାଜ, ଉଇଙ୍ଗ କମାଣ୍ଡର ଏ.ଯାଦବ, ଗ୍ରୁପ୍ କ୍ୟାପଟେନ୍ ଜି.ଏସ୍.ଧିଲନ, ଉଇଙ୍ଗ କମାଣ୍ଡର ଆ଼.ବରଡୋଲୋଲ, ଉଇଙ୍ଗ କମାଣ୍ଡର ଏ.ଗାଓକର, ସ୍ୱାଡର୍ଣ୍ଣ ଲିଡର ଡି.ଗର୍ଗ, ସ୍ୱାଡର୍ଣ୍ଣ ଲିଡର ଏମ୍ ଭାଲା, ସ୍ୱାଡର୍ଣ୍ଣ ଲିଡର ଏ.ଗର୍ଗ,ସ୍କ୍ୱାଡର୍ଣ୍ଣ ଲିଡର ଏଚ୍.ସିଂ, ଉଇଙ୍ଗ କମାଣ୍ଡର ଏନ୍. ନେଗୀ, ସ୍କ୍ୱାଡର୍ଣ୍ଣ ଲିଡର ସୁଦରର୍ଶନ, ଉଇଂ କମାଣ୍ଡର ଏ.ପ୍ରସାଦ ,ସ୍କାଡର୍ଣ୍ଣ ଲିଡର ଏଚ୍, ଚନ୍ଦେଲ, ଉଇଙ୍ଗ କମାଣ୍ଡର ଏନ୍. ରାଇନା( ସିନିୟର ଟେକ୍ନିକାଲ ଅଫିସର) , ସ୍କ୍ୱାଡର୍ଣ୍ଣ ଲିଡର ଏସ୍. ଦୟାଲ(ଇଂଜିନିୟରିଂ ଅଫିସର), ଫ୍ଲାଇଟ୍ ଲେଫ୍ଟନାଂଟ ଆର୍ . ଗୁରୁଙ୍ଗ ପ୍ରମୁଖ ଆକାଶ ମାର୍ଗରେ ଏହି ଦୁଃସାହସିକ ଉଡାଣରେ ସାମିଲ ହୋଇଥିଲେ । ସୂର୍ଯ୍ୟକିରଣ ଟିମକୁ ଏୟାର ମାର୍ଶାଲ,ଏୟାର ଅଫିସର କମାଣ୍ଡିଂ, ଇଷ୍ଟର୍ଣ୍ଣ ଏୟାର କମାଣ୍ଡଦିଲ୍ଲୀପ କୁମାର ପଟ୍ଟନାୟକ,ଗ୍ରୁପ୍ କ୍ୟାପଟେନ୍ ଆ଼. ଏସ୍, ରାଓ୍ୱତ୍, ଉଇଙ୍ଗ କମାଣ୍ଡର ସୁନ୍ଦର, ଉଇଙ୍ଗ କମାଣ୍ଡର ଦତ ଏବଂ ସ୍କ୍ୱାଡର୍ଣ୍ଣ ଲିଡର ଗୋପାଳ ଆୟାର,ଫ୍ଲାଇଟ୍ ଲେଫ୍ଟନାଂଟ ତେଜପାଲ, ଫ୍ଲାଇଂ ଅଫିସର ସଞ୍ଜୟ କୁମାର ପ୍ରମୁଖ ଉପସ୍ଥିତ ରହି ଗତକାଲି ଉଡାଣ ଅଭ୍ୟାସ ଏବଂ ଆଜିର ଉଡାଣ କାର୍ଯ୍ୟ ପରିଚାଳନା କରିଥିଲେ । ଫ୍ଲାଇଟ୍ ଲେଫ୍ଟନାଂଟ ରିଧିମା ଭାରତୀୟ ସୂର୍ଯ୍ୟକିରଣ ଟିମ୍ ତରଫରୁ ବିମାନଗୁଡିକ ଆକାଶରେ ଚିତାକର୍ଷକ ଶୋ ପ୍ରଦର୍ଶନ କରୁଥିବା ସମୟରେ ଧାରା ବିବରଣୀ ପ୍ରଦାନ କରିଥିଲେ ।

### ମାଟିରେ ମିଶିଲା କିଶୋର....

ଦିଆଯାଉଛି। ଦୂରଦର୍ଶନ ଅଫିସ ନିକଟ ରାସ୍ତାକଡ଼ରେ ଜବରଦଖଲ ସହ ପରିବେଶ ନଷ୍ଟ ନେଇ ଅଂଚଳବାସୀଙ୍କ ଠାରୁ ପୂର୍ବରୁ ବହୁ ଅଭିଯୋଗ ଥିଲା। ଯେକେହି ନିୟମ ଖିଲାପ କଲେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କିଶୋର ଭାଇ ମଟନ ଦୋକାନକୁ ପୂର୍ବରୁ ନୋଟିସ ଦିଆଯାଇଥିଲା। କିନ୍ତୁ ଏହାର ମାଲିକା ଖିଲାପ କରିଥିଲେ। ଖାଦ୍ୟ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ଲ୍ୟାବକୁ ପଠାଯାଇଛି ବୋଲି ସେ କହିଛନ୍ତି। ଗତ କିଛି ଦିନ ଧରି ବିଏମ୍‌ସି ତରଫରୁ ବିଭିନ୍ନ ହୋଟେଲରେ ଚଢ଼ାଉ କରାଯାଇ ଖାଦ୍ୟର ମାନ ପରଖା ଯାଉଛି। ଗତ ବୁଧବାର ବିଏମ୍‌ସି ପକ୍ଷରୁ ଆଚାର୍ଯ୍ୟ ବିହାରସ୍ଥିତ ଦୂରଦର୍ଶନ କେନ୍ଦ୍ର ନିକଟରେ ଥିବା କିଶୋର ଭାଇନାଙ୍କ ମଟନ ହୋଟେଲ ଉପରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ କିଶୋର ଭାଇନାଙ୍କ ଫୁଡ ଲାଇସେନ୍ସ ନବୀକରଣ ହୋଇ ନ ଥିବା ଜଣାପଡ଼ିଥିଲା। ଏହାବାଦ ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତ ହେଉଥିବା ବେଳେ ଖାଦ୍ୟର ମାନ ନିମ୍ନମାନର ଥିଲା। ଖାଦ୍ୟରେ ନିମ୍ନମାନର ସସ୍ ଓ ରଙ୍ଗ ମଧ ମିଶାଯାଉଥିବା ଜଣାପଡ଼ିଲା। ଫଳରେ ବିଏମ୍‌ସି କିଶୋଇ ଭାଇନାଙ୍କ ହୋଟେଲକୁ ସିଲ୍ କରି ଫାଇନ୍ କଟାଯାଇଥିଲା। ଟ୍ରେଡ ଲାଇସେନ୍ସ ମଧ ରଦ୍ଦ କରାଯାଇଥିଲା। ତେବେ ଗୁରୁବାର ପୁଣି ଥରେ ସ୍ୱାଭାବିକ ଭାବେ ଦୋକାନ ଖୋଲିଥିଲେ କିଶୋର ଭାଇନା। ବିଭିନ୍ନ ଗଣମାଧ୍ୟମରେ ଏହା ପ୍ରସାରିତ ହେବା ପରେ ଲୋକେ ବିଏମ୍‌ସି କୁ ପ୍ରଶ୍ନ କରିଥିଲେ।

# ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ ପ୍ରସ୍ତୁତି



ଖଇରା,୧୬/୦୯ (ନି.ପ୍ର): ଖଇରା ବରିଷ୍ଠ ନାଗରିକ ମଞ୍ଚର ବାର୍ଷୀକ ଉତ୍ସବ ପ୍ରସ୍ତୁତି ବୈଠକ ଶୁକ୍ରବାର ଦିନ ବାଲେଶ୍ୱର ଜିଲା ଅଧୀନ ଖଇରା ଠାରେ ମଞ୍ଚର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଶରତ କୁମାର ବିଶ୍ୱାଳଙ୍କ ପୌରହିତ୍ୟରେ ଆୟୋଜିତ ବୈଠକର ପ୍ରାରମ୍ଭରେ ଦିବଂଗତ ଶିକ୍ଷକ କୈଳାସ ଚନ୍ଦ୍ର ଜେନା,ଖଇରା ବଜାର ବ୍ୟବସାୟୀ ସୁଦର୍ଶନ ବାରିକ ଓ ରାଣି ଏଲିଜାବେଥଙ୍କ ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା । ସାଧାରଣ ସମ୍ପାଦକ ମୁକ୍ତିକାନ୍ତ ଶତପଥି ବାର୍ଷୀକ ବିବରଣୀ ପାଠ କରିଥିଲେ। ଅକ୍ଟୋବର୧ତାରିଖ ବରିଷ୍ଠ ନାବରିକ ଦିବସରେ ମଞ୍ଚର ବାଷର୍ଢୀକୋତ୍ସବ ଶିକ୍ଷକ ସଂଘ ଭବନରେ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ମୁଖପତ୍ର ବର୍ଷଆନ ପ୍ରସ୍ତୁତି ସମ୍ପର୍କରେ ବସନ୍ତ କୁମାର ଖିଲାର ଆଲୋଚନା କରିଥିଲେ । କୋହିନୁର ହିରା ଭାରତକୁ ଫେରାଇ ଆଣିବାକୁ ଜଗନ୍ନାଥ ସେନା ଉଠାଇଥିବା ଦାବୀକୁ ମଞ୍ଚର ସଦସ୍ୟ ମାନେ ସମର୍ଥନ ଜଣାଇଥିଲେ ।ବୁଦ୍ଧିରାମ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ପୋଡାଡିହା ଗ୍ରାମରେ ବ୍ରହ୍ମଜଜ୍ଞ



ରୂପ୍ସା, ୧୬/୦୯ (ନି.ପ୍ର): ହାତିଆଡିହା ଯୋଗଶିକ୍ଷା କେନ୍ଦ୍ରର ସମ୍ପାଦକ ଯୋଗୀ ରାମଚନ୍ଦ୍ର ବେହେରା-ଯୋଗଶିକ୍ଷୟତ୍ରୀ ମଞ୍ଜୁଲତା ବେହେରାଙ୍କ ସୁପୁତ୍ର ମୁନି ଅଶୋକ ବେହେରା-ମୁନିମତୀ ମିନତୀ ବେହେରାଙ୍କ ଏକମାତ୍ର ସୁପୁତ୍ର ମୁନି କୁମାର ବିନୀତ କୁମାର ବେହେରାଙ୍କ ଅନ୍ନ ପ୍ରାସନ୍ନ ସଂସ୍କାର କାର୍ଯ୍ୟକ୍ରମ ଯଥାବିଧି, ଜିଲ୍ଲା ସମ୍ପାଦକ ମୁନି ସମାଜର ଜ୍ୟୋତି ଯୋଗୀ ଅନନ୍ତ ପ୍ରଧାନଙ୍କ ସଭାପତିତ୍ୱରେ, ତାଙ୍କ ପୋଡାଡିହାସ୍ଥିତ ବାସଭବନରେ ମହାସମାରୋହରେ ପାଳିତ ହୋଇଯାଇଛି । ଆଚାର୍ଯ୍ୟ ଆସନ ଅଳଙ୍କୃତ କରିଥିଲେ, ଆଶ୍ରମର କୋଷାଧକ୍ଷ ଯୋଗୀ ଭିକାରୀ ଚରଣ ମୁନି ମହୋଦୟ । ମୁଖ୍ୟ ବକ୍ତା ହିସାବରେ ଯୋଗଦାନ କରିଥିଲେ, ଜିଲ୍ଲା ପ୍ରଚାର ସଙ୍ଗଠନ ମନ୍ତ୍ରୀ ଯୋଗୀ ଚିତ୍ତରଞ୍ଜନ ମୁନି ମହୋଦୟ । ସମ୍ମାନୀତ ବକ୍ତା ହିସାବରେ ଯୋଗଦାନ କରିଥିଲେ, ଆଶ୍ରମର ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ମୁନି ମହୋଦୟ, ମୁନି ରାଜ ଅମୂଲ୍ୟ ମୁନୀଜୀ ମହୋଦୟ । ଉପସ୍ଥିତ ଥିଲେ ମୁନିରାଜ୍ଞୀ ବିମଳା ଲେଙ୍କା, ସୁସ୍ତୀ ଦଳାଇ ଇତ୍ୟାଦି ମୁନି-ମୁନିମତୀମାନେ । ଗର୍ଭାଧାନଠାରୁ ଅନ୍ତେଷ୍ଟି କ୍ରିୟା ପର୍ଯ୍ୟନ୍ତ ୧୬ ଟି ସଂସ୍କାର ଉପରେ ଆଲୋକପାତ କରାଯାଇ ଅନ୍ନପ୍ରାସନ୍ନ ସଂସ୍କାର ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ସମୂହ ପ୍ରଣବ, ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ କରାଯିବା ପରେ ସମୂହ ଆଶିର୍ବାଦ ପ୍ରଦାନ କରାଯାଇଥିଲା । ତାପରେ ସମସ୍ତେ ବିନୀତ ଙ୍କୁ ଅନ୍ନ ଭକ୍ଷଣ କରାଇଥିଲେ । ଏ ମୁନି ପରିବାରରେ ସମସ୍ତ ପ୍ରକାର ସଂସ୍କାର କାର୍ଯ୍ୟକ୍ରମ ମୁନିସମାଜ ମତରେ ସବୁଦିନେ ହୋଇଥାଏ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ ।ଶେଷରେ ମାତା ମିନତୀ ବେହେରା ସମସ୍ତଙ୍କୁ ଧନ୍ୟବାଦ ଦେଇ ଏକାମ୍ର ସ୍ୱାଦିଷ୍ଟ ବ୍ୟଞ୍ଜନରେ ଆପ୍ୟାୟିତ କରାଇଥିଲେ ।

## ୱାର୍ଲ୍ଡ ସ୍କିଲ ସେଂଟରରେ ୨ ଟି ନୂଆ ପାଠ୍ୟକ୍ରମରେ ନାମଲେଖା ଆରମ୍ଭ

ଭୁବନେଶ୍ୱର,୧୬/୦୯ (ନି.ପ୍ର): 'ବ୍ୟୁଟି ୱେଲନେସ୍ ଆଣ୍ଡ ସ୍ପା' ଏବଂ 'ହେୟାର ଫ୍ୟାସନ ଆଣ୍ଡ ଡିଜାଇନିଂ'ରେ ବୃତି ଆପଣେଇବାକୁ ଚାହୁଁଥିବା ଯୁବକଯୁବତୀ ୱାର୍ଲ୍ଡ ସ୍କିଲ ସେଂଟରରେ ତାଲିମ ନେଇପାରିବେ । ଏ ନେଇ ଚଳିତ ଶିକ୍ଷାବର୍ଷ ୨୦୨୨-୨୩ ନିମନ୍ତେ ପାଠ୍ୟକ୍ରମ ଆରମ୍ଭ କରାଯାଇଛି। ଏହି ମର୍ମରେ ସ୍କୁଲ ଅଫ ସର୍ଭିସେସ ଅଧୀନରେ 'ବ୍ୟୁଟି ୱେଲନେସ୍ ଆଣ୍ଡ ସ୍ପା' ଏବଂ 'ହେୟାର ଫ୍ୟାସନ ଆଣ୍ଡ ଡିଜାଇନିଂ' ଭଳି ଦୁଇଟି ଦୀର୍ଘ ମିଆଦି ପାଠ୍ୟକ୍ରମର ପ୍ରଶିକ୍ଷଣ ନିମନ୍ତେ ନାମଲେଖା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସ୍କୁଲ ଅଫ ସର୍ଭିସେସର ନିର୍ଦ୍ଦେଶିକା ସୁଗୁଣା ଶ୍ରୀନିବାସନ କହିଛନ୍ତି ଯେ ପ୍ରତ୍ୟେକ ପାଠ୍ୟକ୍ରମର ଅବଧି ଏକ ବର୍ଷ ରହିବ। ଯୁକ୍ତ ଦୁଇ କିମ୍ବା ଯେକୌଣସି ବିଷୟରେ ଡିପ୍ଲୋମା ଉତୀର୍ଣ୍ଣ କରିଥିବା ଛାତ୍ରଛାତ୍ରୀ ଏଥି ନିମନ୍ତେ ଆବେଦନ କରିପାରିବେ। ଏଥିପାଇଁ ପ୍ରାର୍ଥୀଙ୍କ ବୟସ ସତରରୁ ତିରିଶ ବର୍ଷ ଭିତରେ ହୋଇଥିବା ଆବଶ୍ୟକ । ଏହି ପାଠ୍ୟକ୍ରମରେ ନାମ ଲେଖା ପାଇଁ ପ୍ରାର୍ଥୀଙ୍କୁ ମାତ୍ର ପାଂଚ ହଜାର ଟଙ୍କା ଦେବାକୁ ପଡ଼ିବ । ପ୍ରାର୍ଥୀମାନଙ୍କୁ ବିଭିନ୍ନ ପାଠ୍ୟ ଉପକରଣ ଯୋଗାଇଦେବା ସହିତ ସେମାନଙ୍କର ଖାଇବା ଓ ରହିବା ତଥା କେନ୍ଦ୍ରକୁ ଯାତାୟତ ବାବଦରେ ସମସ୍ତ ସୁବିଧା ମାଗଣାରେ ଉପଲବ୍ଧ ହେବ । ଆଗ୍ରହୀ ପ୍ରାର୍ଥୀମାନେ www.worldskillcenter.org/admissions ୱେବ୍‌ସାଇଟ୍ ଜରିଆରେ ନାମ ଲେଖା ବାବଦରେ ଅଧିକ ସୂଚନା ପାଇପାରିବେ । ୱାର୍ଲ୍ଡ ସ୍କିଲ ସେଂଟରରେ ପ୍ରଶିକ୍ଷାର୍ଥୀଙ୍କର ସୁବିଧା ପାଇଁ ଅତ୍ୟାଧୁନିକ ପ୍ରୟୋଗଶାଳା, ଶ୍ରେଣୀଗୃହ, ପାଠ୍ୟକ୍ରମ ଏବଂ ଉନ୍ନତମାନର ଉପକରଣ ରହିଛି। ଏହି ପାଠ୍ୟକ୍ରମକୁ ସିଙ୍ଗାପୁର ଆଇଟିଇଏସ ସଂସ୍ଥା ଢାଂଚାରେ ପ୍ରସ୍ତୁତ କରାଯାଇଛି । ଏଠାରେ କାର୍ଯ୍ୟରତ ପ୍ରଶିକ୍ଷକ ସିଙ୍ଗାପୁରର ଆଧୁନିକ ଶିକ୍ଷା କୌଶଳରେ ତାଲିମପ୍ରାପ୍ତ ବୋଲି ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା କହିଛନ୍ତି। ଓଡ଼ିଶାର ଶିକ୍ଷିତ ଯୁବକଯୁବତୀମାନଙ୍କୁ ଅନ୍ତର୍ଜାତୀୟ ମାନର ତାଲିମ ପ୍ରଦାନ ସହ ଆଗାମୀ ଦିନରେ ବିଶ୍ୱସ୍ତରୀୟ ପ୍ରଫେସନାଲ୍ ଭାବେ ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖି ଏହି ପାଠ୍ୟକ୍ରମ ଆରମ୍ଭ କରାଯାଇଛି।

## ଜଳେଶ୍ୱରରେ ସାରର ଘୋର ଅଭାବ : ପଶ୍ଚିମବଂଗର ନକଲି କୀଟନାଶକ ବହୁଳ ବିକ୍ରି



ଜଳେଶ୍ୱର, ୧୬/୦୯ (ନି.ପ୍ର): ଜଳେଶ୍ୱରରେ ଚଳିତବର୍ଷ ସାରର ଅଭାବ ଦେଖାଦେଇଥିବା ବେଳେ ପଶ୍ଚିମବଂଗର କୀଟନାସକ ବହୁଳଭାବେ ବିକ୍ରି ହେଉଥିବା ଦେଖିବାକୁ ମିଳିଛି । ଫଳରେ ଚାଷୀମାନେ କ୍ଷତିର ସମ୍ମୁଖୀନ ହେଉଛନ୍ତି । ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି । ଜଳେଶ୍ୱର ଏକ ଉପାନ୍ତ ଅଂଚଳ । ଜଳେଶ୍ୱରର ୮୨ଟି ଗାଁ ସହିତ ପଶ୍ଚିମବଂଗର ୯୦ଟି ଗାଁ ଲଗାଲଗି ହୋଇ ରହିଛି । ଫଳରେ ଜଳେଶ୍ୱର ସହିତ ଦାନ୍ତୁନ, ମୋହନପୁର, ନୟାଗ୍ରାମ ସହିତ ସିଧାସଳଖ ଜିନିଷପତ୍ର, ସାର, କୀଟନାସକର ଆଦାନପ୍ରଦାନ ହୋଇଥାଏ । ଚଳିତବର୍ଷ ଜଳେଶ୍ୱରର ୨୯୩୧୬ଜଣ କୃଷକ ପରିବାର ୧୯୯୯୦ ହେକ୍ଟର ଜମିରେ ଧାନ ରୁଆପୋତା କରିଛନ୍ତି । ଏହା ବ୍ୟତିତ ୩୩୨୧ ହେକ୍ଟର ଜମିରେ ଅଣଧାନ ଚାଷ ମଧ୍ୟ ହୋଇଛି । ଚଳିତବର୍ଷ ବିଳମ୍ବରେ ବୃଷ୍ଟିପାତ ହୋଇଥିଲେ ମଧ୍ୟ ଅଦ୍ୟାବଧି ୩୫୫ ମ୍ୟାଟ୍ରିକ ଟନ୍ ୟୁରିଆ, ୬୬୯ ମ୍ୟାଟ୍ରିକ ଟନ୍ ଡିଏପି, ୭୮୩ ମ୍ୟାଟ୍ରିକ ଟନ୍ ପଟାସ ଓ ୫୧ ମ୍ୟାଟ୍ରିକ ଟନ୍ ସୁପର ସାରର ବ୍ୟବହାର ହୋଇଛି । କିନ୍ତୁ ଏ ସବୁ ସାର ଜଳେଶ୍ୱର ପ୍ରତି ଯଥେଷ୍ଟ ନୁହେଁ । ଫଳରେ ଜଳେଶ୍ୱର ଅଂଚଳରେ ସାରର ଅଭାବ ଦେଖା ଦେଇଛି । ସେହିପରି ୟୁରିଆ ୪୫କି.ଗ୍ରା ବ୍ୟାଗ୍‌ର ମୂଲ୍ୟ ୨୬୬ଟଙ୍କା ୫୦ ପ., ଡିଏପି ୫୦ କି.ଗ୍ରା ବସ୍ତାର ମୂଲ୍ୟ ୧୩୫୦ଟଙ୍କା, ପଟାସ୍ ବସ୍ତାର ମୂଲ୍ୟ ୧୭୦୦ଟଙ୍କା ଓ ସୁପର ବସ୍ତାର ମୂଲ୍ୟ ୬୫୦ଟଙ୍କା ଥିବା ବେଳେ କେତେକ ଦୋକାନରେ ବସ୍ତାପ୍ରତି ୫୦ରୁ ୧୦୦ଟଙ୍କା ଅଧିକ ମୂଲ୍ୟରେ ବିକ୍ରି ହେଉଛି । ଜଳେଶ୍ୱରରେ ୧୮ଟି ସେବା ସମବାୟ ସମିତି ଓ ୧୦୮ଟି ସ୍ୱିକୃତୀପ୍ରାପ୍ତ ଦୋକାନୀକୁ ଇଫ୍‌କୋ, ଆଗ୍ରୋଇଣ୍ଡାଷ୍ଟ୍ରୀ, ମାର୍କଫେଡ କମ୍ପାନୀ ପକ୍ଷରୁ ସାର ଯୋଗାଇ ଦିଆଯାଉଛି । ଅନ୍ୟପକ୍ଷରେ ପଶ୍ଚିମବଂଗରୁ ବିଭିନ୍ନ କୀଟନାସକ ଜଳେଶ୍ୱର ଅଂଚଳରେ ବିକ୍ରି ହେଉଥିବା ଲକ୍ଷ୍ୟ କରାଯାଇଛି । କୀଟନାସକର ଉପଯୋଗୀତା ନେଇ ବିଭିନ୍ନ ସ୍ଥାନରେ ସନ୍ଦେହ ପ୍ରକାଶ ପାଇଛି । ଏହାକୁ ବ୍ୟବହାର କରି ଚାଷୀମାନେ ଠକାମୀର ଶୀକାର ହେଉଛନ୍ତି । ଏଭଳି ନକଲି କୀଟନାସକ ବିକ୍ରିକୁ ରୋକ ଲଗାଇବା ଲାଗି କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି ହୋଇଛି ।

## ରାଜଧାନୀରେ ୩୪ କରୋନା ପଜିଟିଭ୍ ଚିହ୍ନଟ

୧୬/୦୯ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଂଚଳରୁ ଶୁକ୍ରବାର ମୋଟ ୩୪ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ହୋଇଥିବା ବିଏମ୍‌ସି ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି । ଅପରପକ୍ଷରେ ୨୪ ଘଂଟାରେ ଆଉ ୫୯ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଭୁବନେଶ୍ୱରରେ ଏବେ ସୁଦ୍ଧା ୧ ଲକ୍ଷ ୬୫ ହଜାର ୪୭୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରୁ ୧ ଲକ୍ଷ ୬୩ ହଜାର ୫୬୭ ଜଣ ସୁସ୍ଥ ହୋଇଛନ୍ତି। ମୋଟ ୧୧୯୮ ଜଣ କୋଭିଡ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବା ବେଳେ ୬୯୩ ଜଣ ସକ୍ରିୟ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି । ଗତକାଲି ଭୁବନେଶ୍ୱରରେ ୪୯ ପଜିଟିଭ୍ ଚିହ୍ନଟ ହୋଇଥିଲେ ।

## ଦେଓ ଜଳସେଚନ ପ୍ରକଳ୍ପର ଷଷ୍ଠ ଆରପିଡିଏସି ବୈଠକ




ବାରିପଦା, ୧୬/୦୯ (ନି.ପ୍ର): ଦେଓ ଜଳସେଚନ ପ୍ରକଳ୍ପର ଷଷ୍ଠ ଆରପିଡିଏସି (ଥଇଥାନ ଓ ପାରିପାର୍ଶ୍ୱିକ ଉନ୍ନୟନ ପରାମର୍ଶ ଦାତା କମିଟି) ବୈଠକ ତା ୧୪-୦୯-୨୦୨୨ରିଖ ଅପରାହ୍ନରେ ବାରିପଦା ପ୍ରୟାସ ସମ୍ମିଳନୀ କକ୍ଷରେ କେନ୍ଦ୍ରାଂଚଳ ରାଜସ୍ୱ କମିଶନର ଡ. ସୁରେଶ ଚନ୍ଦ୍ର ଦଳାଇ, ଭା.ପ୍ର.ସେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ମନ୍ତ୍ରୀ ତଥା ବାଙ୍ଗିରିପୋଷି ବିଧାୟକ ଶ୍ରୀ ସୁଦାମ ମାର୍ଣ୍ଡି, ମୋରଡା ବିଧାୟକ ଶ୍ରୀ ରାଜ କିଶୋର ଦାସ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଭାରତୀ ହାଁସଦାଃ, ମୟୂରଭଞ୍ଜ ଜିଲ୍ଲାପାଳ, ଶ୍ରୀ ବିନୀତ ଭରଦ୍ୱାଜ, ଭା.ପ୍ର.ସେ, ମୟୂରଭଞ୍ଜ ଆରକ୍ଷୀ ଅଧିକ୍ଷକ, ଶ୍ରୀ ଋଷିକେଶ ଦ୍ୟାନଦେଓ ଖିଲାରୀ, ଭା.ପୁ.ସେ, ଜଳସମ୍ପଦ ବିଭାଗ (ଆରଏଣ୍ଡଆର)ନିର୍ଦ୍ଦେଶକ ଶ୍ରୀ ଆଲୋକ କର, ବାରିପଦା ଉପଜିଲ୍ଲାପାଳ ଅନ୍ୟା ଦାସ, ଭା.ପ୍ର.ସେ ପ୍ରମୁଖ ସମେତ ତିନ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ରୁଦ୍ର ନାରାୟଣ ମହାନ୍ତି, ଶ୍ରୀ ସୂଚାରୁ ବଳ (ରାଜସ୍ୱ) ଓ ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ହେମନ୍ତ କୁମାର ସିଂ, ଉପଜିଲ୍ଲାପାଳ ରାଇରଙ୍ଗପୁର ଶ୍ରୀ ସରୋଜ କୁମାର ଦାଶ, କରଞ୍ଜିଆ ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦ, ସମ୍ପୃକ୍ତ ବିଭାଗ ଅଧିକାରୀ ଏବଂ ବିସ୍ଥାପିତ ତଥା ବୁଡି ଅଂଚଳର ଜନ ପ୍ରତିନିଧିମାନେ ଯୋଗଦେଇ ଦେଓ ମଧ୍ୟମ ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ରମ ଅନ୍ତର୍ଗତ ବିସ୍ଥାପିତ ଅଂଚଳର ପୁନର୍ବାସ / ଥଇଥାନ ଓ ପାରିପାର୍ଶ୍ୱିକ ବିକାଶ ଆଦି ବିଭିନ୍ନ ଦିଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ବୈଠକ ପ୍ରାରମ୍ଭରେ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ. ବାଦଲ କୁମାର ସାହୁ ସମସ୍ତଙ୍କୁ ସ୍ୱାଗତ ଜଣାଇ ପ୍ରକଳ୍ପ କାର୍ଯ୍ୟସୂଚୀ ଉପସ୍ଥାପନ କରିଥିଲେ । ଆଲୋଚନାରେ ମୁଖ୍ୟତଃ ଦେଓ ଜଳସେଚନ ପ୍ରକଳ୍ପ ଅଂଚଳର ବିସ୍ଥାପିତ ଲୋକମାନଙ୍କର ଥଇଥାନ ସମ୍ପର୍କିତ ଥିବା ବିଭିନ୍ନ ସମସ୍ୟା ମଧ୍ୟରେ ରହିଯାଇଥିବା ବିସ୍ଥାପିତ ପରିବାରକୁ ନିୟମାନୁଯାୟୀ ଅନୁକମ୍ପା ସହାୟତା ପ୍ରଦାନ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏଥିରେ ବିଶେଷକରି ୫୯ଟି ବିସ୍ଥାପିତ ପରିବାରଙ୍କ ମଞ୍ଜୁରୀ ହେବା ସହ ୧୬ଟି ବିସ୍ଥାପିତ ପରିବାରଙ୍କ ଥଇଥାନ ରାଶି ଓ ୫୩ଟି ପ୍ରକଳ୍ପରେ ଜମି ହରାଇ ଥିବା ଆଂଶିକ ବୁଡି ଅଂଚଳ ଗ୍ରାମର ଲୋକଙ୍କୁ ପ୍ରକଳ୍ପ ପ୍ରଭାବିତ ବ୍ୟକ୍ତି ହିସାବରେ ମଞ୍ଜୁର ପାଇଁ ନିଷ୍ପତି ନିଆଯାଇଥିଲା। ଏଥିସହିତ ୨୬୨ ବିସ୍ଥାପିତ ଲୋକଙ୍କୁ ବକେୟା ଥଇଥାନ ରାଶି ଦେବାପାଇଁ ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ପୁନର୍ବାସ ଓ ଥଇଥାନ ବ୍ୟବସ୍ଥାରେ ବିଦ୍ୟାଳୟ, ରାସ୍ତାଘାଟ, ଅଙ୍ଗନୱାଡି କେନ୍ଦ୍ର, ଆଲୋକ ବ୍ୟବସ୍ଥା, ଜାହିରା ପୀଠସ୍ଥଳୀ ଆଦି ଆନୁସଙ୍ଗିକ ବିକାଶ କରିବା ପାଇଁ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ବିହିତ ପଦକ୍ଷେପ ଗ୍ରହଣ କରାଯିବା ଦିଗରେ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ପ୍ରଶାସନ, ସମ୍ପୃକ୍ତ ବିଭାଗ ଓ ଜନ ପ୍ରତିନିଧିଙ୍କ ସହଯୋଗରେ ବିହିତ ପଦକ୍ଷେପ ଗ୍ରହଣ ପୂର୍ବକ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ରାଜସ୍ୱ କମିଶନର ଡ. ଦଳାଇ ନିର୍ଦ୍ଦେଶ ଦେଇଥିଲେ।

## 'ୟୁଥ ଫର ଡେଭେଲୋପମେଣ୍ଟ'ପକ୍ଷରୁ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର



ବାଲେଶ୍ୱର,୧୬/୦୯ (ନି.ପ୍ର): ସ୍ୱେଚ୍ଛାସେବୀ ସଂଗଠନ 'ୟୁଥ ଫର ଡେଭେଲୋପମେଣ୍ଟ' ପକ୍ଷରୁ ଏକ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ତପସି ଗ୍ରାମର ହରିହାଟ ମଣ୍ଡପରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶ୍ରୀରାମ ହସପିଟାଲର ଚକ୍ଷୁ ବିଶେଷଜ୍ଞଙ୍କ ଦ୍ୱାରା ତପସି ତଥା ଆଖପାଖ ଅଞ୍ଚଳର ଲୋକଙ୍କର ଏଥିରେ ଚକ୍ଷୁ ପରୀକ୍ଷା କରାଯାଇଛି। ଚକ୍ଷୁ ପରୀକ୍ଷା ସାଙ୍ଗକୁ ଲୋକଙ୍କ ଡାଇବେଟିସ ପରୀକ୍ଷା ମଧ୍ୟ କରାଯାଇଥିଲା। ଶିବିରରେ ମୋତିବିନ୍ଦୁ ଚିହ୍ନଟ ବ୍ୟକ୍ତିଙ୍କର ନିକଟ ଭବିଷ୍ୟତରେ ମାଗଣାରେ ଅପରେସନ ହେବ ବୋଲି ସଙ୍ଗଠନର ସଭାପତି ବିକ୍ରମ ବିଶ୍ୱାଳ ସୂଚନା ଦେଇଛନ୍ତି। ଉପ-ସଭାପତି ଚନ୍ଦନ ମଲିକ, ସମ୍ପାଦକ ରାମଚନ୍ଦ୍ର ମହାର୍ଣ୍ଣା, ହରିଶଙ୍କର ମାଝୀ, ରାକେଶ ଦାସ, ବିଜୟ ପାତ୍ର, ବିଜୟ ବେହେରା, କାର୍ତ୍ତିକ ଚନ୍ଦ୍ର ଦାସ ପ୍ରମୁଖ 'ୟୁଥ ଫର ଡେଭେଲୋପମେଣ୍ଟ' ର କର୍ମକର୍ତ୍ତା ଓ ସଦସ୍ୟଙ୍କ ସମେତ ସ୍ଥାନୀୟ ଗ୍ରାମବାସୀମାନେ ଶିବିର ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

## ବୁଣାକାରମାନଙ୍କ ନିମନ୍ତେ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୬/୦୯ (ନି.ପ୍ର): ଓଡ଼ିଶାର ୭୩ଟି ହସ୍ତତନ୍ତ କ୍ଲଷ୍ଟରର ୭୩୦ ଜଣ ମାଷ୍ଟର ବୁଣାକାର/ ପୁରସ୍କାର ପ୍ରାପ୍ତ ବୁଣାକାର/ ଉଦ୍ୟୋଗୀ ବୁଣାକାର/ କାରିଗରଙ୍କୁ ଆତିଥ୍ୟ ଏବଂ ପର୍ଯ୍ୟଟନ ପରିଚାଳନା ଉପରେ ସ୍ୱଳ୍ପ ଦକ୍ଷତା ବିକାଶ ଉପରେ ତାଲିମ ପ୍ରଦାନ କରାଯିବ। ଏହି ଦୃଷ୍ଟିରୁ କଟକ ହସ୍ତତନ୍ତ ଅଂଚଳର ବୁଣାକାରମାନଙ୍କ ପାଇଁ ଏକ ତାଲିମ କାର୍ଯ୍ୟକ୍ରମ ସେପ୍ଟେମ୍ବର ୧୫ ଏବଂ ୧୬ ତାରିଖରେ ଡେପୁଟି ଡାଇରେକ୍ଟର ଟେକ୍ସଟାଇଲସ, କଟକଙ୍କ ଦ୍ୱାରା ଆୟୋଜିତ ହୋଇଛି । ଏହି କାର୍ଯ୍ୟକ୍ରମ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟୁରିଜିମ୍ ଆଣ୍ଡ ଟ୍ରାଭେଲ୍ ମ୍ୟାନେଜମେଂଟ, ଭୁବନେଶ୍ୱରଙ୍କ ଦ୍ୱାରା ପରିଚାଳିତ ଏବଂ ରାଜ୍ୟ ହସ୍ତତନ୍ତ ପୁଞ୍ଜି ବିକାଶ ଅନୁଷ୍ଠାନଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିଲା। ଏହି ଦୁଇଦିନିଆ ତାଲିମ କାର୍ଯ୍ୟକ୍ରମରେ ଯାଜପୁର, କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର ଜିଲ୍ଲାର ୮୦ ଜଣ ବୁଣାକାରଙ୍କୁ ତାଲିମ ପ୍ରଦାନ କରାଯାଇଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ବୟନଶିଳ୍ପ ଉପନିର୍ଦ୍ଦେଶକ ଆଶୁତୋଷ ମହାନ୍ତି, ଏସ୍‌ଏଡିଏଚ୍‌ଏସି ସିଇଓ ଦିଲୀପ ବାଗ, ଡକ୍ଟର ବି.ସ୍ୱାଜନ ସହକାରୀ ପ୍ରଫେସର, ଭାବତୋଷ ଦେହୁରି, ଦେବ ଘଡାଇ, ଏବଂ ପ୍ରକାଶ ଚନ୍ଦ୍ର ପାତ୍ର ଉଦଘାଟନ କରିଥିଲେ। ଏହି ତାଲିମ ପର୍ଯ୍ୟଟକଙ୍କୁ ମୂଲ୍ୟବାନ ସୂଚନା ଆଦାନପ୍ରଦାନ କରିବା ସହିତ ପର୍ଯ୍ୟଟକଙ୍କୁ ଗୁଣାତ୍ମକ ସେବା ପ୍ରଦାନ କରିବାକୁ ସକ୍ଷମ ଏବଂ ସଶକ୍ତ କରିବ।

## ପୂର୍ବତନ ବିଧାୟକଙ୍କୁ ଅଶ୍ରୁଳ ବିଦାୟ




ବାଲେଶ୍ୱର,୧୬/୦୯ (ନି.ପ୍ର): ପୂର୍ବତନ ବିଧାୟକ ଗୋପନାରାୟଣ ଦାସଙ୍କ ଶେଷକୃତ୍ୟ ଶୋକାକୁଳ ପରିବେଶ ମଧ୍ୟରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଗୋପାଳଗାଁ ବାସଭବନରୁ ତାଙ୍କର ପାର୍ଥିବ ଶରୀରକୁ ଏକ ବିଶାଳ ଶୋଭାଯାତ୍ରରେ ସହରର ବିଭିନ୍ନ ସ୍ଥାନକୁ ନେଇ ଶେଷ ସମ୍ମାନ ପ୍ରଦର୍ଶନ କରାଯାଇଥିଲା । ସାବିତ୍ରି ନୋଡାଲ ସ୍କୁଲ, ବାଲେଶ୍ୱର ମହିଳା କଲେଜ, କଚେରୀ ହତା, ମାର୍ଚେଣ୍ଟ କୋ-ଅପରେଟିଭ ବ୍ୟାଙ୍କ ଓ ଫକୀର ମୋହନ କଲେଜ ପରେ ଏହି ଶୋଭାଯାତ୍ରା ଜିଲା କଗ୍ରେସ କାର୍ଯ୍ୟାଳୟରେ ପହଞ୍ଚିଥିଲା । ସବୁଠି ତାଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା । ଗୋପ ବାବୁଙ୍କ ସହଯୋଗୀ, ସମର୍ଥକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଶୋଭାଯାତ୍ରା ସହର ପରିକ୍ରମା ବେଳେ ରାସ୍ତାର ଦୁଇପାର୍ଶ୍ୱରେ ହଜାର ହଜାର ଲୋକେ ଶେଷ ସମ୍ମାନ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ବାଲିଘାଟରେ ଶୋକାକୁଳ ପରିବେଶରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ତାଙ୍କ ଜ୍ୟେଷ୍ଠପୁତ୍ର ବିଭୂପଦ ଦାସ ମୁଖାଗ୍ନି ଦେଇଥିଲେ ।

## ଚାଷୀ ଏକତା ମଞ୍ଚ ପକ୍ଷରୁ ଗୋପବାବୁଙ୍କୁ ଶ୍ରଦ୍ଧାଞ୍ଜଳି

ବାଲେଶ୍ୱର,୧୬/୦୯ (ନି.ପ୍ର): ପୂର୍ବତନ ବିଧାୟକ ଗୋପନାରାୟଣ ଦାସଙ୍କ ବିୟୋଗରେ 'ଚାଷୀ ଏକତା ମଞ୍ଚ' ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସଭାପତି ଅରୁଣ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଗଠନର ଉପ-ସଭାପତି କମଳାକାନ୍ତ ନାୟକ, ଉପଦେଷ୍ଟା ଆଇନଜୀବୀ ପୁରୁଷୋତ୍ତମ ବିଶ୍ୱାଳ, ସମ୍ପାଦକ ତୁଷାର ମହାପାତ୍ର, ଜୋନ ସଭାପତି ପ୍ରଦୀପ ଦାସ, ରଞ୍ଜନ ପରିଡ଼ା, ଶରତ ନାୟକ, ସୁରଜିତ୍ ପୋଥାଳ ଓ ସୁକାନ୍ତ ଜେନା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାସଙ୍କ ଜୀବନାଦର୍ଶ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ତାଙ୍କର ବିୟୋଗ ବାଲେଶ୍ୱର ଜିଲା ପାଇଁ ଅପୂରଣୀୟ କ୍ଷତି ବୋଲି ସେମାନେ କହିଥିଲେ। ତାଙ୍କର ଫଟୋଚିତ୍ରରେ ପୁଷ୍ପ ଅର୍ପଣ ସହ ନିରବ ପ୍ରାର୍ଥନା କରି ସମସ୍ତେ ଦିବଂଗତ ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ଗୋପବାବୁଙ୍କ ବିୟୋଗରେ ଫ୍ୟୁଚର ବାଲେଶ୍ୱରର ଶୋକସଭା




ବାଲେଶ୍ୱର,୧୬/୦୯ (ନି.ପ୍ର): ପୂର୍ବତନ ବିଧାୟକ ଗୋପନାରାୟଣ ଦାସଙ୍କ ବିୟୋଗରେ 'ଫ୍ୟୁଚର ବାଲେଶ୍ୱର' ପକ୍ଷରୁ ଏକ ଶୋକସଭା ଆତିଥ୍ୟ ସଭାଗୃହରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଂଗଠନର ସଭାପତି ବରିଷ୍ଠ ଆଇନଜୀବୀ ବିଜୟ କୁମାର ପାଣିଗ୍ରାହୀ ଏଥରେ ସଂଯୋଜନା କରିବା ସହିତ ସ୍ୱର୍ଗତ ଦାସଙ୍କ ସେବାମୂଳକ କାର୍ଯ୍ୟଧାରା ଓ ଲୋକପ୍ରିୟତା ସମ୍ପର୍କରେ ସୂଚନା ଦେଇଥିଲେ। ବାଲେଶ୍ୱର ମାଟିରେ ଜଣେ ସୁଯୋଗ୍ୟ ପୁଅ ଭାବେ ତାଙ୍କ ସ୍ମୃତି ଉଜ୍ଜୀବିତ ରଖିବା ପାଇଁ ସହରର କୌଣସି ରାସ୍ତା ସ୍ୱର୍ଗତ ଦାସଙ୍କ ନାମରେ ନାମକରଣ ସହ ପ୍ରତିମୂର୍ତି ପ୍ରତିଷ୍ଠା ପାଇଁ ସେ ପ୍ରସ୍ତାବ ଦେଇଥିଲେ। ଡ.ରାଧାରଂଜନ ପଟ୍ଟନାୟକ, ଶ୍ରଦ୍ଧାଞ୍ଜଳି ରାୟ, ଗୌରାଙ୍ଗ ପାଣିଗ୍ରାହୀ, ଯଶୋଧାରା ଦାସ, ସତ୍ୟଜିତ ମିଶ୍ର, ପ୍ରତିମା ପଣ୍ଡା, ସଂଯୁକ୍ତାରାଣୀ ବେହେରା, ରଂଜନ ପାଣିଗ୍ରାହୀ, ଗୋପାଳ ଚନ୍ଦ୍ର ନାୟକ, ସୌମ୍ୟରଂଜନ ପାତ୍ର, ଦୀପକ କୁମାର ମଲିକ, ଲକ୍ଷ୍ମୀକାନ୍ତ ବେହେରା, ରମେଶ ଚନ୍ଦ୍ର ଜେନା, ବିଚିତ୍ରାନନ୍ଦ ଦାସ, ଯୋଗେଶ ଚନ୍ଦ୍ର ପ୍ରଧାନ, ଅକ୍ଷୟ କୁମାର ତ୍ରିପାଠୀ, କାର୍ତିକ ଚନ୍ଦ୍ର ଘୋଷ, ଅଭିମନ୍ୟୁ କାନୁନଗୋ, ପ୍ରସନ୍ନ ପାତ୍ର ପ୍ରମୁଖ ଏଥିରେ ଯୋଗଦେଇ ସ୍ୱର୍ଗତ ଦାସଙ୍କ ଜୀବନାଦର୍ଶ ଓ ସମାଜସେବା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ଦାସଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ ଓ ନିରବ ପ୍ରାର୍ଥନା ସହ ଦିବଂଗତ ଆତ୍ମା ପ୍ରତି ସମସ୍ତେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଜାମୁଡ଼ିହାରେ ନାମ ଲେଖାରେ ଅନିୟମିତତା ଅଭିଯୋଗ

ନୀଳଗିରି, ୧୬/୦୯ (ନି.ପ୍ର): ଗ୍ରାମାଂଚଳରେ ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଏବଂ ଏହାର ସୁଦୂର ପ୍ରସାରୀ ଯୋଜନାକୁ ଚରିତାର୍ଥ କରିବା ପାଇଁ ଆଦର୍ଶ ବିଦ୍ୟାଳୟ ଭଳି ଜନାଭିମୁଖୀ ବିଦ୍ୟାଳୟ ପ୍ରତି ବ୍ଲକ ସ୍ତରରେ ସ୍ଥାପନ କରାଯାଇଛି । ସରକାରଙ୍କ ଗାଇଡ୍ ଲାଇନ ଅନୁଯାଇ ସ୍ଥାପିତ ବିଦ୍ୟାଳୟରେ ଉକ୍ତ ବ୍ଲକରେ ଛାତ୍ରଛାତ୍ରୀ ନାମ ଲେଖାଇବା ପାଇଁ ଯୋଗ୍ୟ ହୋଇଥିବା ବେଳେ ବାଲେଶ୍ୱର ନୀଳଗିରି ବ୍ଲକ ଜାମୁଡ଼ିହା ଆଦର୍ଶ ବିଦ୍ୟାଳୟରେ ନାମ ଲେଖାରେ ଅନୀୟମିତତା ହୋଇଥିବା ନେଇ ଅଭିଯୋଗ ହୋଇଥିଲା । ଉକ୍ତ ବ୍ଲକର ଛାତ୍ରଛାତ୍ରୀ ବିଦ୍ୟାଳୟର ଏଡ଼ମିଶନ ହୋଇ ପାରି ନ ଥିବା ବେଳେ ଔପଦା ବ୍ଲକର ଜଣେ ଛାତ୍ରଙ୍କୁ ଉକ୍ତ ବିଦ୍ୟାଳୟରେ ନାମ ଲେଖା ଯାଇଥିବା ନେଇ କର୍ତ୍ତୃପକ୍ଷ ଉପରେ ଦୋଷାରୋପ କରି ବ୍ଲକର ବହୁ ଅଭିଭାବକ ଏବଂ ସମାଜସେବୀ ଅଭିଯୋଗ କରିଥିବା ବେଳେ ଏ ନେଇ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ପଚାରିବାରୁ ଏଡ଼ମିଶନ ହୋଇଥିବା ପିଲା ଜିଲ୍ଲାପାଳଙ୍କ ଅନୁମତିରେ ତାଙ୍କୁ ବିଦ୍ୟାଳୟରେ ନାମ ଲେଖା ଯାଇଥିବା କହିଛନ୍ତି । ଏଥିଷର କୌଣସି ଅନିୟମିତା ହୋଇ ନଥିବା ସ୍ପଷ୍ଟ କରିଛନ୍ତି ।


## ଏସି ପେଡ୍ ଲାଉଞ୍ଜ ପାଇଁ ଇ- ଅକସନ ନୋଟିସ

ଇ-ଅକସନ ନୋଟିସ ନଂ : COM/G.18/3/AC Lounge/ BLS, ତାରିଖ ୧୬.୦୯.୨୦୨୨. ଭାରତର ରାଷ୍ଟ୍ରପତିଙ୍କ ତରଫରୁ, ସିନିଅର ଡିଭିଜନାଲ କମର୍ସିଆଲ୍ ମ୍ୟାନେଜର, ଦକ୍ଷିଣ ପୂର୍ବାଂଚଳ ରେଳପଥ, ଖଡଗପୁର ଡିଭିଜନ୍ ବାଲେଶ୍ୱର ରେଳ ଷ୍ଟେସନରେ ଏସି ପେଡ୍ ଲାଉଞ୍ଜ ୫ (ପାଂଚ) ବର୍ଷ ପାଇଁ ଇ-ନିଲାମକୁ ଆମନ୍ତ୍ରଣ କରିଛନ୍ତି ଯାହାକି https://www.ireps.gov.in ୱେବସାଇଟ୍‌ରେ ସୂଚିତ କରାଯାଇଛି ।

| କାଟାଗୋରୀ | କାଟାଲଗ୍ ନଂ. | ନିଲାମର ତାରିଖ | ନିଲାମ ଆରମ୍ଭ ସମୟ | ନିଲାମ ସମାପ୍ତ ସମୟ |
|---|---|---|---|---|
| ଦେୟ ଓ ବ୍ୟବହାର | ବାଲେଶ୍ୱର ଏସି ଲାଉଞ୍ଜ-୦୪ | ୩୦.୦୯.୨୦୨୨ | ସମୟ ୧୧.୦୦ | ସମୟ ୧୧.୩୦ |

ଇଚ୍ଛୁକ ପକ୍ଷ ଏବଂ କଣ୍ଟ୍ରାକ୍ଟରମାନେ ଏହା ଉପରେ ଧ୍ୟାନ ଦେବା ଏବଂ ଇ-ନିଲାମ ବିଜ୍ଞପ୍ତି ବିଷୟରେ ସବିଶେଷ ତଥ୍ୟ ଏବଂ ସମ୍ବନ୍ଧୀୟ ସୂଚନା ପାଇଁ ଉପରୋକ୍ତ ୱେବସାଇଟ୍ ମାଧ୍ୟମରେ ଯିବା । ଅନୁସନ୍ଧାନ / ସ୍ପଷ୍ଟୀକରଣ ପାଇଁ, ଯଦି ଅଛି, ଦୟାକରି ନିମ୍ନ ସ୍ୱାକ୍ଷରିତ ଅଧିକାରୀଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରନ୍ତୁ ।

ବରିଷ୍ଠ ବିଭାଗୀୟ ବାଣିଜ୍ୟ ପରିଚାଳକ
ଖଡଗପୁର

(PR- 595)

ଦକ୍ଷିଣ ପୂର୍ବ ରେଳପଥ
ହସ ସହିତ ଆପଣଙ୍କ ସେବାରେ


## OFFICE OF THE Election Officer Balasore wholesale Co-operative Store Ltd. Balasore
## NOTICE ON ELECTION PROGRAMME

Notice No – 4 Dt. 16.09.2022

In persuance of the provisions of rule 5 of OCS(Election to the committee) rules 1992, I Sri Gopabandhu Das election officer Balasore Whole Sale Co-operative Store Ltd, Balasore do here by published the notice on Election Programme as in schedule A for information of all the members.

There shall be election for 15 members to the committee, one from each constitutency.

Schedule – A

| SL. NO | DETAILS PROGRAMME | DATE | TIME | PLACE |
|---|---|---|---|---|
| 01. | Publication of provisional electoral roll | 19.09.2022 | 11 am | Balasore wholesale Co-operative Store Ltd, Bls. |
| 02 | Filling of objection on provisional electrol roll with written documents in support of objection | 21.09.2022 | 11 AM to 1 PM | Balasore wholesale Co-operative Store Ltd, Bls. |
| 03. | Hearing of objection on provisional Electrol Roll | 22.09.2022 | 11 AM to 2 PM | Balasore wholesale Co-operative Store Ltd, Bls. |
| 04. | Publication of final Electol Roll | 24.09.2022 | 3PM | Balasore wholesale Co-operative Store Ltd, Bls. |
| 05. | Filing of nomination by contesting candidates with required cost | 27.09.2022 | 11 AM to 2 PM | Balasore wholesale Co-operative Store Ltd, Bls. |
| 06. | Publication list of nomination | 27.09.2022 | 4 PM | Balasore wholesale Co-operative Store Ltd, Bls. |
| 07. | Examination of nomination by the candidates | 28.09.2022 | 11 AM to 2PM | Balasore wholesale Co-operative Store Ltd, Bls. |
| 08. | Filling of objection on nomination by the contesting candidate | 29.09.2022 | 11 AM to 1PM | Balasore wholesale Co-operative Store Ltd, Bls. |
| 09. | Hearing & disposal of objection | 30.09.2022 | 11 AM to 2 PM | Balasore wholesale Co-operative Store Ltd, Bls. |
| 10. | Opportunity to rebute objection | 01.10.2022 | 11 AM | Balasore wholesale Co-operative Store Ltd, Bls. |
| 11. | Publication of valid nomination with symbol | 02.10.2022 | 11 AM | Balasore wholesale Co-operative Store Ltd, Bls. |
| 12. | Withdraw of nomination | 06.10.2022 | 11 AM to 1 PM | Balasore wholesale Co-operative Store Ltd, Bls. |
| 13. | Publication of final list of contesting candidates | 07.10.2022 | 2 PM | Balasore wholesale Co-operative Store Ltd, Bls. |
| 14. | Polling of votes | 23.10.2022 | 7 AM to 4 PM | Balasore Zilla School, Balasore |
| 15. | Counting | After Completion of polling | | Balasore Zilla School, Balasore |

16/9/2022
Election Officer
Balasore Wholes Co-operative Ltd
Balasore

Election Officer
Bls Wholesale Co-op Store
Balasore

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo